GEOD-2
Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Odisha State Open University**
**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ
## Generic Electives (GE) - Course - Odia

## ସାହିତ୍ୟ ଅଧ୍ୟୟନ

## ଉପନ୍ୟାସ ସାହିତ୍ୟ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ - ଓଡ଼ିଆ

ଜିଇଓଡ଼ି - ୨
ସାହିତ୍ୟ ଅଧ୍ୟୟନ

## ବ୍ଲକ୍

## ୨ ଉପନ୍ୟାସ ସାହିତ୍ୟ

ପ୍ରଥମ ଏକକ
**ଉପନ୍ୟାସର ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ ଓ ବିକାଶକ୍ରମ**

ଦ୍ୱିତୀୟ ଏକକ
**ଔପନ୍ୟାସିକ କାହ୍ନୁଚରଣ ମହାନ୍ତି**

ତୃତୀୟ ଏକକ
**ଶାସ୍ତି ଉପନ୍ୟାସର ଆଲୋଚନା**

# ପ୍ରଥମ ଏକକ : ଉପନ୍ୟାସର ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ ଓ ବିକାଶକ୍ରମ

## ବିଷୟ ଗଠନ :


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ଉପନ୍ୟାସର ସଂଜ୍ଞା, ସ୍ୱରୂପ, ଗଠନରୀତି, ପ୍ରକାରଭେଦ ଓ ବିକାଶକ୍ରମ

୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୬ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଯୁଗର ଏକ ବିଶିଷ୍ଟ ସାରସ୍ୱତ କଳା ହେଉଛି ଉପନ୍ୟାସ। ଏହା ମାନବ ଜୀବନର ଏକ ବାସ୍ତବ ଓ ପୂର୍ଣ୍ଣାଙ୍ଗ କାଳ୍ପନିକ ଗଦ୍ୟ-କାହାଣୀ ହୋଇଥିବାରୁ ଏହା ସହିତ ଆଧୁନିକ ମାନବର ନିବିଡ ସଂପର୍କ ରହିଛି। ଏହା ସମାଜର ରୀତିନୀତି ଓ ଯୁଗଯନ୍ତ୍ରଣାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ କଳାତ୍ମକ ଭଙ୍ଗୀରେ ଲୋକଚରିତ୍ରର ବିଶ୍ଳେଷଣ କରିଥାଏ। ଯେଉଁ କଥାକାରଙ୍କର ଲୋକଜୀବନ ସମ୍ପର୍କୀତ ବ୍ୟକ୍ତିଗତ ଧାରଣା ଯେତେ ସୂକ୍ଷ୍ମ ତାଙ୍କ ରଚନା ସେତେ ବାସ୍ତବଧର୍ମୀ ଓ ସେତେ ଜୀବନ୍ତ ହୋଇଥାଏ। ସଂଘର୍ଷବହୁଳ ଜୀବନର ସ୍ୱରୂପ ଉଦଘାଟନ କରିବାରେ ଏହିଭଳି କଥାକାର ବେଶ୍ ସମର୍ଥ ହୋଇଥାଆନ୍ତି। ଉପନ୍ୟାସ ; ମାନବ ଜୀବନର ଏକ ଉଜ୍ଜ୍ୱଳ ପୁସ୍ତକ ହୋଇଥିବାରୁ ଏଥିରେ ଜୀବନବୋଧର ଗଭୀରତା ପ୍ରକଟିତ ହୋଇଥାଏ। ଏଥିରେ ମାନବ ଜୀବନର ହସ-କାନ୍ଦ, ଲହୁ-ଲୁହ, ଆବେଗ-ଉତ୍କଣ୍ଠା ଇତ୍ୟାଦି ମାନବୀୟ ପ୍ରବୃତ୍ତିର କଳାତ୍ମକ ଅଭିବ୍ୟକ୍ତି ପ୍ରକାଶିତ ପାଇଥାଏ। ଏହି ଦୃଷ୍ଟିରୁ ଆଧୁନିକ ସାହିତ୍ୟର ଅନ୍ୟତମ ବିଭାବ ଉପନ୍ୟାସ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଅଧିକାରୀ। ସାହିତ୍ୟର ଅନ୍ୟାନ୍ୟ ବିଭାବ ଭଳି ଏହା ଆଧୁନିକ ଜନଜୀବନ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇଥିବାରୁ ଏହାକୁ ଆଧୁନିକ ଏପିକ୍ ବା ଆଧୁନିକ ମାନବ ଜୀବନର ଗଦ୍ୟ ମହାକାବ୍ୟ ଭାବରେ ମଧ୍ୟ ଅଭିହିତ କରାଯାଇଥାଏ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗ ଗୁଡିକ ଜାଣିପାରିବେ :

- ଉପନ୍ୟାସର ସଂଜ୍ଞା ଓ ସ୍ୱରୂପ
- ଉପନ୍ୟାସର ଗଠନରୀତି
- ଉପନ୍ୟାସର ପ୍ରକାରଭେଦ
- ଓଡ଼ିଆ ଉପନ୍ୟାସର ବିକାଶକ୍ରମ

## ୧.୩ ବିଷୟ ପ୍ରବେଶ

ସାଂପ୍ରତିକ କାଳରେ ଉପନ୍ୟାସ ସାହିତ୍ୟର ବେଶ୍ ଆଦର ରହିଛି। ଉପନ୍ୟାସ ହିଁ ଆଧୁନିକ କାଳର ସର୍ବଶ୍ରେଷ୍ଠ ସାହିତ୍ୟିକ ଅଭିବ୍ୟକ୍ତି। ଏହି ଉପନ୍ୟାସ ମାଧ୍ୟମରେ ଆଧୁନିକ ମଣିଷ ଜୀବନର ଜଟିଳତାର ପୂର୍ଣ୍ଣାଙ୍ଗ ପରିଚୟ ପ୍ରକଟିତ ହେଉଛି। ଉପନ୍ୟାସର ଉତ୍ପତ୍ତି ଘଟିବା ପୂର୍ବରୁ ପୃଥିବୀର ଅଧିକାଂଶ ଦେଶର ସାହିତ୍ୟରେ ଉପନ୍ୟାସୋପମ ରଚନାବଳୀ ପ୍ରକାଶ ପାଇଥିଲେ ମଧ୍ୟ ଆଧୁନିକ ଉପନ୍ୟାସର ସଫଳତାଓ ପୂର୍ଣ୍ଣାଙ୍ଗତା ସେସବୁଥିରେ ପରିଲକ୍ଷିତ ହୁଏନାହିଁ। ଇଂରାଜୀ ସାହିତ୍ୟ ଜଗତରେ ସାମୁଏଲ ରିଚାର୍ଡସନଙ୍କ ଦ୍ୱାରା ରଚିତ 'ପାମେଲା' (୧୭୪୦)ରୁ ହିଁ ଆଧୁନିକ ଉପନ୍ୟାସର ଧାରା ଆରମ୍ଭ ହୋଇଥିଲା। ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ଉପନ୍ୟାସ ରଚନା କରାଯିବାର ପ୍ରୟାସ କରାଗଲା। ୧୮୮୮ ମସିହାରେ ଉମେଶ ଚନ୍ଦ୍ର ସରକାରଙ୍କଦ୍ୱାରା ଚରିତ 'ପଦ୍ମମାଳୀ'କୁ ଓଡ଼ିଆ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ କୁହାଯାଏ।

## ୧.୪ ଉପନ୍ୟାସର ସଂଜ୍ଞା, ସ୍ୱରୂପ, ଗଠନରୀତି, ପ୍ରକାରଭେଦ ଓ ବିକାଶକ୍ରମ

**ଉପନ୍ୟାସର ସଂଜ୍ଞା :**

ଆଧୁନିକ ଉପନ୍ୟାସ ଏତେପ୍ରକାରର ଶୈଳୀ ତଥା ଆଙ୍ଗିକ ଓ ଆତ୍ମିକ ରୂପ ଧରି ପ୍ରକାଶିତ ହେଉଛି ଯେ, କୌଣସି ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଭିତରେ ତାହାର ସମସ୍ତ ପରିଚୟକୁ ଅନ୍ତର୍ଭୁକ୍ତ କରିବା ଅସମ୍ଭବ ବ୍ୟାପାର ହୋଇପଡିଛି। ନାନା ମୁନିଙ୍କ ନାନା ମତ ପରି ଆଜିପର୍ଯ୍ୟନ୍ତ ଉପନ୍ୟାସ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିର୍ଣ୍ଣିତ ହୋଇପାରିନାହିଁ। ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି- ଉପ (ସମିପ) + ନ୍ୟାସ (ବସ୍ତୁ) ସମୀପେ ସ୍ଥାପନ, ଅର୍ଥାତ ନିକଟରେ ଥିବା ବସ୍ତୁର ବର୍ଣ୍ଣନା। ଅମରକୋଷ ଗ୍ରନ୍ଥରେ କହାଯାଇଛି "ଉପନ୍ୟାସସ୍ତୁ ବାଙ୍ ମୁଖମ୍" ଅର୍ଥାତ କଥାର ଆରମ୍ଭ ବା ବାକ୍ୟର ଆରମ୍ଭ ହେଉଛି ଉପନ୍ୟାସ। ସେହିପରି ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉପନ୍ୟାସର ଅର୍ଥ କରାଯାଇଛି କଳ୍ପିତ ବୃତ୍ତାନ୍ତ ବା ଉପକଥା। ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ମୁନିଙ୍କଠାରୁ ଆରମ୍ଭକରି ସଂସ୍କୃତ ସାହିତ୍ୟ ପରମ୍ପରା ଅନୁମୋଦିତ ଅନ୍ୟାନ୍ୟ ଆଚାର୍ଯ୍ୟମାନଙ୍କ ଦ୍ୱାରା ଉପନ୍ୟାସ ବିଭିନ୍ନ ଅର୍ଥରେ ପ୍ରଯୁକ୍ତ ହୋଇଥିଲେହେଁ, ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପିତ ତଥା ପାଠକକୁ ଅନୁମୋଦିତ କରୁଥିବା ରଚନା ଉପନ୍ୟାସ ଭାବରେ ଗୃହିତ ହୋଇଆସୁଅଛି।

ରଚନାରୀତି ଦୃଷ୍ଟିରୁ ବିଚାର କଲେ ସାହିତ୍ୟର ଅନ୍ୟାନ୍ୟ ବିଭାବଭଳି ଉପନ୍ୟାସ କଠୋର ନିୟମାବଦ୍ଧ ନୁହେଁ। ବରଂ ଏହା ଅଧିକ ସଂପ୍ରସାରଣଶୀଳ ଓ ଚିତ୍ତବିନୋଦନ ଧର୍ମୀ ହୋଇଥିବାରୁ ସମାଜର ବ୍ୟାପକ ବିଷୟବସ୍ତୁ ଏହାର ଅନ୍ତର୍ଭୁକ୍ତ ହୋଇପାରୁଛି। ବିଷୟଗତ ବ୍ୟାପକତା ଓ ପରିସରଗତ ବିସ୍ତୃତି ଦୃଷ୍ଟିରୁ ଉପନ୍ୟାସ ପାଇଁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ସ୍ଥିରୀକୃତ ହୋଇପାରିନାହିଁ। ବିଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ପ୍ରକାରେ ଏହାର ସଂଜ୍ଞାକୁ ନିରୁପିତ କରିଛନ୍ତି।

Oxford Junior Encyclopedia ଅନୁସାରେ – "Novel is a long prose story that is largely imaginary." ଉପନ୍ୟାସ ଗଦ୍ୟରେ ଲିଖିତ ଏକ ଦୀର୍ଘ କାଳ୍ପନିକ ଗଳ୍ପ।

H.G.Wells ଙ୍କ ମତରେ - "A novel is a kind of lucky bag into which anything may be poured." ଅର୍ଥାତ - ଉପନ୍ୟାସ ଏପରି ଏକ ସୌଭାଗ୍ୟ-ଥଳି, ଯାହା ଭିତରେ ଯେକୌଣସି ଦ୍ରବ୍ୟକୁ ରଖାଯାଇପାରିବ ।

Hutton ଙ୍କ ମତରେ - "A novel is a work of fiction containing a good story and well-drawn character." ଅର୍ଥାତ- ଉପନ୍ୟାସ ଯଥାର୍ଥତଃ କାହାଣୀ ଓ ସୁନ୍ଦର ଚିତ୍ରିତ ଚରିତ୍ରର ସମନ୍ୱୟ ।

Henery James ଙ୍କ ମତରେ - "A novel is in its broadest definition a personal, a direct impression of life." ଅର୍ଥାତ- ବ୍ୟକ୍ତିଗତ ଓ ପ୍ରତ୍ୟକ୍ଷ ଜୀବନର ଏକ ନିଛକ ପ୍ରତିଛବି ହେଉଛି ଉପନ୍ୟାସ ।

Mattheu Arnould ଙ୍କ ମତରେ - "Novel is the interpretation of human life by means of fictitious narrative in prose."

ଅଧ୍ୟାପକ ତାରିଣୀ ଚରଣ ଦାସଙ୍କ ମତରେ- "ଗଦ୍ୟ ମାଧ୍ୟମକୁ କେନ୍ଦ୍ରକରି ଜୀବନ ଏବଂ ଜଗତର ବିଶ୍ଳେଷଣ କରୁଥିବା କଳାତ୍ମକ ରଚନାର ନାମ ହିଁ ଉପନ୍ୟାସ ।"

ଉପନ୍ୟାସ ସମ୍ବନ୍ଧରେ ବହୁ ଆଲୋଚକ ନିଜ ନିଜର ସୁଚିନ୍ତିତ ଅଭିମତ ମାନ ପ୍ରକାଶ କରିଛନ୍ତି । କିନ୍ତୁ ଏଗୁଡିକୁ ଉପନ୍ୟାସର ନିର୍ଦ୍ଦିଷ୍ଟ ସଂଜ୍ଞା କୁହାନଯାଇ ଏହାକୁ ଉପନ୍ୟାସର ଏକ ମୌଳିକ ରୂପ ବୋଲି କୁହାଯାଇପାରେ । ସମସ୍ତ ଆଲୋଚକଙ୍କ ମତକୁ ଅନୁଧ୍ୟାନ କରି ଶେଷରେ ଏତିକି କୁହାଯାଇପାରେ ଯେ, ଉପନ୍ୟାସ ଏପରି ଏକ ଅନନ୍ୟ ସାରସ୍ୱତ ଶିଳ୍ପକଳା, ଯେଉଁଥିରେ ବାସ୍ତବଧର୍ମୀ ବର୍ଣ୍ଣନା ଓ କଳ୍ପିତ କାହାଣୀର ସାହାଯ୍ୟରେ ମାନବ ଜୀବନର ସମଗ୍ର ଜୀବନବୋଧକୁ ପ୍ରକାଶ କରାଯାଇପାରେ । ଏଥିରେ ପାଠକ ସତ୍ୟ ଓ ସମ୍ଭାବନାକୁ ହୃଦୟଙ୍ଗମ କରିବା ସହିତ ସେଥିରେ ଏକାତ୍ମ ହୋଇ ତନ୍ମଧ୍ୟରେ ନିଜକୁ ଆବିଷ୍କାର କରେ ।

**ଉପନ୍ୟାସର ସ୍ୱରୂପ :**

ଉପନ୍ୟାସର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରିବା ପରି ଏହାର ଏକ ନିର୍ଦ୍ଦିଷ୍ଟ ସ୍ୱରୂପ ନିର୍ଦ୍ଧାରଣ କରିବା ମଧ୍ୟ କାଠିକର ପାଠ । ଯେଉଁ ଉପନ୍ୟାସ ପାଠକଙ୍କୁ ମନୋରଞ୍ଜନର ଖୋରାକ ଦେଇ ପାରିଲା ନାହିଁ ସେହି ଉପନ୍ୟାସକୁ ଏକ ଉତ୍କୃଷ୍ଟମାନର ଉପନ୍ୟାସ ଭାବରେ ଗ୍ରହଣ କରାଯାଇନପାରେ । ସାହିତ୍ୟର ଅନ୍ୟାନ୍ୟ ବିଭାବ ଯଥା - ନାଟକ, କ୍ଷୁଦ୍ରଗଳ୍ପ, କାବ୍ୟ - କବିତା, ପ୍ରବନ୍ଧ ଆଦିରୁ କିଛି କିଛି ଉପାଦାନ ଗ୍ରହଣ କରି ଉପନ୍ୟାସର କଳେବର ଗଠିତ ହୋଇଥାଏ । ଉପନ୍ୟାସରେ ନାଟକର ନାଟକୀୟତା, କ୍ଷୁଦ୍ରଗଳ୍ପର କାହାଣୀଧର୍ମିତା, କାବ୍ୟର କାବ୍ୟିକତା ଓ ପ୍ରବନ୍ଧର ଗାମ୍ଭୀର୍ଯ୍ୟତା ଆଦି ଦେଖିବାକୁ ମିଳିଥାଏ । କ୍ଷୁଦ୍ରଗଳ୍ପକୁ ବଢ଼ାଇଦେଲେ ଉପନ୍ୟାସ ହୋଇଯାଏ ବୋଲି କିଛି ଆଲୋଚକ ମତବ୍ୟକ୍ତ କରୁଥିବା ବେଳେ ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । କାରଣ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଉଭୟଙ୍କର ଶିଳ୍ପଧର୍ମ ଭିନ୍ନ । ଉଭୟେ ଗଦ୍ୟ ବିଭାଗର ଦୁଇଟି ସ୍ୱୟଂସମ୍ପୂର୍ଣ୍ଣ କଳା ହୋଇଥିଲେ ହେଁ କ୍ଷୁଦ୍ରଗଳ୍ପ ସଙ୍କେତଧର୍ମୀ ହୋଇଥିବା ବେଳେ ଉପନ୍ୟାସ ବର୍ଣ୍ଣନାଧର୍ମୀ ହୋଇଥାଏ । କ୍ଷୁଦ୍ରଗଳ୍ପରେ ଚରିତ୍ରର ଏକ ବିଶେଷ

ମୁହୂର୍ତ୍ତ ବା ଏକ ପରିବେଶର ବର୍ଣ୍ଣନା ରହୁଥିବା ବେଳେ, ଉପନ୍ୟାସରେ ଏକ ପୂର୍ଣ୍ଣାଙ୍ଗ ଜୀବନର ଚିତ୍ର ଉପସ୍ଥାପିତ ହୋଇଥାଏ। କ୍ଷୁଦ୍ରଗଳ୍ପରେ ମାତ୍ର କେତୋଟି ଚରିତ୍ର ଥିବାବେଳେ ଉପନ୍ୟାସରେ ବହୁ ଚରିତ୍ରର ସମାବେଶ ହୋଇଥାଏ। କ୍ଷୁଦ୍ରଗଳ୍ପରେ ଗୋଟିଏ ଘଟଣା ଥିବାବେଳେ ଉପନ୍ୟାସ ହୋଇଥାଏ ଘଟଣା ବହୁଳ। ଏହିସବୁ ସାମ୍ୟ ଓ ବୈଷମ୍ୟ ଯୋଗୁଁ କ୍ଷୁଦ୍ରଗଳ୍ପଠାରୁ ଉପନ୍ୟାସର ସ୍ୱରୂପ ସ୍ପଷ୍ଟ ଭାବରେ ବାରିହୋଇପଡ଼େ।

କେବଳ କ୍ଷୁଦ୍ରଗଳ୍ପ ନୁହେଁ, ସାହିତ୍ୟର ଅନ୍ୟାନ୍ୟ ବିଭାବଠାରୁ ମଧ୍ୟ ଉପନ୍ୟାସ ସମ୍ପୂର୍ଣ୍ଣ ଅଲଗା। ଉଭୟ ନାଟକ ଓ ଉପନ୍ୟାସରେ ନାଟକୀୟତା ଥିଲେ ମଧ୍ୟ ନାଟକର ପରିସର ସିମିତ ଓ ତାହା ମିଶ୍ରକଳା ହୋଇଥିବାରୁ ଔପନ୍ୟାସିକଙ୍କ ଭଳି ନାଟ୍ୟକାରଙ୍କର ସେତେ ସ୍ୱାଧୀନତା ନଥାଏ। ମାତ୍ର ଉପନ୍ୟାସରେ ଥିବା ନାଟକୀୟ ଗୁଣକୁ ନେଇ ଅନେକ ନାଟକ ବା ଚଳଚ୍ଚିତ୍ର ରଚନା କରାଯାଇପାରିଛି। ଆଧୁନିକ କାଳର ଔପନ୍ୟାସିକମାନେ ଉପନ୍ୟାସରେ ନାଟକର ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଆଦିକୁ ପ୍ରୟୋଗ କରି ଉପନ୍ୟାସକୁ ଅଧିକ ଜୀବନ୍ତ ଓ ହୃଦୟସ୍ପର୍ଶୀ କରିପାରିଛନ୍ତି। ସମାଜ ଜୀବନର ଛବି ଉପସ୍ଥାପନ କଲାବେଳେ ଔପନ୍ୟାସିକଙ୍କର ଅନୁଭୂତି ତଥା ନିଜର ଜୀବନ ଦର୍ଶନ ଉପନ୍ୟାସରେ ସ୍ୱତଃ ପ୍ରତିବିମ୍ବିତ ହୋଇଉଠେ ଯାହାକି ଜଣେ ନାଟ୍ୟକାର ନାଟକରେ କରିପାରନ୍ତି ନାହିଁ। ଏଥିରୁ ଜଣାପଡେ ଯେ; ଉପନ୍ୟାସ ଏକ ସ୍ୱୟଂସମ୍ପୂର୍ଣ୍ଣ ତଥା ଜୀବନଧର୍ମୀ କଳା ଯାହାକି ଜୀବନର ବହୁମୁଖୀ ଦିଗକୁ ଆଲୋକିତ କରିବା ସହିତ ସମକାଳୀନ ସାମାଜିକ ଦିଗକୁ ମଧ୍ୟ ଉନ୍ମୋଚନ କରିଥାଏ।

ଉପନ୍ୟାସର ସ୍ୱରୂପ ଉଦଘାଟନରେ ଏହାର ଗଠନରୀତି ସହାୟକ ହେବା ଦୃଷ୍ଟିରୁ ଏହାର ଗଠନରୀତି ସଂପର୍କରେ ନିମ୍ନରେ ଆଲୋଚନା କରାଯାଇପାରେ।

**ଉପନ୍ୟାସର ଗଠନରୀତି :**

ଆଧୁନିକ ଯୁଗରେ ନାନା ପରୀକ୍ଷା ଓ ପ୍ରୟୋଗ ମଧ୍ୟ ଦେଇ ଉପନ୍ୟାସ ଗତି କରୁଛି। କାବ୍ୟ ବା ନାଟକ ଭଳି ଏହାକୁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟ ରେ ବାନ୍ଧି ରଖାଯାଇପାରିବ ନାହିଁ। ଉପନ୍ୟାସ କେତେ ପୃଷ୍ଠାର, କେତେ ଅଧ୍ୟାୟ ବିଶିଷ୍ଟ ବା କେତେ ଶବ୍ଦ ସମ୍ବଳିତ ହେବ ସେ ସଂପର୍କରେ କୌଣସି ବିଧିବଦ୍ଧ ନିୟମ ନିର୍ଦ୍ଧାରଣ କରାଯାଇନାହିଁ। ଶରୀର ଗଠନ ନିମନ୍ତେ କିଛି ଆଙ୍ଗିକ ଓ ଆତ୍ମିକ ଉପାଦାନର ଆବଶ୍ୟକତା ଥିବାଭଳି ଉପନ୍ୟାସର ଶରୀର ମଧ୍ୟ କେତୋଟି ଉପାଦାନକୁ ନେଇ ଗଠିତ ହୋଇଛି। ସେଗୁଡିକ ହେଉଛି - (୧) - କଥାବସ୍ତୁ, (୨) - ଚରିତ୍ର, (୩) - ଭାଷା ଓ ସଂଳାପ, (୪) - ଦେଶକାଳ ବା ପରିବେଶ, (୫) - ଉଦ୍ଦେଶ୍ୟ ବା ମର୍ମବାଣୀ ଓ (୬) - ଶୈଳୀ।

- **କଥାବସ୍ତୁ :** କଥାବସ୍ତୁ ବା କାହାଣୀ ହେଉଛି ଉପନ୍ୟାସର ମୂଳ ତଥା ପ୍ରମୁଖ ଉପାଦାନ। ଗୋଟିଏ ଉପନ୍ୟାସର ଗଠନପାଇଁ ଏହା ସର୍ବପ୍ରଧାନ ଓ ସର୍ବପ୍ରଥମ ଉପାଦାନ। ଆଖ୍ୟାନ ବା କାହାଣୀ ମାଧ୍ୟମରେ ହିଁ ଔପନ୍ୟାସିକ ଉପନ୍ୟାସର ତାତ୍ପର୍ଯ୍ୟ ପାଠକମାନଙ୍କ ପାଖରେ ପାହଞ୍ଚାଇଥାଆନ୍ତି। ତେଣୁ ଏହି ଆଖ୍ୟାନ ବା କାହାଣୀ ହେଉଛି ଏହାର ଭିତ୍ତିଭୂମି। ଏହାରି ଉପରେ ହିଁ ଉପନ୍ୟାସଟି ଦଣ୍ଡାୟମାନ ହୋଇଥାଏ। ଏହି କାହାଣୀ ଯଦିଓ ଉପନ୍ୟାସର ମୂଳଉତ୍ସ ତଥାପି ଏହା ଉପନ୍ୟାସର କଥାବସ୍ତୁ ବା ପ୍ଲଟଠାରୁ ଅଲଗା। ଯେଉଁ ଘଟଣାବଳୀ ଚରିତ୍ରମାନଙ୍କ ଦ୍ୱାରା ଘଟିଥାଏ ତାହାକୁ କାହାଣୀ କୁହାଯାଉଥିବାବେଳେ ଯେଉଁଭଳି ଭାବରେ ସେହି ଘଟଣାମାନ ଘଟିଲା

ତାହାର ବର୍ଣ୍ଣନାକୁ ପ୍ଲଟ କୁହାଯାଇଥାଏ। ଅନ୍ୟ ଅର୍ଥରେ ଅବ୍ୟବସ୍ଥିତ ଘଟଣା ବା କାହାଣୀର ସୁବ୍ୟବସ୍ଥିତ କଳାତ୍ମକ ସଜ୍ଜୀକରଣର ସାହିତ୍ୟିକ ନାମ ହୋଉଛି କାଥାବସ୍ତୁ ବା ପ୍ଲଟ। ଗଳ୍ପ ଭାଗଟି ପାଠକର କୌତୁହଳ ଦମନ କରିବା ପାଇଁ ସମର୍ଥ ଥିବାବେଳେ ପ୍ଲଟ ପାଠକର ବୃଦ୍ଧି ଓ ସ୍ମୃତିର ପୃଷ୍ଟିସାଧନ କରିଥାଏ। ଉପସ୍ଥାପନା ଦୃଷ୍ଟିରୁ ଉପନ୍ୟାସରେ ଏକାଦିକ୍ରମେ ଅନେକ ପ୍ଲଟ ଦୃଷ୍ଟିଗୋଚର ହୋଇଥାଏ। ସେଥିରେ ଗୋଟିଏ ମୁଖ୍ୟ ପ୍ଲଟ ଥାଏ ଏବଂ ଅନ୍ୟ ଗୌଣ ପ୍ଲଟଗୁଡ଼ିକ ତାର ଅଂଶ ବା ଅଙ୍ଗ ଭାବରେ ଥାଇ ଉପନ୍ୟାସକୁ ଗତିଶୀଳ କରାଇବାରେ ସାହାଯ୍ୟ କରିଥାଆନ୍ତି। କେତେକ ଉପନ୍ୟାସରେ କେବଳ ଗୋଟିଏ ପ୍ଲଟ ଥିବାବେଳେ ଆଉ କେତୋଟି ଉପନ୍ୟାସରେ ଅନେକ ଅନାବଶ୍ୟକ ପ୍ଲଟ ଥିବାର ମଧ୍ୟ ଦେଖାଯାଇଥାଏ। କଥାବସ୍ତୁ ବା କାହାଣୀକୁ ଆରମ୍ଭ, ଘଟଣାପ୍ରବାହ ଓ ଶୀର୍ଷବିନ୍ଦୁ ଭାବରେ ସଜ୍ଜିତ କରି ତାକୁ ଦକ୍ଷତାର ସହିତ ପରିବେଷଣ କରିପାରିଲେ ଉପନ୍ୟାସଟି ସଫଳତାଲାଭ କରିଥାଏ। ଉପଯୁକ୍ତ କାହାଣୀର ଚୟନ ଓ ତାର ସଠିକ ଉପସ୍ଥାପନା ହୋଇଥିଲେ, ପାଠକ ଉପନ୍ୟାସଟିକୁ ଆରମ୍ଭ କରି ଶେଷ ନକରିବା ପର୍ଯ୍ୟନ୍ତ ରହିପାରେନାହିଁ।

- **ଚରିତ୍ର :** କଥାବସ୍ତୁ ବା କାହାଣୀ ଭଳି ଚରିତ୍ର ମଧ୍ୟ ଉପନ୍ୟାସର ଏକ ବିଶିଷ୍ଟ ଉପାଦାନ। କଥାବସ୍ତୁର ଉପସ୍ଥାପନା ଏବଂ ଚରିତ୍ରର ଚିତ୍ରଣ ଉପରେ ହିଁ ଉପନ୍ୟାସର ସଫଳତା ବା ବିଫଳତା ନିର୍ଭର କରେ। ଉପନ୍ୟାସରେ ଘଟଣାର ଗତିଶୀଳତା ଏହି ଚରିତ୍ର ମାଧ୍ୟମରେ ହିଁ ହୋଇଥାଏ। ଉପନ୍ୟାସ ରଚନାର ପ୍ରାରମ୍ଭିକ କାଳରେ ଚରିତ୍ର ପ୍ଲଟର ଅନୁଗାମୀ ଥିଲା, ମାତ୍ର ସାଂପ୍ରତିକ କାଳରେ ଚରିତ୍ରର ପ୍ରାଧାନ୍ୟ ବଢ଼ିବାରୁ କେତେକ କ୍ଷେତ୍ରରେ କାହାଣୀ ଚରିତ୍ରର ଅନୁଗାମୀ ହେଉଛି। ଉପନ୍ୟାସରେ ସାଧାରଣତଃ ଦୁଇପ୍ରକାର ଚରିତ୍ରର ସମାବେଶ ହୋଇଥାଏ। ଗୋଟିଏ ମୁଖ୍ୟ ଚରିତ୍ର ଓ ଅନ୍ୟଟି ଗୌଣ ଚରିତ୍ର। ନାୟକ, ନାୟିକା ଆଦି କେତୋଟି ପ୍ରଭାବଶାଳୀ ଚରିତ୍ର ମୁଖ୍ୟ ଥିବାବେଳେ ଏହି ମୁଖ୍ୟ ଚରିତ୍ରର ବିକାଶ ତଥା କାହାଣୀର ଗତିଶୀଳତାରେ ଗୌଣ ଚରିତ୍ରଗୁଡ଼ିକ ସହାୟକ ହୋଇଥାଆନ୍ତି। ନାୟକର ପ୍ରତିଦ୍ୱନ୍ଦୀ ଭାବରେ ଥିବା ଚରିତ୍ରକୁ ପ୍ରତିନାୟକ ବା ଖଳନାୟକ କୁହାଯାଇଥାଏ। କାହାଣୀର ଆବଶ୍ୟକତା ଦୃଷ୍ଟିରୁ ଉପନ୍ୟାସକାର ପୁରୁଷ କିମ୍ବା ନାରୀ ଚରିତ୍ରକୁ ପ୍ରାଧାନ୍ୟ ଦେବାକୁ ବାଧ୍ୟ ହୁଅନ୍ତି। ବିଷୟବସ୍ତୁ ଦୃଷ୍ଟିରୁ ଉପନ୍ୟାସକାର ବିଭିନ୍ନ ଚରିତ୍ରର ଉପସ୍ଥାପନା କରିଥାଆନ୍ତି। ବେଳେବେଳେ ମାନବେତର ଚରିତ୍ରମାନଙ୍କୁ ମଧ୍ୟ ଉପନ୍ୟାସରେ ସ୍ଥାନିତ କରାଯାଇଥିବାର ଦେଖିବାକୁ ମିଳେ।

ଏହା ବ୍ୟତୀତ ପ୍ରତିନିଧି ଶ୍ରେଣୀୟ ଚରିତ୍ର ଓ ଜଟିଳ ଚରିତ୍ର ଭାବରେ ମଧ୍ୟ ଚରିତ୍ରକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଓକିଲ, ସାହୁକାର, ଚଷା, ଶିକ୍ଷକ, ଡାକ୍ତର ଆଦି ହେଉଛନ୍ତି ପ୍ରତିନିଧି ସ୍ଥାନୀୟ ଚରିତ୍ର ବା (Type character)। ଯେଉଁମାନଙ୍କର ସ୍ୱଭାବ ବା ବୃତ୍ତିରେ ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଦୌ ପରିବର୍ତ୍ତନ ହୁଏନାହିଁ। ଏହି ଚରିତ୍ରଗୁଡ଼ିକ ଅପରିବର୍ତ୍ତନୀୟ ହୋଇଥିବାରୁ ଉପନ୍ୟାସରେ ଏଗୁଡ଼ିକର କୌଣସି ବୈଚିତ୍ର୍ୟ ନଥିଲେ ମଧ୍ୟ ଉପନ୍ୟାସରେ ଏମାନଙ୍କର ଆବଶ୍ୟକତା ବେଶ୍ ଅନୁଭୁତ ହୋଇଥାଏ। ଆଲୋଚକମାନେ ଏହାକୁ ସରଳ ବା ସମତଳ ଚରିତ୍ର ବା ଇଂରାଜୀରେ ଏହାକୁ (Flate character) ଭାବରେ ନାମିତ କରନ୍ତି। ଆଉ କେତେକ ଚରିତ୍ର ସରଳ ନହୋଇ ଜଟିଳ ପ୍ରକୃତିର ହୋଇଥାଆନ୍ତି। ଏମାନେ ଉପନ୍ୟାସକୁ ବୈଚିତ୍ର୍ୟମଣ୍ଡିତ କରିଥାଆନ୍ତି। ଏ ଧରଣର ଚରିତ୍ରକୁ ଜଟିଳ ଚରିତ୍ର ବା ଘୁର୍ଣ୍ଣାୟମାନ ଚରିତ୍ର ବା

ଇଂରାଜୀରେ ଏହାକୁ (Round character) ଭାବରେ ନାମିତ କରାଯାଏ। ବିଷୟବସ୍ତୁ ଅନୁସାରେ ଠିକ୍ ଚରିତ୍ରକୁ ଚୟନ କରି ତାକୁ ଠିକ୍ ଭାବରେ ଉପସ୍ଥାପନା କରିପାରିଲେ ଔପନ୍ୟାସିକଙ୍କର ଦକ୍ଷତା ପ୍ରତିପାଦିତ ହୋଇପାରେ।

- **ଭାଷା ଓ ସଂଳାପ :** ଭାଷା ହେଉଛି ଭାବପ୍ରକାଶର ଏକ ମାଧ୍ୟମ। ଔପନ୍ୟାସିକ ନିଜ ମନର ଭାବକୁ ଉପନ୍ୟାସ ମାଧ୍ୟମରେ ବିଭିନ୍ନ ବର୍ଗର ପାଠକଙ୍କ ପାଖରେ ପହଞ୍ଚାଇଥାଆନ୍ତି। ଏଣୁ ଉପନ୍ୟାସର ଭାଷା ସାଧାରଣତଃ ସରଳ ଓ ସର୍ବଜନବୋଧ ହେବା ଉଚିତ। ଉପନ୍ୟାସରେ ସବୁଧରଣର ଭାଷା ପ୍ରୟୋଗ କରିବା ପାଇଁ ପ୍ରଶସ୍ତ କ୍ଷେତ୍ର ଥିଲେ ହେଁ ଉପଯୁକ୍ତ ଭାଷାର ପ୍ରୟୋଗ ଦ୍ୱାରା ଚରିତ୍ର ଓ ପରିବେଶକୁ ଜୀବନ୍ତ ଭାବରେ ଫୁଟାଇବା ସହ ଉପନ୍ୟାସର କଳାଧର୍ମକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥାଏ।

  ନାଟକ ପରି ଉପନ୍ୟାସରେ ସଂଳାପର ଆବଶ୍ୟକତା ନଥିଲେ ମଧ୍ୟ କଳାତ୍ମକ ଦୃଷ୍ଟିକୋଣରୁ ଆଧୁନିକ ଉପନ୍ୟାସରେ ଏହାର ବ୍ୟବହାର କରାଯାଉଛି। ଏହି ସଂଳାପ ଦ୍ୱାରା ଚରିତ୍ରର ଅନ୍ତଃରୂପ ପ୍ରକାଶିତ ହୋଇଥାଏ। ଚରିତ୍ରମାନଙ୍କର ଆବେଗ, ଅନୁଭୂତି, କ୍ରିୟା, ପ୍ରତିକ୍ରିୟା ଆଦି ସଂଳାପ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ। ଉପନ୍ୟାସରେ ଭାବାନୁସାରୀ ଭାଷା ଓ ପାତ୍ରାନୁସାରି ସଂଳାପର ପ୍ରୟୋଗ କରାଗଲେ ଉପନ୍ୟାସଟି ସଫଳ ଓ ରସୋତ୍ତୀର୍ଣ୍ଣ ହୋଇପାରିଥାଏ। ଏଣୁ ଉପନ୍ୟାସ ରଚନା କାଳରେ ଏହାର ଅନ୍ୟାନ୍ୟ ଆଙ୍ଗିକ ବିଭବ ଭଳି ଭାଷା ଓ ସଂଳାପର ପ୍ରୟୋଗ ପ୍ରତି ମଧ୍ୟ ଉପଯୁକ୍ତ ଦୃଷ୍ଟି ଦେବା ଉଚିତ।

- **ଦେଶକାଳ ବା ପରିବେଶ :** ଉପନ୍ୟାସରେ ବର୍ଣ୍ଣିତ ହୋଇଥିବା ତତ୍କାଳୀନ ସମାଜ ଜୀବନର ଚିତ୍ର ଅବା ପ୍ରାକୃତିକ ପରିବେଶ ଆଦି ଦେଶକାଳ ବା ପରିବେଶର ଅନ୍ତର୍ଗତ। ଔପନ୍ୟାସିକ ନିଜ ଉପନ୍ୟାସର କାହାଣୀ ଓ ଚରିତ୍ରକୁ ଦେଶକାଳ ଓ ପରିବେଶ ଅନୁସାରୀ କରିବା ଫଳରେ ଉପନ୍ୟାସରେ ଯୁଗର ପ୍ରବୃତ୍ତି, ଚିନ୍ତାଧାରା, ସାମାଜିକ ଚଳଣି ଓ ପରମ୍ପରା ଆଦି ଫୁଟିଉଠିଥାଏ। ଏହା ଉପନ୍ୟାସକୁ ବାସ୍ତବ ଜଗତକୁ ଫେରାଇଆଣିବାରେ ସାହାଯ୍ୟ କରିଥାଏ। ଏହି ଦୃଷ୍ଟିରୁ ଉପନ୍ୟାସରେ ଏହି ଉପାଦାନର ଏକ ବିଶେଷ ଭୂମିକା ରହିଛି। ଉପନ୍ୟାସରେ ଦିଆଯାଇଥିବା ପରିବେଶଟି ଉପନ୍ୟାସର ଆଭିମୁଖ୍ୟ ଅନୁସାରେ ହେବା ଉଚିତ। ଐତିହାସିକ ଉପନ୍ୟାସରେ ଇତିହାସର ପୃଷ୍ଠଭୂମୀ ଓ ସାମାଜିକ ଉପନ୍ୟାସରେ ସମାଜ ଜୀବନର ସ୍ଥିତିକୁ ଦିଆଗଲେ ଉପନ୍ୟାସଟି ଉପଭୋଗ୍ୟ ହୋଇଥାଏ। ସେହିପରି ଯୁଦ୍ଧର ବିଭୀଷିକା, ଦୁର୍ଭିକ୍ଷ, ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର କରାଳଚିତ୍ର ଓ ନଦୀ, ପର୍ବତ, ଝରଣା ଆଦି ପ୍ରାକୃତିକ ଦୃଶ୍ୟ ସମେତ ବିଭିନ୍ନସ୍ଥାନର ବର୍ଣ୍ଣନା ପରିବେଶଗତ ବିଶେଷତ୍ୱକୁ ପ୍ରତିକିତ କରିଥାଏ। ଉପନ୍ୟାସରେ ଦେଶକାଳର ବର୍ଣ୍ଣନା ସହ ନିଖୁଣ ପରିବେଶ ସୃଷ୍ଟିହିଁ ଉପନ୍ୟାସର ସୌନ୍ଦର୍ଯ୍ୟ ପ୍ରକଟିତ କରିଥାଏ। ଦେଶକାଳର ବର୍ଣ୍ଣନା ସହ ଉପଯୁକ୍ତ ପରିବେଶ ସୃଷ୍ଟିରେ ଉପନ୍ୟାସର ସାର୍ଥକତା ନିର୍ଭର କରୁଥିବାରୁ ଆଧୁନିକ କାଳର ଔପନ୍ୟାସିକମାନେ ଏଥିପ୍ରତି ବେଶ୍ ସଚେତନଥିବାର ଜଣାପଡ଼େ।

- **ଉଦ୍ଦେଶ୍ୟ ଓ ମର୍ମବାଣୀ :** ଉପନ୍ୟାସରେ କେବଳ ମନୋହର କାହାଣୀ କହିବା କିମ୍ବା ଜୀବନ୍ତ ଚରିତ୍ର ଚିତ୍ରଣ କରିବାରେ ଔପନ୍ୟାସିକଙ୍କର ପାରଦର୍ଶିତା ପ୍ରଦର୍ଶନ ହୁଏନାହିଁ। ନିଜର ଉଦ୍ଦେଶ୍ୟ ଓ ମର୍ମବାଣୀକୁ ପାଠକଙ୍କ

ପାଖରେ ପହଞ୍ଚାଇବା ପାଇଁ ସେ ସର୍ବଦା ଚେଷ୍ଟିତ ହୋଇଥାଏ। ଔପନ୍ୟାସିକ ସମାଜରେ ବାସ କରିବା ସହ ସମାଜକୁ ଦେଖେ ଓ ସମାଜ ସଂପର୍କରେ ଗଭୀର ଚିନ୍ତାକରି ନିଜ ଉପନ୍ୟାସ ମାଧ୍ୟମରେ ସମାଜର ଅସଲ ରୂପକୁ ଦେଖାଇ ଦିଏ। ସମାଜରୁ ଆହରଣ କରିଥିବା ଅନୁଭୂତି ଓ ଅଭିଜ୍ଞତାକୁ ସେ କଲମମୁନରେ ଫୁଟାଇବାକୁ ଚେଷ୍ଟାକରେ। ଅନେକ ନୈତିକ ସମସ୍ୟାର ସମାଧାନ ଓ ତାହା ସମାହିତ ହେବାର ସଂକେତ ହେଉଛି ଉପନ୍ୟାସର ମର୍ମବାଣୀ। ଏହି ମର୍ମବାଣୀ ସିଧାସଳଖ ଭାବରେ ପ୍ରକାଶିତ ନହୋଇ ସୂକ୍ଷ୍ମ ଭାବରେ ପ୍ରକାଶିତ ହୋଇଥାଏ। ଏହାକୁ ଲେଖକଙ୍କ ଜୀବନ ଦର୍ଶନ ମଧ୍ୟ କୁହାଯାଏ। ମାତ୍ର ଏହା ଯେତେବେଳେ ସ୍ଥୁଳ ବା ପରୋକ୍ଷ ଭାବରେ ପ୍ରକାଶିତ ହୋଇଥାଏ ତାହାକୁ ଉଦ୍ଦେଶ୍ୟ କୁହାଯାଏ। ସମାଜରେ ଥିବା ସାମାଜିକ ସମସ୍ୟା, କୁସଂସ୍କାର ଓ ତ୍ରୁଟିବିଚ୍ୟୁତି ଆଦିକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ ମଣିଷର ସମ୍ମୁଖକୁ ଆଣି ତାହାର ସମାଧାନର ରାସ୍ତା ବାହାର କରିବା ହେଉଛି ଔପନ୍ୟାସିକଙ୍କର ଉଦ୍ଦେଶ୍ୟ ବା ଉପନ୍ୟାସର ମର୍ମବାଣୀ।

- **ଶୈଳୀ :** କଥାରେ ଅଛି (every man is a style)। ପ୍ରତ୍ୟେକ ମଣିଷଙ୍କର ଏକ ସ୍ୱତନ୍ତ୍ର ଶୈଳୀ ଥିଲାପରି ପ୍ରତ୍ୟେକ ସାହିତ୍ୟିକ ବା ଔପନ୍ୟାସିକଙ୍କର ମଧ୍ୟ ଏକ ନିଜସ୍ୱ ଉପସ୍ଥାପନା ଶୈଳୀ ରହିଛି। ପ୍ରତ୍ୟେକ ଔପନ୍ୟାସିକଙ୍କ ଉପସ୍ଥାପନା ଶୈଳୀରେ କିଛି ନା କିଛି ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ। ଏହି ଶୈଳୀଗତ ସ୍ୱାତନ୍ତ୍ରତା ଜଣେ ଔପନ୍ୟାସିକଙ୍କ ବ୍ୟକ୍ତିତ୍ୱର ପରିଚୟ ଦେବା ସହ ଉପନ୍ୟାସର ସଫଳତାଓ ବିଫଳତାକୁ ମଧ୍ୟ ନିର୍ଣ୍ଣୟ କରିଥାଏ। ସାଧାରଣତଃ ଉପନ୍ୟାସରେ ବର୍ଣ୍ଣନାଧର୍ମୀ ଓ ବିଶ୍ଳେଷଣଧର୍ମୀ ଗଦ୍ୟଶୈଳୀର ପ୍ରୟୋଗ ହେଉଥିଲେ ହେଁ ଆବଶ୍ୟକ ସ୍ଥଳେ କାବ୍ୟିକ ଓ ନାଟକୀୟ ଶୈଳୀ ମଧ୍ୟ ଅନୁସୃତ ହେଉଥିବାର ଦେଖାଯାଏ। ବର୍ଣ୍ଣନାତ୍ମକ ଶୈଳୀରେ ଔପନ୍ୟାସିକ ଚରିତ୍ର, କାହାଣୀ ଓ ପରିବେଶ ଆଦିର ନିଖୁଣ ଚିତ୍ର ଦେଇପାରିଥାଆନ୍ତି। ଏହି ଶୈଳୀ ଦ୍ୱାରା ଉପନ୍ୟାସର କାହାଣୀକୁ ଅଧିକ ଜୀବନ୍ତ କରାଯାଇପାରେ। କିନ୍ତୁ ବିଶ୍ଳେଷଣାତ୍ମକ ଶୈଳୀରେ ଚରିତ୍ରମାନଙ୍କ ଜରିଆରେ ଔପନ୍ୟାସିକ ନିଜ ମନୋଭାବକୁ ପ୍ରକାଶ କରିବାରେ ସମର୍ଥ ହେବା ସହ ସମାଜର ଅନ୍ତଃରୂପକୁ ବିସ୍ତୃତ ଭାବରେ ଉପସ୍ଥାପନା କରିବାର ସୁଯୋଗ ପାଇଥାଏ।

ଯେଉଁ ଉପନ୍ୟାସରେ ସାମାଜିକ ଓ ଐତିହାସିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇ ଘଟଣା ଓ ଚରିତ୍ର ଆଦିର ବର୍ଣ୍ଣନା ପ୍ରଥମ ପୁରୁଷରେ କରାଯାଇଥାଏ ତାହାକୁ ଆତ୍ମକଥନମୂଳକ ଶୈଳୀର ଉପନ୍ୟାସ କୁହାଯାଏ। ଏହି ଉପନ୍ୟାସର ସମ୍ପୂର୍ଣ୍ଣ କଥାବସ୍ତୁଟି ନାୟକ ବା ନାୟିକା ମୁଖରେ ଉପସ୍ଥାପିତ ହୋଇଥାଏ। କେତେକ ଉପନ୍ୟାସ ପତ୍ରଭିତ୍ତିକ ଶୈଳୀ ବା କେତୋଟି ପତ୍ର ମାଧ୍ୟମରେ ଲିଖିତ ହୋଇଥିବାର ମଧ୍ୟ ଦେଖାଯାଏ।

ପାଠକଙ୍କ ଆମୋଦ ନିମନ୍ତେ ଉପନ୍ୟାସକୁ ସୁବୋଧଓ ସ୍ୱାଭାବିକ କରିବା ପାଇଁ ଔପନ୍ୟାସିକ ଯତ୍ନବାନ ହେବା ଆବଶ୍ୟକ। ରଚନା ଶୈଳୀଟି ଯେତେ ସରଳ ଓ ସାବଲୀଳ ହୋଇପାରିବ ଉପନ୍ୟାସ ସେତେ ଆଦୃତି ଲାଭ କରିପାରିବ। ଏହି ଦୃଷ୍ଟିରୁ ଉପନ୍ୟାସ ରଚନାରେ ଶୈଳୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

- **ଉପନ୍ୟାସର ପ୍ରକାରଭେଦ :** ଆଧୁନିକ କାଳରେ ବିଭିନ୍ନ ପ୍ରକାରର ଉପନ୍ୟାସ ଦେଖିବାକୁ ମିଳୁଛି। ସେଗୁଡ଼ିକୁ ଏକ ବିଧିବଦ୍ଧ ଶ୍ରେଣୀ ବିଭାଗ କରିବା ଏକ କାଠିକର ପାଠ। ବିଶେଷକରି ଗଠନଗତ ଓ ବିଷୟଗତ ଦୃଷ୍ଟିକୋଣରୁ ଉପନ୍ୟାସକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପୁଣି ଗଠନ

ପ୍ରଣାଳୀ ଦୃଷ୍ଟିରୁ ଉପନ୍ୟାସକୁ ତିନି ଭାଗରେ (ଘଟଣା ପ୍ରଧାନ, ଚରିତ ପ୍ରଧାନ ଓ କାବ୍ୟଧର୍ମୀ) ଭାବରେ ବିଭକ୍ତ କରାଯାଉଥିବା ବେଳେ, ବିଷୟବସ୍ତୁ ଦୃଷ୍ଟିରୁ ଉପନ୍ୟାସଗୁଡ଼ିକୁ ସାମାଜିକ, ଐତିହାସିକ, ପାରିବାରିକ, ରାଜନୈତିକ, ବୈଜ୍ଞାନିକ, ଗୋଇନ୍ଦାମୂଳକ ଆଦି ଭାବରେ ମଧ୍ୟ ବିଭାଜନ କରାଯାଇଥାଏ।

- **ଘଟଣାପ୍ରଧାନ ଉପନ୍ୟାସ :** ଯେଉଁ ଉପନ୍ୟାସରେ କାହାଣୀ ଓ ଚରିତ୍ର ଅପେକ୍ଷା ଘଟଣାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ, ତାହାକୁ ଘଟଣାପ୍ରଧାନ ଉପନ୍ୟାସ କୁହାଯାଏ। ଏହିଜାତୀୟ ଉପନ୍ୟାସରେ ଚରିତ୍ରର ବୈଶିଷ୍ଟ୍ୟ ଅପେକ୍ଷା ଘଟଣାର ବୈଚିତ୍ର୍ୟ ହିଁ ଅଧିକ ସମ୍ପାଦିତ ହୋଇଥାଏ। ଏଥିରେ ଔପନ୍ୟାସିକ ଘଟଣା ପରେ ଘଟଣା ସଂଯୋଜନା କରି ନିଜ ଉଦ୍ଦେଶ୍ୟ ଓ ଜୀବନବୋଧ ଆଦିକୁ ପାଠକଙ୍କ ଆଗରେ ଉପସ୍ଥାପିତ କରନ୍ତି। ଏଥିରେ ଚରିତ୍ରର ବିଶେଷ ଗୁରୁତ୍ୱ ନଥିବାରୁ ଏଥିରେ ଥିବା ସମସ୍ତ ଚରିତ୍ର ସାଧାରଣତଃ ଫ୍ଲାଟ ଚରିତ୍ର ବା ଟାଇପ ଶ୍ରେଣୀୟ ଚରିତ୍ର। ଏହି ଚରିତ୍ରଗୁଡ଼ିକ ଉପନ୍ୟାସର ଘଟଣାଚକ୍ରରେ ପରିଚାଳିତ ବା ଗତିଶୀଳ ହୁଅନ୍ତି। ବିଶେଷ କରି ଐତିହାସିକ ଉପନ୍ୟାସଗୁଡ଼ିକ ଏହି ଧରଣର ହୋଇଥିବା ବେଳେ ରୋମାନ୍ସଧର୍ମୀ ଓ ରହସ୍ୟ ରୋମାଞ୍ଚ ଧର୍ମୀ ଉପନ୍ୟାସଗୁଡ଼ିକ ଏହି ଧରଣର ହୋଇଥାଆନ୍ତି।

- **ଚରିତ୍ରପ୍ରଧାନ ଉପନ୍ୟାସ :** ଯେଉଁ ଉପନ୍ୟାସରେ ଘଟଣା ଅପେକ୍ଷା ଚରିତ୍ର ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ, ସେଭଳି ଉପନ୍ୟାସକୁ ଚରିତପ୍ରଧାନ ଉପନ୍ୟାସ କୁହାଯାଏ। ଏଭଳି ଉପନ୍ୟାସରେ ଜୀବନର ଗଭୀରତା ଓ ପରିପକ୍ୱତାକୁ ବିଶ୍ଲେଷଣ କରାଯାଇଥାଏ। ଏଥିରେ ଚରିତ୍ରମାନଙ୍କର ବିକାଶ ପାଇଁ କାହାଣୀ ପ୍ରସ୍ତୁତ କରାଯାଏ। ସମାଜରେ ଥିବା ବିଭିନ୍ନପ୍ରକାରର ଚରିତ୍ରମାନଙ୍କୁ କଥାକାର ଗ୍ରହଣ କରି ନିଜର ଦକ୍ଷତା ବଳରେ ତାକୁ ରୂପ ଦିଅନ୍ତି। ମୁଖ୍ୟ ଚରିତ୍ର ସହିତ ଥିବା କିଛି ଗୌଣ ଚରିତ୍ରମାନଙ୍କୁ କଥାକାର ଖୁବ୍ ସଚେତନ ଭାବରେ ଉପସ୍ଥାପିତ କରିଥାଆନ୍ତି। ଚରିତ୍ରକୁ ଆଧାର କରି ପ୍ଲଟ ଓ ପାରିପାର୍ଶ୍ୱିକ ଅବସ୍ଥାକୁ କଥାକାର ପ୍ରସ୍ତୁତ କରନ୍ତି। ସାଂପ୍ରତିକ କାଳରେ ଏ ଜାତୀୟ ଉପନ୍ୟାସ ଅଧିକ ସଂଖ୍ୟାରେ ରଚିତ ହେଉଥିବାର ଦେଖିବାକୁ ମିଳୁଛି। ସାଧାରଣତଃ ସାମାଜିକ, ରାଜନୈତିକ, ମନସ୍ତାତ୍ତ୍ୱିକ ଉପନ୍ୟାସ ଆଦି ଏହି ଧରଣର ଉପନ୍ୟାସ ଭାବରେ ଗୃହିତ ହୋଇଥାଆନ୍ତି।

- **କାବ୍ୟଧର୍ମୀ ଉପନ୍ୟାସ :** ଯେଉଁ ଉପନ୍ୟାସର ବର୍ଣ୍ଣନା ପଦ୍ଧତିରେ ଅଧିକ କାବ୍ୟିକ ସ୍ପର୍ଶ ଥାଏ, ତାହାକୁ କାବ୍ୟ ଧର୍ମୀ ଉପନ୍ୟାସ କୁହାଯାଏ। ଉପନ୍ୟାସର ଛତ୍ରେ ଛତ୍ରେ କାବ୍ୟିକ ଭାଷା ଓ ଭାବର ବିଳାସ ପରିଲକ୍ଷିତ ହୋଇଥାଏ। କାବ୍ୟିକ ବର୍ଣ୍ଣନା ମାଧ୍ୟମରେ କଥାକାରଙ୍କର ଜୀବନ ଦର୍ଶନ ଏଥିରେ ପ୍ରତିଫଳିତ ହୋଇଥାଏ। କଥାକାରର କବିତ୍ୱ ଓ କଳ୍ପନାର ସମନ୍ୱୟରେ ଏହା ରସୋତ୍ତୀର୍ଣ୍ଣ ହୋଇଥାଏ। ଏହି ଧରଣର ଉପନ୍ୟାସ ଏକ ସ୍ୱତନ୍ତ୍ର ପାଠକ ଗୋଷ୍ଠୀକୁ ଆମୋଦିତ କରିପାରୁଥିବା ବେଳେ ସାଧାରଣ ଗଳ୍ପମୋଦୀ ପାଠକଙ୍କୁ ଏହା ଆମୋଦିତ କରିପାରେ ନାହିଁ।

  ସାଂପ୍ରତକ କାଳରେ ବିଭିନ୍ନ ପ୍ରକାରର ବିଷୟବସ୍ତୁକୁ ଆଧାର କରି ଉପନ୍ୟାସ ସାହିତ୍ୟ ରଚନା କରାଯାଉଥିବାରୁ, ବିଷୟବସ୍ତୁ ଦୃଷ୍ଟିରୁ ଏହା ପୁଣି ବହୁବିଧ। ଆଲୋଚନାର ସୁବିଧା ଦୃଷ୍ଟିରୁ ଏହି ଧରଣର ଉପନ୍ୟାସଗୁଡ଼ିକୁ ସାମାଜିକ, ଐତିହାସିକ, ପାରିବାରିକ, ରାଜନୈତିକ, ବୈଜ୍ଞାନିକ, ଗୋଇନ୍ଦାମୂଳକ ଆଦି ଭାବରେ ମଧ୍ୟ ବିଭାଜନ କରାଯାଇଥାଏ।

- **ସାମାଜିକ ଉପନ୍ୟାସ :** ସମାଜରେ ଘଟୁଥିବା ନାନାବିଧ ଘଟଣାକୁ ଆଧାର କରି ଯେଉଁ ଉପନ୍ୟାସ ଗଢ଼ି ଉଠିଥାଏ ତାହାକୁ ସାମାଜିକ ଉପନ୍ୟାସ କୁହାଯାଏ । ଏଥିରେ ସାମାଜିକ ମଣିଷ ଜୀବନରେ ଘଟୁଥିବା ବିବିଧ ଘଟଣାର ପ୍ରତିଫଳନ, ସୁଖ-ଦୁଃଖର କାହାଣୀ ତଥା ବିଭିନ୍ନ ସମସ୍ୟାମାନ ଦେଖାଯାଇଥାଏ । ସମାଜରେ ଘଟୁଥିବା କୁସଂସ୍କାର, ଅନ୍ଧ ବିଶ୍ୱାସ, ଧନୀ-ଗରିବ ଲଢ଼େଇ, ଧର୍ମ ନାମରେ ବ୍ୟଭିଚାର, ଲୁଣ୍ଠନ, ପ୍ରେମ ଓ ପ୍ରତାରଣା ଆଦି ପ୍ରସଙ୍ଗକୁ କାହାଣୀ ଓ ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରି ସେଗୁଡ଼ିକର ଭୟାବହ ରୂପ ସାମାଜିକ ମଣିଷକୁ ଦେଖାଇ ଦିଆଯାଇଥାଏ । ଏହି ଦୃଷ୍ଟିରୁ ଏ ଧରଣର ଉପନ୍ୟାସ ସହିତ ସମାଜର ନିବିଡ଼ ସଂପର୍କ ରହିଛି । ଏହା ପାଠକରି ପାଠକ ନିଜର ପାରିପାର୍ଶ୍ୱିକ ଅବସ୍ଥା ସମ୍ବନ୍ଧରେ ସଚେତନ ହେବା ସଙ୍ଗେ ସଙ୍ଗେ ନିଜର ସାମାଜିକ ସ୍ଥିତିର କଳନା କରିପାରେ । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏ ଧରଣର ଉପନ୍ୟାସ ଅନ୍ୟ ଉପନ୍ୟାସଠାରୁ ଯଥେଷ୍ଟ ଅଧିକ । ଫକୀର ମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ', 'ପ୍ରାୟଶ୍ଚିତ', 'ମାମୁଁ' ଗୋଟିଏ ଗୋଟିଏ ସାର୍ଥକ ସାମାଜିକ ଉପନ୍ୟାସ । ସେହିପରି ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ', କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି', ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ', 'ମାଟି ମଟାଳ' ପ୍ରଭୃତି ଉପନ୍ୟାସ ଏହି ଶ୍ରେଣୀର ଏକ ଏକ ସାର୍ଥକ ସୃଷ୍ଟି ।

- **ଐତିହାସିକ ଉପନ୍ୟାସ :** ଇତିହାସର ଘଟଣାବଳୀକୁ ଆଧାର କରି ଯେଉଁ ଉପନ୍ୟାସ ରଚିତ ହୋଇଥାଏ ତାହାକୁ ଐତିହାସିକ ଉପନ୍ୟାସ କୁହାଯାଏ । ଇତିହାସର ଏକ ନିର୍ଦ୍ଦିଷ୍ଟ ଘଟଣାକୁ ଉପନ୍ୟାସରେ ରୂପାୟିତ କରିବା ସମୟରେ ସାହିତ୍ୟିକ ରସର ସଂଚାର ନିମନ୍ତେ କଥାକାରଙ୍କୁ ଆବଶ୍ୟକ ସ୍ଥଳେ ଐତିହାସିକ ଘଟଣାର ସାମାନ୍ୟ ପରିବର୍ତ୍ତନ କରି କଳ୍ପନାର ଆଶ୍ରୟ ନେବାକୁ ପଡିଥାଏ । କେତେକ କ୍ଷେତ୍ରରେ କଥାକାରମାନେ ଐତିହାସିକ ପଟ୍ଟଭୂମିରେ ଆଧୁନିକ ଜୀବନକୁ ଉପସ୍ଥାପିତ କରୁଥିବାର ଦେଖାଯାଏ । ଏହି ଧରଣର ଉପନ୍ୟାସ ରଚନା ନିମନ୍ତେ କଥାକାରଙ୍କର ଅତୀତ ଜୀବନ ସମ୍ପର୍କରେ ଯଥେଷ୍ଟ ଧାରଣା ରହିବା ଆବଶ୍ୟକ । ତା ନହେଲେ କାଳ-ବିରୋଧ ଦୋଷରେ ଦୁଷିତ ହେବାର ସମ୍ଭାବନା ରହିଛି । ଓଡ଼ିଆ ସାହିତ୍ୟରେ ଫକୀରମୋହନ ସେନାପତିଙ୍କର 'ଲଛମା', କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର 'ମୁକ୍ତାଗଡର କ୍ଷୁଧା', କାହ୍ନୁଚରଣ ମହାନ୍ତିଙ୍କର 'ବାଲିରାଜା', ସୁରେନ୍ଦ୍ର ମହାନ୍ତିଙ୍କର 'ନୀଳଶୈଳ' ପ୍ରଭୃତି ଏକ ଏକ ଉଲ୍ଲେଖନୀୟ ଐତିହାସିକ ଉପନ୍ୟାସ ।

- **ରାଜନୈତିକ ଉପନ୍ୟାସ :** ସାଂପ୍ରତିକ କାଳରେ ରାଜନୀତିହିଁ ସମାଜକୁ ବହୁ ଭାବରେ ନିୟନ୍ତ୍ରଣ କରୁଛି । ରାଜନୀତିକ ଚେତନା ସମାଜ ଜୀବନ ଓ ବ୍ୟକ୍ତିଗତ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି । ଫଳରେ ରାଜନୀତିକୁ କେନ୍ଦ୍ରକରି ଅନେକ ରାଜନୈତିକ ଉପନ୍ୟାସମାନ ରଚିତ ହେଉଛି । ବିଶେଷତଃ ସ୍ୱାଧୀନତା ପରବର୍ତ୍ତୀ କାଳରେ ରାଜନୀତି ସଚେତନତା, ରାଜନୀତିକ ଆଦର୍ଶବାଦ, ରାଜନୀତିକ ଉତ୍ତେଜନା ଓ ସଂଘର୍ଷ, ରାଜନୀତିକ ଚିନ୍ତାଧାରା, ଜନଜୀବନ ଉପରେ ପଡୁଥିବା ରାଜନୈତିକ ପ୍ରଭାବ ଆଦିକୁ କଥାକାରମାନେ ଖୁବ୍ ସୁନ୍ଦର ଭାବରେ ଉପନ୍ୟାସମାନଙ୍କରେ ସ୍ଥାନ ଦେଉଛନ୍ତି । ରାଜନୀତି ସହିତ ମଣିଷ ଓ ସମାଜ ଓତଃପ୍ରୋତ ଭାବରେ ଜଡ଼ିତ ଥିବାରୁ ସାଂପ୍ରତିକ କାଳରେ ଏହି ପ୍ରକାର ଉପନ୍ୟାସର ବେଶ୍ ଆଦର ମଧ୍ୟ ରହିଛି । ରାଜନୈତିକ ଓ ଐତିହାସିକ ଉପନ୍ୟାସ ମଧ୍ୟ ରେବିଶେଷ ପାର୍ଥକ୍ୟ ମଧ୍ୟ ନାହିଁ । କାରଣ, ରାଜନୀତିକ ଉପନ୍ୟାସର କଥାବସ୍ତୁ ବର୍ତ୍ତମାନକାଳରୁ ଅତୀତକୁ ଚାଲିଗଲେ ସେଗୁଡ଼ିକ ଐତିହାସିକ ଉପନ୍ୟାସ ଭାବରେ ମଧ୍ୟ ଗଣନା

କରାଯାଇପାରେ । ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ହରେକୃଷ୍ଣ ମହତାବଙ୍କର 'ପ୍ରତିଭା', 'ଟାଉଟର', 'ଅବ୍ୟାପାର', ସୁରେନ୍ଦ୍ର ମହାନ୍ତିଙ୍କର 'ଅନ୍ଧ ଦିଗନ୍ତ' ପ୍ରଭୃତି ଏକ ଏକ ସଫଳ ରାଜନୈତିକ ଉପନ୍ୟାସ ।

- **ବୈଜ୍ଞାନିକ ଉପନ୍ୟାସ :** ସାଂପ୍ରତିକ ଯୁଗ ହେଉଛି ବିଜ୍ଞାନର ଯୁଗ । ଦିନୁଦିନ ବିଜ୍ଞାନର ଉନ୍ନତି ଯୋଗୁଁ ବହୁ ନୂତନ ତଥ୍ୟମାନ ଲୋକ ଲୋଚନକୁ ଆସିପାରୁଛି । ବୈଜ୍ଞାନିକମାନଙ୍କର ନୂତନ ଆବିଷ୍କାର ଓ ଉଦ୍ଭାବନ ମାନବ ସମାଜକୁ ନୂତନ ଆଲୋକ ଦେଖାଉଛି । ସେପରି କେତୋଟି ବୈଜ୍ଞାନିକ ତଥ୍ୟ ଓ ସତ୍ୟରେ କିଛି କଳ୍ପନାର ପୁଟ ଦେଇ ଯେଉଁ ଉପନ୍ୟାସ ସୃଷ୍ଟି ହେଉଛି ତାହାକୁ ବୈଜ୍ଞାନିକ ଉପନ୍ୟାସ କୁହାଯାଏ । ଏ ପ୍ରକାରର ଉପନ୍ୟାସ ରଚନା କରିବା ଏକାନ୍ତ କଷ୍ଟସାଧ ବ୍ୟାପାର । ଏହି ଦୃଷ୍ଟିରୁ ଏହି ଧରଣର ଉପନ୍ୟାସର ସଂଖ୍ୟା ଅପେକ୍ଷାକୃତ କମ୍ । ଓଡ଼ିଆ ସାହିତ୍ୟ ଜଗତରେ ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କର 'ପୃଥିବୀ ବାହାରେ ମଣିଷ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ' ପ୍ରଭୃତି ଏକ ଏକ ସାର୍ଥକ ସୃଷ୍ଟି । ଯୁବ ବୈଜ୍ଞାନିକ ସୁବାସ ସାହୁଙ୍କ କୃତି ଓ କୃତିତ୍ୱ ମଧ୍ୟ ଏ କ୍ଷେତ୍ରରେ ନୂତନ ସମ୍ଭାବନାର ପ୍ରତିଶ୍ରୁତି ବହନ କରେ ।

- **ଦାର୍ଶନିକ ଉପନ୍ୟାସ :**ଯେଉଁ ଉପନ୍ୟାସରେ କଥାକାର ସଚେତନ ଭାବରେ କୌଣସି ନିର୍ଦ୍ଦିଷ୍ଟ ଦାର୍ଶନିକ ମତବାଦର ପ୍ରଚାର ଲାଗି ଚେଷ୍ଟା କରିଥାଆନ୍ତି, ସେହିଭଳି ଉପନ୍ୟାସ ଦାର୍ଶନିକ ଉପନ୍ୟାସ ଭାବରେ ଗୃହୀତ ହୋଇଥାଏ । ଏଭଳି ଉପନ୍ୟାସରେ ଔପନ୍ୟାସିକଙ୍କର ଦାର୍ଶନିକ ଦୃଷ୍ଟିକୋଣ ପ୍ରକାଶ ଲାଭ କରିବା ସହ ଜୀବନଦର୍ଶନ ପ୍ରତିଫଳିତ ହୋଇଥାଏ । ସେ ଇଚ୍ଛା କରୁଥିବା ମତବାଦର ପ୍ରଚାର ପାଇଁ କାହାଣୀ ଓ ଚରିତ୍ର ଚୟନ କରିଥାଆନ୍ତି । ଓଡ଼ିଆ ସାହିତ୍ୟ ଜଗତରେ ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼', 'ଅସୂର୍ଯ୍ୟ ଉପନିବେଶ' ଆଦି ଏହି ଶ୍ରେଣୀର କେତୋଟି ଉପନ୍ୟାସ ।

- **ମନସ୍ତାତ୍ତ୍ୱିକ ଉପନ୍ୟାସ :** ଯେଉଁ ଉପନ୍ୟାସରେ ମଣିଷର ଅନ୍ତର୍ନିହିତ ପ୍ରକୃତି ଓ ପ୍ରବୃତ୍ତିର ସୂକ୍ଷ୍ମ ତଥା ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରାଯାଇ ମଣିଷ – ମନର ଉଦ୍‌ଘାଟନ କରାଯାଇଥାଏ ସେଭଳି ଉପନ୍ୟାସକୁ ମନସ୍ତାତ୍ତ୍ୱିକ ଉପନ୍ୟାସ କୁହାଯାଏ । ଏଭଳି ଉପନ୍ୟାସ ରଚନାରେ କଥାକାର ଘଟଣା ଓ ପରିବେଶ ପ୍ରତି ଅଧିକଧ୍ୟାନ ଦେଇପାରନ୍ତି ନାହିଁ । କେବଳ ପାଠକଙ୍କୁ ମଣିଷ ମନର ଅଥଳ ଗହ୍ୱରକୁ ନେଇଯାଇ ତାର ଅନ୍ତଃରୂପକୁ ଚିହ୍ନାଇ ଦିଅନ୍ତି । ସାଂପ୍ରତିକ ଯୁଗରେ ମନୋବିଜ୍ଞାନର ପ୍ରଭୂତ ବିକାଶ ହେବା ସଙ୍ଗେ ସଙ୍ଗେ ମାନବ ମନର ବିଭିନ୍ନ ସ୍ତର ଓ ତା ଉପରେ ପଡୁଥିବା ପ୍ରଭାବ ଆଦିକୁ ଆଧାର କରି ସଂପ୍ରତି ଏ ଧରଣର ଅନେକ ଉପନ୍ୟାସ ରଚନା ହେଉଛି । ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶତାବ୍ଦୀର ନଚିକେତା' ପ୍ରଭୃତି ଏଧରଣର ଏକ ଏକ ସଫଳ ଉପନ୍ୟାସ ।

- **ଚେତନାପ୍ରବାହୀ ଉପନ୍ୟାସ :** ଚେତନାପ୍ରବାହୀ (stream of consciousness) ଉପନ୍ୟାସକୁ ମନସ୍ତାତ୍ତ୍ୱିକ ଉପନ୍ୟାସର ଏକ ପରିବର୍ତ୍ତୀ ରୂପ ଭାବରେ ଗ୍ରହଣ କରାଯାଉଛି । ଏଭଳି ଉପନ୍ୟାସରେ ମଣିଷ ମନର କେତେକ ବିଚିତ୍ର ସ୍ତର ଓ ନିର୍ଦ୍ଦିଷ୍ଟ ମୁହୂର୍ତ୍ତର କଳାତ୍ମକ ବର୍ଣ୍ଣନା ପ୍ରକାଶ ପାଇଥାଏ । ଏଥିରେ ଜୀବନର ନାନାବିଧ ଅଭିଜ୍ଞତାକୁ ଚେତନାର ଆଲୋକରେ ଆଲୋକିତ କରାଯାଏ । ଏଥିରେ କାହାଣୀ ଅପେକ୍ଷା ଚରିତ୍ରକୁ ମୁଖ୍ୟ ଭାବରେ ଗ୍ରହଣ କରାଯାଉଥିବାବେଳେ ଚରିତ୍ରର ମାନସିକ ସ୍ତର ସହିତ ପାଠକଙ୍କୁ ପରିଚିତ

କରାଯାଇଥାଏ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଗୋପୀନାଥ ମହାନ୍ତିଙ୍କର 'ଲୟ ବିଲୟ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ନର କିନ୍ନର', ଗଣେଶ୍ୱର ମିଶ୍ରଙ୍କର 'ଆରୋହି' ପ୍ରଭୃତି ଏହି ଶ୍ରେଣୀର ଏକ ଏକ ସାର୍ଥକ ସୃଷ୍ଟି।

- **ରହସ୍ୟ ରୋମାଞ୍ଚ ମୂଳକ ଉପନ୍ୟାସ :** ଯେଉଁ ଉପନ୍ୟାସରେ ହତ୍ୟା, ଅପରାଧ, ଡକାୟତି, ବିଭୀଷିକା, ଗୋଇନ୍ଦା ବିଭାଗର ତତ୍ପରତା ଓ କୃତିତ୍ୱ ଆଦି ବର୍ଣ୍ଣିତ ହୋଇଥାଏ, ତାହାକୁ ରହସ୍ୟ ରୋମାଞ୍ଚ ମୂଳକ ତଥା ଗୋଇନ୍ଦା ମୂଳକ ଉପନ୍ୟାସ କୁହାଯାଏ। ଏହାର କଥାବସ୍ତୁର ବିକାଶରେ ପ୍ରତିଟି ମୁହୂର୍ତ୍ତ ରହସ୍ୟ ରୋମାଞ୍ଚରେ ପୂର୍ଣ୍ଣ ହୋଇଥିବାରୁ, ଏହା ପାଠକ ପ୍ରାଣରେ ଉତ୍କଣ୍ଠା, ଉତ୍ସୁକତା ଓ ସ୍ପନ୍ଦନ ଜାତ ହୋଇଥାଏ। ରହସ୍ୟର ସୂତ୍ରପାତ ଓ ରହସ୍ୟଭେଦ ହେଉଛି ଏହି କାହାଣୀର ସର୍ବଶ୍ରେଷ୍ଠ ବିଶେଷତ୍ୱ। ଏଭଳି ଉପନ୍ୟାସରେ ସାହିତ୍ୟିକ କଳା ଓ ମୂଲ୍ୟବୋଧ ବିଶେଷଭାବରେ ନଥିବାରୁ ପାଠକ ଏହାକୁ ଯେତେଶୀଘ୍ର ପଢ଼ିଯାଏ, ସେତେଶୀଘ୍ର ଭୁଲିଯାଏ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଚନ୍ଦ୍ରମଣି ଦାସଙ୍କ 'ନରବଳି', ଦ୍ୱାରିକାନାଥ ଦାସଙ୍କ 'ରବିନ୍ ସିରିଜ୍', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ମୀରା ସିରିଜ୍', କଣ୍ଟୁରି ଚରଣ ଦାସଙ୍କ 'ରକ୍ତ ତାଣ୍ଡବ', 'ନିହିତ ନାୟିକା', ଯମେଶ୍ୱର ତ୍ରିପାଠୀଙ୍କ 'ଅଦୃଶ୍ୟ ମାନବ' ପ୍ରଭୃତି ଏହି ଧରଣର କେତୋଟି ସଫଳ ଉପନ୍ୟାସ।

- **ଆଞ୍ଚଳିକ ବା ଜାତିଭିତ୍ତିକ ଉପନ୍ୟାସ :** ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ, ଏକ ନିର୍ଦ୍ଦିଷ୍ଟ ଜାତି ବା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ କେନ୍ଦ୍ର କରି ରଚିତ ହୋଇଥିବା ଉପନ୍ୟାସକୁ ଆଞ୍ଚଳିକ ବା ଜାତିଭିତ୍ତିକ ଉପନ୍ୟାସ କୁହାଯାଇପାରେ। ଏହିଭଳି ଉପନ୍ୟାସରେ ସେହି ଅଞ୍ଚଳର ସାମାଜିକ, ରାଜନୀତିକ, ଆର୍ଥନୀତିକ ସର୍ବୋପରି କଳା, ସାହିତ୍ୟ ଓ ସଂସ୍କୃତି ତଥା ସେହି ଅଞ୍ଚଳର ପ୍ରାକୃତିର ଚିତ୍ର ଆଦି ବେଶ୍ ମନୋଜ୍ଞ ଭାବରେ ଉପସ୍ଥାପିତ ହୋଇଥାଏ। ଯେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଜାତି ସଂପର୍କରେ କଥାକାର ଲେଖିଥାଆନ୍ତି ସେହି ସଂପର୍କରେ ତାଙ୍କର ଯେତେ ଅଧିକ ଜ୍ଞାନ ବା ଅଭିଜ୍ଞତା ରହିବ ତାଙ୍କର ଉପନ୍ୟାସ ସେତେ ରସୋତ୍ତୀର୍ଣ୍ଣ ଓ ସାର୍ଥକ ହୋଇପାରିବ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଗୋପୀନାଥ ମହାନ୍ତିଙ୍କର 'ପରଜା', 'ହରିଜନ', ଯମେଶ୍ୱର ମିଶ୍ରଙ୍କ 'ଖମାରୀ', ଗଣେଶ୍ୱର ମିଶ୍ରଙ୍କର 'ସାମୁଦ୍ରିକ' ପ୍ରଭୃତି ଏହିଧରଣର କେତୋଟି ଉଲ୍ଲେଖନୀୟ କୃତି।

- **ପତ୍ରୋପନ୍ୟାସ :** ଯେଉଁ ଉପନ୍ୟାସରେ ଚରିତ୍ରମାନଙ୍କର ଆତ୍ମକଥା ବା ଅନୁଭୂତି ଆଦିକୁ ପତ୍ରାକାର ମାଧ୍ୟମରେ ଉପସ୍ଥାପନା କରାଯାଇଥାଏ ସେଭଳି ଉପନ୍ୟାସକୁ ପତ୍ରୋପନ୍ୟାସ କୁହାଯାଇଥାଏ। ପତ୍ର ପରେ ପତ୍ରର ସଂଯୋଜନା କରି କଥାକାର କଥାବସ୍ତୁକୁ ଆଗେଇ ନେଇଥାଆନ୍ତି। ଔପନ୍ୟାସିକ ସତର୍କତାର ସହିତ ପତ୍ରଗୁଡ଼ିକର ସଂଯୋଜନା କରି ନପାରିଲେ ଉପନ୍ୟାସଟି ସଫଳତା ପାଇପାରେ ନାହିଁ। ଏଭଳି କାର୍ଯ୍ୟରେ ଚରିତ୍ରାବଳୀ ଉତ୍ତମରୂପେ ପରିସ୍ଫୁଟ ହୋଇ ନପାରିଲେ ବା ପାଠକୀୟ ଉତ୍କଣ୍ଠା ସଂରକ୍ଷିତ ହୋଇନପାରିଲେ ଉପନ୍ୟାସଟି ଉପଭୋଗ୍ୟ ହୋଇପାରେ ନାହିଁ। ଇଂରାଜୀ ସାହିତ୍ୟ ଜଗତର ପ୍ରଥମ ଉପନ୍ୟାସ କୁହାଯାଉଥିବା 'ପାମେଲା' ହେଉଛି ଏହି ଧରଣର ଉପନ୍ୟାସ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଗୋଦାବରୀଶ ମହାପାତ୍ରଙ୍କର 'ପ୍ରେମପଥେ', ରାଜକିଶୋର ପଟ୍ଟନାୟକଙ୍କର 'ପଞ୍ଜୁରୀପକ୍ଷୀ', ବିଭୁତି ପଟ୍ଟନାୟକଙ୍କର 'ଦିନ ଯାଏ ଚିହ୍ନ ରହେ', ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' ପ୍ରଭୃତି ଏହି ଶ୍ରେଣୀର ଏକ ଏକ ସଫଳ କୃତି।

- **ଚରିତ୍ରୋପନ୍ୟାସ :** ମହାପୁରୁଷମାନଙ୍କ ଜୀବନୀ ବା ଔପନ୍ୟାସିକଙ୍କର ଆତ୍ମଜୀବନୀକୁ ଉପନ୍ୟାସ ଆକାରରେ ଉପସ୍ଥାପନା କରାଗଲେ ତାହାକୁ ଚରିତ୍ରୋପନ୍ୟାସ କୁହାଯାଏ । ଜଣେ ବ୍ୟକ୍ତିଙ୍କର ଜୀବନୀ ବା ଆତ୍ମଜୀବନୀରେ ଫୁଟିଉଠିଥିବା ତତ୍କାଳୀନ ସାମାଜିକ, ରାଜନୈତିକ, ଆର୍ଥନୀତିକ, ସାଂସ୍କୃତିକ ପରିବେଶ ଆଦିର ଚିତ୍ରକୁ ଏଭଳି ଉପନ୍ୟାସରେ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପିତ କରାଯାଇଥାଏ । ଓଡ଼ିଆ ସାହିତ୍ୟ ଜଗତରେ ଏଭଳି ଉପନ୍ୟାସର ସଂଖ୍ୟା ଅଳ୍ପ ହୋଇଥିଲେ ମଧ୍ୟ ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ 'ତିନୋଟି ରାତିର ସକାଳ', କୃଷ୍ଣପ୍ରସାଦ ମିଶ୍ରଙ୍କର 'ନିଜକୁ ନାୟକ କରି' ପଭୃତି ଏ ଧରଣର ଏକ ଏକ ସଫଳ ଉପନ୍ୟାସ ।

ଉପରୋକ୍ତ ଶ୍ରେଣୀବିଭାଗ ବ୍ୟତୀତ ଅନ୍ୟ କେତେ ପ୍ରକାରର ଉପନ୍ୟାସ ମଧ୍ୟ ରଚିତ ହୋଇଥିବାର ଦେଖିବାକୁ ମିଳେ । ପାଶ୍ଚାତ୍ୟ ଦେଶମାନଙ୍କରେ ଅନେକ ପ୍ରକାରର ଉପନ୍ୟାସ ସୃଷ୍ଟି ହୋଇ ତାହା ସମୟସ୍ରୋତରେ ମିଳେଇ ଯାଏ । ଆମ ଓଡ଼ିଆ ସାହିତ୍ୟ ଜଗତରେ ମଧ୍ୟ ସମୟର ଆହ୍ୱାନରେ ବିଭିନ୍ନ ପ୍ରକାର ଶୈଳୀ ଓ ବିଷୟବସ୍ତୁକୁ ନେଇ ଉପନ୍ୟାସ ରଚନା କରାଯାଉଥିବାବେଳେ ସମୟ ଅତିବାହିତ ହେଲାପରେ ସେଭଳି ଉପନ୍ୟାସ ଆଉ ରଚିତ ହୁଏ ନାହିଁ ।

## ଓଡ଼ିଆ ଉପନ୍ୟାସର ବିକାଶ କ୍ରମ :

ଆଧୁନିକ ସାହିତ୍ୟ ଜଗତରେ ଉପନ୍ୟାସ ହେଉଛି ଏକ ଚମତ୍କାର ସୃଷ୍ଟି । ସାଂପ୍ରତିକ ଯୁଗର କଳା କ୍ଷେତ୍ରରେ ଏହା ନୂତନ ବାର୍ତ୍ତାବହର ଭୂମିକା ଗ୍ରହଣ କରିଥିବା ବେଳେ, ପ୍ରାଚୀନ ସାହିତ୍ୟରେ ମଧ୍ୟ ଏହାର ସ୍ଥିତିକୁ ଅସ୍ୱୀକାର କରାଯାଇନପାରେ । ପାଶ୍ଚାତ୍ୟ ସାହିତ୍ୟ ଜଗତରେ ସର୍ବପ୍ରଥମେ ଅଷ୍ଟାଦଶ ଶତାବ୍ଦୀରେ ଉପନ୍ୟାସ ରଚନାର ଆରମ୍ଭ ହୋଇଥିଲା । ୧୭୪୦ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ରିଚାଡସନ୍‌ଙ୍କ ଦ୍ୱାରା ରଚିତ 'ପାମେଲା' ଇଂରାଜୀ ସାହିତ୍ୟ ଜଗତରେ ସର୍ବପ୍ରଥମ ଉପନ୍ୟାସ ଭାବରେ ଗୃହୀତ ହୋଇଥାଏ । ଏହାର ଏକଶତାବ୍ଦୀ ପରେ ଅର୍ଥାତ ଊନବିଂଶ ଶତାବ୍ଦୀରେ ଭାରତୀୟ ସାହିତ୍ୟ ଜଗତରେ ଉପନ୍ୟାସର ସୃଷ୍ଟିହୋଇଛି । ବଙ୍ଗଳା ସାହିତ୍ୟ ଜଗତରେ ପ୍ରମଥନାଥ ଶର୍ମାଙ୍କ 'ନବବାବୁ ବିଳାସ' (୧୮୨୩) ଠାରୁ ଉପନ୍ୟାସ ରଚନାର ପ୍ରୟାସ ହୋଇଥିଲା । ଏହାପରେ ପ୍ୟାରୀଚାନ୍ଦ ମିତ୍ରଙ୍କ 'ଆଲାଲେର ଘରେର୍ ଦୁଲାଲ' (୧୮୫୮) ପ୍ରକାଶିତ ହୋଇଥିଲା । ମାତ୍ର କେତେକ ବଙ୍ଗୀୟ ସମାଲୋଚକ ଏହି ଦୁଇ ଉପନ୍ୟାସକୁ ଉପନ୍ୟାସର ମର୍ଯ୍ୟାଦା ନଦେଇ ବଙ୍କିମ ଚନ୍ଦ୍ରଙ୍କ ଉପନ୍ୟାସ 'ଦୁର୍ଗେଶ ନନ୍ଦିନୀ' (୧୮୬୫) ଐତିହାସିକ ଓ ବିଷବୃକ୍ଷ (୧୮୬୫) ସାମାଜିକ ଉପନ୍ୟାସର ପ୍ରଥମ ବଙ୍ଗଳା ଉପନ୍ୟାସ ଭାବରେ ଗ୍ରହଣ କରନ୍ତି । ପାଖାପାଖି ସେହି ସମୟରେ ହିଁ ଭାରତର ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ ମଧ୍ୟ ଉପନ୍ୟାସ ସାହିତ୍ୟ ରଚନା ହୋଇଥିବାର ଜଣାଯାଏ ।

ଓଡ଼ିଆ ସାହିତ୍ୟ ଜଗତରେ ବିଧିବଦ୍ଧ ଉପନ୍ୟାସ ରଚନା ହେବା ପୂର୍ବରୁ ଅଷ୍ଟାଦଶ ଶତାବ୍ଦୀର କବି ବ୍ରଜନାଥ ବଡଜେନାଙ୍କ 'ଚତୁର ବିନୋଦ'ରେ ତାର କିଛି ଆଭାସ ଦେଖିବାକୁ ମିଳେ । ଚାରିଗୋଟି ଗଳ୍ପକୁ ନେଇ ଏହାର କଳେବର ପୃଷ୍ଟ ହୋଇଥିଲେ ହେଁ ଉପନ୍ୟାସ ସୁଲଭ ବହୁ ବିଭାବ ଏଥିରେ ଦେଖିବାକୁ ମିଳେ । ଏହାପରେ ୧୮୫୨ ମସିହାରେ ବଙ୍ଗଳାରେ ରଚିତ ହୋଇ ୧୮୫୭ ମସିହାରେ ଓଡ଼ିଆ ଭାଷାରେ ରୂପାୟିତ ହୋଇଥିବା 'ଫୁଲମଣି ଓ କରୁଣା'ର ବିବରଣୀ'କୁ ସମସ୍ତ ଯୋଗ୍ୟତା ସତ୍ତ୍ୱେ ଆଲୋଚକଙ୍କ ଦ୍ୱାରା ଉପନ୍ୟାସର ଯୋଗ୍ୟତା

ମିଳିନାହିଁ । ଏହି ଉପନ୍ୟାସ ପରେ ସମକାଳୀନ ଓଡ଼ିଆ ମାସିକ ପତ୍ରିକାସମୂହ ଉପନ୍ୟାସ ରଚନାର ଅଭିବୃଦ୍ଧିରେ ଯଥେଷ୍ଟ ସହାୟତା କରିଥିଲା । 'ଉତ୍କଳ ମଧୁପ' ପତ୍ରିକାରେ ରାମଶଙ୍କର ରାୟଙ୍କ 'ସୌଦାମିନୀ' ଉପନ୍ୟାସ ଧାରବାହିକ ଭାବରେ ପ୍ରକାଶିତ ହୋଇଥିବା ବେଳେ 'ପ୍ରଦୀପ' ନାମକ ପତ୍ରିକାରେ ଶ୍ରୀ ଛଦ୍ମନାମଧାରୀ ଲେଖକଙ୍କ ଦ୍ୱାରା ରଚିତ 'ମଠର ସମ୍ବାଦ' ଓ 'ଅନାଥିନୀ' ପ୍ରକାଶିତ ହେଉଥିଲା । ସେହିପରି 'ଇନ୍ଦ୍ରଧନୁ' ପତ୍ରିକାରେ ରାମଶଙ୍କରଙ୍କ ଅନ୍ୟ ଏକ ଉପନ୍ୟାସ 'ଉନ୍ମାଦିନୀ' ପ୍ରକାଶିତ ହେଉଥିଲା । ମାତ୍ର ପତ୍ରିକାଗୁଡ଼ିକର ଅଳ୍ପାୟୁ କାରଣରୁ ଉପନ୍ୟାସଗୁଡ଼ିକ ଅଳ୍ପାୟୁସ ହୋଇ ରହିଗଲେ ।

୧୮୮୮ ମସିହାରେ ପ୍ରକାଶିତ ହୋଇଥିବା ଉମେଶ ଚନ୍ଦ୍ର ସରକାରଙ୍କ ରଚିତ 'ପଦ୍ମମାଳୀ 'ହେଉଛି ଓଡ଼ିଆ ସାହିତ୍ୟ ଜଗତରେ ପ୍ରଥମ ପୂର୍ଣ୍ଣାଙ୍ଗ ଓ ମୌଳିକ ଉପନ୍ୟାସ । ଏହାପରେ ରାମଶଙ୍କର ରାୟଙ୍କ ପୂର୍ଣ୍ଣାଙ୍ଗ ଉପନ୍ୟାସ 'ବିବାସିନୀ' ୧୮୯୩ ମସିହାରେ ପ୍ରକାଶିତ ହୋଇଥିଲା । ୧୮୯୮ ମସିହାରେ ରଚିତ ଗୋପାଳବଲ୍ଲଭ ଦାସଙ୍କ 'ଭୀମାଭୂୟା' ଉପନ୍ୟାସ ୧୯୦୮ ମସିହାରେ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସରେ ବହୁକାଳରୁ ଅବହେଳିତ ଭୁୟାଁ ଜାତିର ସାମାଜିକ ଓ ସାଂସ୍କୃତିକ ଜୀବନର ଚିତ୍ର ରୂପାୟୀତ ହୋଇଛି ।

କଥାସମ୍ରାଟ ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟ ଜଗତରେ ଅବତୀର୍ଣ୍ଣ ହୋଇ ଓଡ଼ିଆ କଥା ସହିତ୍ୟ ପାଇଁ ଯଥାର୍ଥତଃ ସୁଦୃଢ଼ ଭିତ୍ତି ସ୍ଥାପନ କରିଗଲେ । ତାଙ୍କ ଦ୍ୱାରା ରଚିତ 'ଛମାଣ ଆଠଗୁଣ୍ଠ' ଉପନ୍ୟାସଟି ସର୍ବପ୍ରଥମେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୮୯୭ ଖ୍ରୀଷ୍ଟାବ୍ଦରୁ ଧାରାବାହିକ ଭାବରେ ପ୍ରକାଶିତ ହୋଇ ୧୯୦୨ ଖ୍ରୀଷ୍ଟାବ୍ଦରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା । ଏହାପରେ 'ଲଛମା' (୧୯୦୧), 'ମାମୁଁ' (୧୯୧୩) ଓ 'ପ୍ରାୟଶ୍ଚିତ' (୧୯୧୫) ଉପନ୍ୟାସ ତିନୋଟି ପ୍ରକାଶିତ ହୋଇଥିଲା । କଥାବସ୍ତୁର ବିନ୍ୟାସ, ଚରିତ୍ର ଚିତ୍ରଣରେ ସିଦ୍ଧହସ୍ତତା, ଭାଷା ପ୍ରୟୋଗରେ ଅପୂର୍ବ ଦକ୍ଷତା, ହାସ୍ୟରସ ପରିବେଷଣ କୌଶଳରେ ନୂତନତା ଆଦି ଯୋଗୁଁ ସର୍ବଭାରତୀୟ ଆଧୁନିକ କଥାସାହିତ୍ୟ ଜଗତରେ ଏବେବି ଜଣେ ଅନତିକ୍ରମଣୀୟ ପ୍ରତିଭା ଭାବରେ ପରିଚିତ । ଓଡ଼ିଆ ଉପନ୍ୟାସ ସାହିତ୍ୟର ଉନ୍ମେଷ କାଳରେ କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ରୁପାଚୁଡ଼ି', 'ଟଙ୍କାଗଛ', 'ଯୁଗଳମଠ', 'ବୁଲା ଫକୀର', 'ଶନିସପ୍ତା', 'ରକ୍ତଦାନ', ପଲ୍ଲୀକବି ନନ୍ଦକିଶୋର ବଳଙ୍କ 'କନକଲତା', ବାଣୀଭୁଷଣ ମୃତ୍ୟୁଞ୍ଜୟ ରଥଙ୍କ 'ଅଦ୍ଭୁତ ପରିଣାମ', ତାରିଣୀ ଚରଣ ରଥଙ୍କ 'ଅନ୍ନପୂର୍ଣ୍ଣା' ଆଦି ଉପନ୍ୟାସ ଏକ ଏକ ଉଲ୍ଲେଖନୀୟ ସୃଷ୍ଟି ।

ସତ୍ୟବାଦୀ ଗୋଷ୍ଠୀର ପଣ୍ଡିତ ଗୋଦବରୀଶ ମିଶ୍ର ଚାରିଗୋଟି ଇଂରାଜୀ ଉପନ୍ୟାସକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରିଥିଲେ । ସମକାଳୀନ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁଁ', ବଟକୃଷ୍ଣ ପ୍ରହରାଜଙ୍କ 'ଘନାବଉ', 'ପୂର୍ଣ୍ଣାହୁତି', 'ମାତାମଠ', 'ଅଶ୍ରୁବିନ୍ଦୁ', ଅଶ୍ୱିନୀକୁମାର ଘୋଷଙ୍କ 'ବୁଢ଼ାଚଙ୍ଗା', 'ମୁକ୍ତି', 'ଚଣାବାଲା', 'ନାରୀ', 'ଏ ପୃଥିବୀ କି ସୁନ୍ଦର', ଦିବ୍ୟସିଂହ ପାଣିଗ୍ରହୀଙ୍କ 'ଅମୃତ କଙ୍କଣ', 'ତୁ ମୋ ମା', ରାମଚନ୍ଦ୍ର ଆଚାର୍ଯ୍ୟଙ୍କ 'ପୀୟୁଷ ପ୍ରବାହ', 'ବୀର ଓଡ଼ିଆ', 'ବୀରାଙ୍ଗନା', 'କମଳ କୁମାରୀ', 'ପଦ୍ମିନୀ', ହରେକୃଷ୍ଣ ମହତାବଙ୍କ 'ଟାଉଟର', 'ଅବ୍ୟାପାର', 'ପ୍ରତିଭା', 'ନୂତନ ଧର୍ମ', 'ତୃତୀୟ ପର୍ବ', ବୈଷ୍ଣବ ଚରଣ ଦାସଙ୍କ 'ମନେ ମନେ', ଗୋବିନ୍ଦଚନ୍ଦ୍ର ତ୍ରିପାଠୀଙ୍କ 'ପ୍ରମାଦ', 'ପତିତାର ଆତ୍ମକଥା', 'ମାୟାବୀ', 'ଚତୁର ଗଦାଧର',

ନାରୀକବି କୁନ୍ତଳା କୁମାରୀ ସାବତଙ୍କ 'ଭ୍ରାନ୍ତି', 'ନଅତିଣ୍ଡୀ', 'ପରଶମଣି', 'କାଳିବୋହୂ', 'ରଘୁଅରକ୍ଷିତ' ଆଦି ଉପନ୍ୟାସଗୁଡିକ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ପ୍ରଗତି ପଥରେ ଆଗେଇ ନେବାରେ ଅନେକ ସହାୟକ ହୋଇଛି।

ସବୁଜ ଯୁଗରେ ନଅଜଣ ସାହିତ୍ୟିକ ମିଶି ବଙ୍ଗଳାର 'ବାରୋୟାରୀ' ଉପନ୍ୟାସ ଅନୁସରଣରେ 'ବାସନ୍ତି' ନାମକ ଏକ ଉପନ୍ୟାସ ରଚନା କରିଥିଲେ। ଏହି ଗୋଷ୍ଠୀର କାଳିନ୍ଦୀ ଚରଣ ପାଣିଗ୍ରାହୀ 'ମାଟିର ମଣିଷ', 'ଲୁହାର ମଣିଷ', 'ଅମର ଚିତା', 'ମୁକ୍ତାଗଡର କ୍ଷୁଧା' ଆଦି ଉପନ୍ୟାସ ରଚନା କରିଥିଲେ। ତାଙ୍କ ଉପନ୍ୟାସଗୁଡିକରେ ବାସ୍ତବବାଦ ଓ ଆଦର୍ଶବାଦର ସମନ୍ୱୟରେ ଏକ ନୂତନ ସହିତ୍ୟାଦର୍ଶର ସନ୍ଧାନ ମିଳିଥାଏ। ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ', ରାମପ୍ରସାଦ ସିଂହଙ୍କ 'ପ୍ରତିହିଂସା', 'ଅଗ୍ନିପଥେ', 'ପୂଜାର ବଳି', 'ମରୁର ସାଥୀ', 'ଛିନ୍ନମସ୍ତା', 'ଯୁଗାନ୍ତର', 'ସମାପ୍ତି', 'ହୋମଶିଖା', 'ମରୀଚିକା' ପ୍ରଭୃତି ଏକ ଏକ ଉଲ୍ଲେଖନୀୟ ସୃଷ୍ଟି। ଜଗବନ୍ଧୁ ମହାପାତ୍ର ରଚନା କରିଥିଲେ 'ମଣିକାଞ୍ଚନ', 'ଭଙ୍ଗା ସଂସାର', 'ବିସର୍ଜନ', 'ପକେଟମାର' ପ୍ରଭୃତି ଉପନ୍ୟାସ। ସୀତାଦେବୀ ଖାଡଙ୍ଗା ରଚନା କରିଥିଲେ 'ପୋଷ୍ୟପୁତ୍ର', 'ପ୍ରତ୍ୟାବର୍ତ୍ତନ' ଓ 'ଅଗ୍ରଜ' ନାମକ ତିନୋଟି ଉପନ୍ୟାସ। ସମକାଳର ଜଣେ ପଥିତଯଶା ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି। ତାଙ୍କ ଅଜସ୍ରସ୍ରାବୀ ଲେଖନୀରୁ ଜନ୍ମ ନେଇଛି 'ବାଲିରାଜା', 'ପଳାତକ', 'ତଥାସ୍ତୁ', 'ହା ଅନ୍ନ', 'ଶାସ୍ତି', 'ବ୍ରଜବାହୁ', 'ଶର୍ବରୀ', 'ମନଜାଣେ ପାପ', 'ସ୍ୱପ୍ନ ନା ସତ୍ୟ', 'ମାୟାବର୍ତ୍ତ', 'ଅଦେଖା ହାତ', 'କା', 'ଝଞ୍ଜା' ପ୍ରଭୃତି ଅର୍ଦ୍ଧଶତାଧିକ ଉପନ୍ୟାସ। ଏହି ସମୟରେ ଅନନ୍ତ ପ୍ରସାଦ ପଣ୍ଡା, କମଳାକାନ୍ତ ଦାସ, ଚକ୍ରଧର ମହାପାତ୍ର, ଶ୍ରୀଧର ମହାପାତ୍ର, ପ୍ରାଣକୃଷ୍ଣ ସାମଲ, କୁଞ୍ଜବିହାରୀ ଦାଶ, ଲକ୍ଷ୍ମୀଧର ନାୟକ, ଶ୍ରଦ୍ଧାକର ସୂପକାର, ବାମାଚରଣ ମିତ୍ର, ଜ୍ଞାନୀନ୍ଦ୍ର ବର୍ମା, ପରଶୁରାମ ମୁଣ୍ଡ, ରଜନୀକାନ୍ତ ଦାସ, ଚନ୍ଦ୍ରମଣି ଦାସ ପ୍ରଭୃତି କିଛି କିଛି ଉପନ୍ୟାସ ରଚନା କରି ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରି ପାରିଛନ୍ତି।

ଏହି କାଳର ଆଉ ଦୁଇଜଣ ପ୍ରତିଭାଶାଳୀ ଔପନ୍ୟାସିକ ହେଲେ ରାଜକିଶୋର ପଟ୍ଟନାୟକ ଓ ଗୋପୀନାଥ ମହାନ୍ତି। ରାଜକିଶୋର ପଟ୍ଟନାୟକଙ୍କ ଉପନ୍ୟାସଗୁଡିକ ହେଲା- 'ପଞ୍ଜୁରୀ ପକ୍ଷୀ', 'ପ୍ରେମର ନିୟତି', 'ସିନ୍ଦୁର ଗାର', 'ଅସରନ୍ତି', 'ସ୍ମୃତିର ମଶାଣି', 'ସପନ କୁହୁକ', 'ବିରହିଣୀ', 'ଭଙ୍ଗାମେଘ', 'ସଞ୍ଜବତୀ', 'ପ୍ରେମିକର ଡାଇରୀ', 'ଚଲାବାଟ', 'କଜ୍ୱଳଗାର', 'ଅଷ୍ଟମୀ ଚାନ୍ଦ', 'କଳାପରଦା', 'ସକାଳ କୁହୁଡି', 'ପ୍ରୀତିର ବଣିକ', 'ପ୍ରୀତିର କଜ୍ୱଳ', 'ଜୀବନ ସନ୍ଧ୍ୟା' ପ୍ରଭୃତି। ବିଷୟବସ୍ତୁ ଓ ଚରିତ୍ର ଚୟନ ସହ ତାର ପରିବେଷଣ ଓ ଭାଷାର ପ୍ରୟୋଗ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ସମାଜରେ ଅବହେଳିତ ଅବସ୍ଥାରେ ଥିବା ଆଦିବାସୀ ଓ ହରିଜନମାନଙ୍କର ଜୀବନାଲେଖ୍ୟକୁ ନେଇ ଗୋପୀନାଥ ମହାନ୍ତି ରଚନା କରିଛନ୍ତି ଅନେକ ଉପନ୍ୟାସ। ସମାଜର ପ୍ରତ୍ୟେକ ସ୍ତରରେ ବାସକରୁଥିବା ମଣିଷମାନଙ୍କ ସହିତ ମିଶି ଯେଉଁ ଅନୁଭବ ଓ ଅଭିଜ୍ଞତା ହାସଲ କରିଥିଲେ ତାହାକୁ ସେ ସଫଳତାର ସହିତ ବିନିଯୋଗ କରିଛନ୍ତ ନିଜ ସାରସ୍ୱତ କୃତିମାନଙ୍କରେ। 'ମନ ଗହୀରର ଚାଷ', 'ଦାଦିବୁଢ଼ା', 'ପରଜା', 'ହରିଜନ', 'ଅମୃତର ସନ୍ତାନ', 'ଶରତ ବାବୁଙ୍କ ଗଳି', 'ରାହୁର ଛାୟା', 'ଦୁଇପତ୍ର', 'ସପନ ମାଟି', 'ଦାନାପାଣି', 'ଶିବଭାଇ', 'ଅପହଞ୍ଚ', 'ଲୟ ବିଳୟ', 'ତନ୍ତ୍ରିକାର', 'ମାଟିମଟାଳ', 'ପାହାନ୍ତା', 'ଆକାଶ ସୁନ୍ଦରୀ', 'ଅନଳ ନଳ', 'ଦିଗ ଦିହୁଡି' ପ୍ରଭୃତି ତାଙ୍କ ଦ୍ୱାରା ରଚିତ କେତୋଟି ଉଲ୍ଲେଖନୀୟ ଉପନ୍ୟାସ ସୃଷ୍ଟି।

ସ୍ୱାଧୀନତା ପରବର୍ତ୍ତୀ କାଳରେ ସ୍ୱାଧୀନତୋତ୍ତର କାଳର ନୂତନ ଚିନ୍ତା ଓ ଚେତନାକୁ ନେଇ କିଛି ପ୍ରବୀଣ ଓ ତରୁଣ ଔପନ୍ୟାସିକ ଉପନ୍ୟାସ ରଚନା କରିବାରେ ମନୋନିବେଶ କରିଥିଲେ। ସେମାନଙ୍କ ମଧ୍ୟ ରୁ ସୁରେନ୍ଦ୍ର ମହାନ୍ତି ଅନ୍ୟତମ। ତାଙ୍କଦ୍ୱାରା ରଚିତ 'ବଧୂ ଓ ପ୍ରିୟା', 'ଅନ୍ଧ ଦିଗନ୍ତ', 'ନୀଳଶୈଳ', 'କାଳାନ୍ତର', 'ଅଚଳାୟତନ', 'ହଂସଗୀତି', 'ନୀଳାଦ୍ରି ବିଜୟ', 'ନେତି ନେତି', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ଆଜୀବକର ଅଟ୍ଟହାସ' ପ୍ରଭୃତି ଉପନ୍ୟାସଗୁଡ଼ିକ ସାମାଜିକ, ଐତିହାସିକ, ରାଜନୀତିକ ଆଦି ଘଟଣାବଳୀକୁ ଆଧାରକରି ରଚିତ ହୋଇଥିବା ଏକ ଏକ ସଫଳ ସୃଷ୍ଟି। ନରସିଂହ ଚରଣ ସାହୁଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା 'ସେବା ସଦନ', 'ବଡଘରର ଝିଅ', 'ଅଭିଯୋଗ', 'ମେଘମାଳା', 'ପାଗଳ', 'ଅଠାକାଠି', 'ବିପ୍ଳବ', 'ଚନ୍ଦ୍ରଚକୋର', 'ଦୁଃଖ ନଈର କୂଳେ କୂଳେ' ପ୍ରଭୃତି। ଏହି କାଳରେ ଗୋକୁଳାନନ୍ଦ ମହାପାତ୍ର ବିଜ୍ଞାନର ବିଷୟବସ୍ତୁକୁ ଆଧାର କରି କିଛି ଉପନ୍ୟାସ ରଚନା କରିଛନ୍ତି। 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ', 'ସ୍ପୁଟନିକ୍', 'ପୃଥିବୀ ବାହାରେ ମଣିଷ' ପ୍ରଭୃତି ଏକ ଏକ ସଫଳ ବୈଜ୍ଞାନିକ ଉପନ୍ୟାସ। ମହାପାତ୍ର ନୀଳମଣି ସାହୁ 'ଧରା ଓ ଧାରା' ଏବଂ 'ତାମସୀ ରାଧା' ଉପନ୍ୟାସର ସ୍ରଷ୍ଟା। ଗୋବିନ୍ଦ ଦାସଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା 'ଅମାବାସ୍ୟାର ଚନ୍ଦ୍ର', 'ଭଗ୍ନାଂଶ', 'ସୂର୍ଯ୍ୟାସ୍ତ ଓ ଲାସ୍ୟ' ପ୍ରଭୃତି। 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସଟି ଓଡ଼ିଆ ସାହିତ୍ୟ ଜଗତରେ ଏକ ବହୁ ଜନାଦୃତ ସୃଷ୍ଟି। ଔପନ୍ୟାସିକ ଶୁକଦେବ ସାହୁ ଗ୍ରାମୀଣ ପରିବେଶର ବାସ୍ତବଚିତ୍ରକୁ ନିଜ ଉପନ୍ୟାସରେ ଖୁବ ସୁନ୍ଦର ଭାବରେ ଅଙ୍କନ କରିପାରିଛନ୍ତି। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା - 'ନବଜନ୍ମ', 'ମନର ଯେତେ ଆଶା', 'ମନହରିଣୀ କାନ୍ଦେ', 'ଖସଡା ପଥରେ', 'ପରବାସୀ', 'ବିଦେଶ ବାହୁଡା', 'ପ୍ରିୟା ପରକୀୟା' ପ୍ରଭୃତି ଉପନ୍ୟାସ। ବସନ୍ତକୁମାରୀ ପଟ୍ଟନାୟକ ରଚନା କରିଥିଲେ 'ଅମଡ଼ା ବାଟ', 'ଚୋରାବାଲି', 'ଅଲିଭା ଚିତା' ପ୍ରଭୃତି ଉପନ୍ୟାସ। ମୂରଲୀଧର ମଲ୍ଲିକ ଜଣେ ଐତିହାସିକ ଉପନ୍ୟାସ ଲେଖକ ଭାବରେ ପରିଚିତ। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା- 'କାଳାନ୍ତର', 'ରକ୍ତ ସ୍ୱାକ୍ଷର', 'ମହାମେଘବାହନ', 'ବନ ବନାନ୍ତର', 'ଦେବୀ' ଆଦି ରଚନା। ଜଣେ ଆଞ୍ଚଳିକ ଉପନ୍ୟାସ ଲେଖକ ଭାବରେ ପରିଚିତ ଯମେଶ୍ୱର ମିଶ୍ରଙ୍କ ରଚନା ଗୁଡ଼ିକ ହେଲା- 'ଖମାରୀ' ଓ 'ଗଉନ୍ତିଆ'।

ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ 'ସ୍ମୃତିମନ୍ଥନ', 'ଡାକ୍ତରଖାନା', 'ଏମନ ସେମନ', 'ଖୋଜିପାଏନା', 'ଅଦ୍ୱିତୀୟ', 'ଛିନ୍ନପୃଷ୍ଠା' ଆଦି ଉପନ୍ୟାସମାନ ରଚନା କରି ନିଜକୁ ଜଣେ ଔପନ୍ୟାସିକ ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି। ବଳରାମ ପଟ୍ଟନାୟକ 'ଜଣାଅଜଣା', 'ମହାନଦୀର ଢ଼େଉ', 'ପ୍ରତିଧ୍ୱନି', 'ମନ ଅରଣ୍ୟ', 'ଅନ୍ଧକାରର ଜ୍ୟୋତ୍ସ୍ନା', 'ଆସ୍ତାଚଳର ସୂର୍ଯ୍ୟ', 'ତିନି ଅଧ୍ୟାୟ' ଆଦି ଅନେକ ଉପନ୍ୟାସର ସ୍ରଷ୍ଟା। ଜଣେ ରହସ୍ୟଧର୍ମୀ ଉପନ୍ୟାସର ସ୍ରଷ୍ଟା ଭାବରେ କସ୍ତୁରି ଚରଣ ଦାସ ବେଶ୍ ପରିଚିତ। ସେ 'ରକ୍ତ ତାଣ୍ଡବ', 'କାଳରାତ୍ରିର ଶଇତାନ', 'ଲାଲଫିତା', 'ଲାଲାପରୀ', 'ନିହତ ନାୟିକା' ଆଦି ଅର୍ଦ୍ଧଶତାଧିକ ଉପନ୍ୟାସ ରଚନା କରିଛନ୍ତି। ଚନ୍ଦ୍ରଶେଖର ରଥଙ୍କ ଉପନ୍ୟାସ 'ଅସୂର୍ଯ୍ୟ ଉପନିବେଶ', 'ଯନ୍ତ୍ରାରୂଢ଼', 'ନବ ଜାତକ' ଆଦି ଏକ ଏକ ସାର୍ଥକ ଉପନ୍ୟାସ। ଯଦୁନାଥ ଦାଶ ମହାପାତ୍ର ରଚନା କରିଛନ୍ତି 'ନୀଡର ସନ୍ଧାନେ', 'ଲୁହାର ଫୁଲ', 'ରାହୁ ମୁକ୍ତି', 'ଗ୍ରାମ ନଦୀର ତୀରେ', 'ମାଘଶେଷ ମେଘଶେଷ', 'ସନ୍ତାନ ସେତୁ', 'ଏ ଦେହ ଦେବାଳୟ' ପ୍ରଭୃତି ଉପନ୍ୟାସ। ରମାକାନ୍ତ ପଣ୍ଡା 'ଦଇବ ଦଉଡି', 'ଅଦୃଶ୍ୟ ଆଶୀର୍ବାଦ', 'ପଦ୍ମ ବନର ପ୍ରତିରକ୍ଷା' ଆଦି ଉପନ୍ୟାସର ସ୍ରଷ୍ଟା। ସାତକଡି ହୋତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା- 'ବ୍ୟାକୁଳ ହୃଦୟ', 'ଅନେକ ଦିଗନ୍ତ', 'ଏତେ ସ୍ୱପ୍ନ

ଏତେ ଆଲୋକ', 'ସ୍ୱପ୍ନ ଶିକୁଳି', 'ଅଶାନ୍ତ ଅରଣ୍ୟ', 'ସୂର୍ଯ୍ୟ ଉଇଁଲେ ସ୍ୱପ୍ନ', 'ଅସମୟ' ପ୍ରଭୃତି। ଗୋରାଚାନ୍ଦ ମିଶ୍ରଙ୍କ ରଚିତ ଉପନ୍ୟାସଗୁଡିକ ହେଲା - 'ପ୍ରୀତିପୂର୍ବା', 'ମୁକ୍ତଛନ୍ଦ', 'କେତେ କାମିନୀ କେତେ ଯାମିନୀ', 'ପାଷାଣୀ କନ୍ୟା' ପ୍ରଭୃତି। ଏହି ଉପନ୍ୟାସଗୁଡିକରେ ସମାଜ ଜୀବନ ଓ ଲୋକଚରିତ୍ରକୁ ଅତି ନିଖୁଣ ଭାବରେ ରୂପାୟିତ କରାଯାଇଛି। ଭାଗୀରଥି ନେପାକ ରଚନା କରିଛନ୍ତି 'ମଧୁମଦିରା', 'ଲୁଚକାଳି', 'ପୁନରାବୃତ୍ତି', 'ଦେହ ଓ ଦେହାତୀତ', 'ତରୁଣୀର ମନ', 'ବନ୍ଧୁ ପତ୍ନୀ', 'ସୁଜାତାର ସ୍ୱପ୍ନ' ପ୍ରଭୃତି ଉପନ୍ୟାସ। ଆଲୋଚ୍ୟ କାଳରେ ଗାୟତ୍ରୀ ବସୁମଲ୍ଲିକ ଜଣେ ଜଣାଶୁଣା ଔପନ୍ୟାସିକା। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡିକ ହେଲା- 'ମରୁଝର', 'ଓଏସିସ୍', 'ବନବିହଙ୍ଗୀ', 'କାବେରୀ', 'ମୃଗତୃଷାର ଇତିକଥା', 'ସାତ ସାଗର ତେର ନଈ ପାରେ', 'ବିମୁଖ ଭ୍ରମର', 'ରୌଦ୍ରଛାୟା', 'ମାଧବୀର ମଧୁରାତ୍ରି', 'ସୂର୍ଯ୍ୟପରାଗ' ପ୍ରଭୃତି। ନରସିଂହ ମିଶ୍ର 'ବେଳାଭୁମି', 'ଲଘୁଚାପ', 'ସେ ଫୁଲ ମଉଳି ନାହିଁ', 'ଶକୁନି' ଆଦି ଉପନ୍ୟାସର ସ୍ରଷ୍ଟା। ନୃସିଂହ ଚରଣ ପଣ୍ଡା ରଚନା କରିଛନ୍ତି 'ଚଣ୍ଡାଶୋକ', 'ଧର୍ମାଶୋକ', 'ମେଷପାଳକ', 'ସପ୍ତସିନ୍ଧୁ', 'ଖାରବେଳ' ପ୍ରଭୃତି ଉପନ୍ୟାସ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସଗୁଡିକ ବେଶ ପାଠକୀୟ ଆଦୃତି ଲାଭ କରିପାରିଛି। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡିକ ହେଲା- 'ନରକିନ୍ନର', 'ଶତାବ୍ଦୀର ନଚିକେତା', 'ତିନୋଟି ରାତିର ସକାଳ', 'ଦକ୍ଷିଣାବର୍ତ୍ତ', 'ଯାତ୍ରାର ପ୍ରଥମ ପାଦ', 'ଶକୁନ୍ତଳା' ପ୍ରଭୃତି ଉପନ୍ୟାସ। କୃଷ୍ଣପ୍ରସାଦ ମିଶ୍ରଙ୍କ 'ମୃଗତୃଷ୍ଣା', 'ସିଂହକଟି', 'ନେପଥ୍ୟେ' ପ୍ରଭୃତି ଉପନ୍ୟାସଗୁଡିକ ମନୋବିଶ୍ଲେଷଣରେ ତାଙ୍କ ଦକ୍ଷତା ପ୍ରଦର୍ଶନ କରେ। ଯମେଶ୍ୱର ତ୍ରିପାଠୀ ରଚନା କରିଛନ୍ତି- 'ସେକାଳ ଏକାଳ ଅନ୍ୟକାଳ', 'ସଞ୍ଜସକାଳ', 'ମିଥୁନ ଲଗ୍ନ',' ମାଳବିକାର ସ୍ୱପ୍ନ', 'ଝଡ଼ ଓ ନୀଡ଼', 'ଚିତ୍ତ ଚକୋରୀ ଝୁରେ' ପ୍ରଭୃତି ଉପନ୍ୟାସ। ତାଙ୍କ ଉପନ୍ୟାସଗୁଡ଼ିକରେ ସମାଜାଭିମୁଖୀ ଚେତନାର ପରିଚୟ ଦେଖିବାକୁ ମିଳେ। ମହାପାତ୍ର ଯତୀନ୍ଦ୍ର କୁମାର ହେଉଛନ୍ତି କେତୋଟି ଲୋକପ୍ରିୟ ଉପନ୍ୟାସର ସ୍ରଷ୍ଟା। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା- 'ବିଦଗ୍ଧ ଅଂଶୁପା', 'ସାଗର ନଦୀ ଝରଣା', 'ମନ ଅରଣ୍ୟ', 'ଅସଂଲଗ୍ନ', 'ଅସି ଓ ମୃଣାଳ', 'ମରୁ ନଦୀର ବନ୍ୟା' ପ୍ରଭୃତି ଉପନ୍ୟାସ। ଦଶରଥ ସାମଲ ରଚନା କରିଛନ୍ତି 'ଯୋଗାଯୋଗ', 'ସେ ନାରୀ ବନ୍ଦନୀୟା', 'ବଧୂ ବରଣ', 'ମନର ତଳେ ତଳେ', 'ନୀଳ ସିନ୍ଧୁର ଉପକଣ୍ଠେ', 'ଫୁଟାଫଗୁଣ' ପ୍ରଭୃତି ଉପନ୍ୟାସ। ଅବନୀ କୁମାର ବରାଳ 'ମଞ୍ଚକନ୍ୟାର କାହାଣୀ', 'ଅପରାହ୍ନର ଛାୟା', 'ପ୍ରେମର ଅନ୍ୱେଷଣରେ ଗୋଟିଏ ତରୁଣୀ', 'ସଂଳାପ ନିର୍ଜନତାର' ପ୍ରଭୃତି ଉପନ୍ୟାସର ସ୍ରଷ୍ଟା। ଶ୍ରୀନିବାସ ଉଦଗାତା କେତୋଟି ଉପନ୍ୟାସର ରଚୟିତା। ତାଙ୍କ ଉପନ୍ୟାସଗୁଡ଼ିକ ହେଲା 'ନୀଳ ନୟନ ତଳେ', 'ଶେଷ ରାତ୍ରି ପ୍ରଥମ ସକାଳ', 'ଶିଳାର ସପନ', 'କାନ୍ତା' ପ୍ରଭୃତି।

ଆଲୋଚ୍ୟ କାଳର ଜଣେ ଲୋକପ୍ରିୟ ଉପନ୍ୟାସ ଲେଖକ ଭାବରେ ବିଭୁତି ପଟ୍ଟନାୟକଙ୍କ ଖ୍ୟାତି ସୁବିଦିତ। ତାଙ୍କ ଉପନ୍ୟାସରେ ନାରୀଜାତି ପ୍ରତି ଆନ୍ତରିକତା ଓ ସ୍ୱତନ୍ତ୍ର ସମ୍ମାନ ପ୍ରଦର୍ଶିତ ହୋଇଛି। ସରଳ ଓ ମନଛୁଆଁ ଭାଷାରେ ମଣିଷ ଓ ସମାଜର ସ୍ୱରୂପକୁ ବିଶ୍ଲେଷଣ କରିବାରେ ସେ ବେଶ ଧୁରୀଣ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଅଶୀରୁ ଅଧିକ ଉପନ୍ୟାସ ରଚନା କରିସାରିଛନ୍ତି। 'ଶେଷ ବସନ୍ତ', 'ଦିନଯାଏ ଚିହ୍ନ ରହେ', 'ତୁମେ ତୃଷାର ଜଳ', 'ମାୟାବୀ ହୃଦୟ', 'ଟୋପାଏ ସିନ୍ଦୂର ଦିପଟ ଶଙ୍ଖା', 'କେଶବତୀ କନ୍ୟା', 'ଗାରେ କଜ୍ୱଳ ଧାରେ

ଲୁହ', 'ବଧୂ ନିରୁପମା', 'ଚପଳଛନ୍ଦା', 'ସୁଲତାନା', 'ଓଦାମାଟିର ସ୍ୱର୍ଗ', 'ବନ୍ଦୀ ଯାଯାବର', 'ନାୟିକାର ନାମ ଶ୍ରାବଣୀ', 'ଅଶ୍ୱମେଧର ଘୋଡ଼ା', 'ଦେବକୀର କାରାବାସ', 'ସତୀ ଅସତୀ', 'ଘନ କୁହୁଡ଼ିର ଦିନ' ପ୍ରଭୃତି ତାଙ୍କଦ୍ୱାରା ରଚିତ କେତୋଟି ଉପନ୍ୟାସ। ଦେବ୍ରାଜ ଲେଙ୍କା ରଚନା କରିଛନ୍ତି 'ଅନ୍ଧ ମୁହାଣୀ', 'ଜୋକର', 'ଖେଳ', 'ପ୍ରେମ ନଗରର ଅନେକ କଥା', 'ଦୂର ପୃଥିବୀର ତାରା' ପ୍ରଭୃତି କେତୋଟି ଉପନ୍ୟାସ। କଳ୍ପନା କୁମାରୀ ଦେବୀଙ୍କ 'ପଞ୍ଚପୁଷ୍ପ', 'ସୁନୀଳ ଶିହର', 'ପ୍ରଜାପତିର ମନ', 'ଦିନାନ୍ତର ରଙ୍ଗ' ପ୍ରଭୃତି ତାଙ୍କ ସ୍ୱକୀୟ ଶୈଳୀରେ ରଚିତ କେତୋଟି ଉପନ୍ୟାସ। ବ୍ରଜମୋହନ ମହାନ୍ତି ରଚନା କରିଛନ୍ତି 'କାହାଣୀ ତିନି ବନ୍ଧର', 'ବିନ୍ଦୁଏ ନିଆଁ', 'ତକ୍ଷକ ମୁଁ କୃଷ୍ଣ', 'ମୃତ ନଦୀର ଢ଼େଉ', 'ଅନ୍ଧ ପୃଥିବୀ', 'ଲଳିତ ଲବଙ୍ଗଲତା' ପ୍ରଭୃତି ଉପନ୍ୟାସ। ରଘୁନାଥ ମହାପାତ୍ରଙ୍କ ଉପନ୍ୟାସଗୁଡ଼ିକ ହେଲା 'ମୁଁ ମନ୍ତ୍ରୀ ହେବି', 'ପ୍ରଥମ ପ୍ରତିଶ୍ରୁତି', 'ଧୂସର ମାଟି ଓ ସବୁଜ ଶସ୍ୟ' ପ୍ରଭୃତି। କାଳିପ୍ରସାଦ ଦାସ ରଚନା କରିଛନ୍ତି 'ଶୀତଳ ଜ୍ୱାଳା', 'ପ୍ରତି ପ୍ରଜାପତି', 'ନାଟକର ଗୋବର୍ଦ୍ଧନ', 'ଅନେକ ବାସନା', 'ଜୀବନ ସଉଦା', 'ସଭ୍ୟତାର ଖେଳ', 'ସ୍ୱର୍ଗ ସାଙ୍ଗେ ସର୍ତ୍ତ', 'ପୀତାମ୍ବରୀ' ଆଦି କେତୋଟି ଉପନ୍ୟାସ। ଜଗନ୍ନାଥ ମଲ୍ଲିକ ଜଣେ ବିଶିଷ୍ଟ ରାଜନେତା ହୋଇଥିଲେ ମଧ୍ୟ 'କୈବର୍ତ୍ତ୍ୟ କନ୍ୟା', 'ଜରାସନ୍ଧ', 'ସଂବିତ' ଭଳି କୋଡୋଟି ଉପନ୍ୟାସ ରଚନା କରିଛନ୍ତି। ଅନାଦି ସାହୁ ବିଭିନ୍ନ ବିଷୟବସ୍ତୁକୁ ନେଇ କେତୋଟି ଉପନ୍ୟାସ ରଚନା କରିଛନ୍ତି। ସେଗୁଡ଼ିକ ହେଲା- 'ମୁଣ୍ଡ ମେଖଳା', 'ଜଙ୍ଗଲୀ ସହର', 'କ୍ଷଣଭଙ୍ଗୁର', 'ମାୟା', 'ଜରାସନ୍ଧ', 'ରାକାରାୟ' ପ୍ରଭୃତି। ପ୍ରଶନ୍ନ କୁମାର ମିଶ୍ରଙ୍କ ଦ୍ୱାରା ରଚିତ 'ବଢ଼ିପାଣିର ଦାନ୍ତ', 'ଅସୁର' ଆଦି ଏକ ଏକ ସଫଳ ଉପନ୍ୟାସ। ଗଣେଶ୍ୱର ମିଶ୍ର ରଚନା କରିଛନ୍ତି 'ସାମୁଦ୍ରିକ', 'ଆରୋହୀ', 'ନେତା' ଓ 'ସକାଳର ମୁହଁ' ଭଳି କେତୋଟି ଉପନ୍ୟାସ।

ସାଂପ୍ରତିକ କାଳରେ ପ୍ରତିଭା ରାୟ ହେଉଛନ୍ତି ଜଣେ ବହୁ ଚର୍ଚ୍ଚିତ ଔପନ୍ୟାସିକା। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା- 'ଯାଜ୍ଞସେନୀ', 'ଉତ୍ତରମାର୍ଗ', 'ଶିଳାପଦ୍ମ', 'ପୁଣ୍ୟତୋୟା', 'ଆଶାବରୀ', 'ଅପରିଚିତା', 'ନିଷିଦ୍ଧ ପୃଥିବୀ', 'ଉପନାୟିକା', 'ଅରଣ୍ୟ', 'ଆଦିଭୂମି' ପ୍ରଭୃତି ଅନ୍ୟତମ। ଜଗଦୀଶ ମହାନ୍ତି ହେଉଛନ୍ତି ଓଡ଼ିଆ କଥାସାହିତ୍ୟ ଜଗତର ଜଣେ କୃତୀ ଶିଳ୍ପୀ। 'କନିଷ୍ଠ କନିଷ୍ଠ', 'ନିଜ ନିଜ ପାନିପଥ', 'ଉତ୍ତରାଧିକାର', 'ଆଲବମରେ କେତୋଟି ମୁହଁ', 'ଦୁର୍ଦ୍ଦିନ' ଆଦି ତାଙ୍କ ଦ୍ୱାରା ରଚିତ କେତୋଟି ଉପନ୍ୟାସ। ହୃଷିକେଶ ପଣ୍ଡା ଜଣେ ବହୁ ପ୍ରତିଭାସମ୍ପନ୍ନ କଥାଶିଳ୍ପୀ। 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତ', 'ଶୂନ ସଙ୍ଗେ ସାମୟିକ ସନ୍ଧି', 'ସୁନାପୁଟର ଲୋକେ', 'ସୁବର୍ଣ୍ଣ ଦ୍ୱୀପ', 'ଶୂନ୍ୟତାର ପାଶ୍ଚାତ୍ୟକୁ' ପ୍ରଭୃତି ଉପନ୍ୟାସ ତାଙ୍କ ସାଧନା ଓ ସିଦ୍ଧିର ସ୍ୱାକ୍ଷର। ପ୍ରଫୁଲ୍ଲ ନାୟକ ଜଣେ ଲୋକପ୍ରିୟ ଔପନ୍ୟାସିକ। ସେ ଅନେକ ଉପନ୍ୟାସ ରଚନା କରିଛନ୍ତି। ତାଙ୍କ ଦ୍ୱାରା ସୃଷ୍ଟ ଉପନ୍ୟାସଗୁଡ଼ିକ ହେଲା 'ସବୁ ଫୁଲ ଅନ୍ଧାରେ ଫୁଟିଛି', 'ସାତ ସମୁଦ୍ର ତେର ନଈ', 'କାଚଜହ୍ନ', 'ଯାହା କହିବିନି', 'କିଏ ଆପଣାର', 'ମାୟା ମୟୁରୀ', 'ବଗୁଲି ଗଡ଼ାଏ ଲୁହ', 'ଭୋକିଲା ବସୁଧା', 'ଶୋଷିଲା ନଈ', 'ସୂର୍ଯ୍ୟ ସନ୍ଧାନେ', 'ହେମ ହରିଣୀ', 'କେବଳ କାହାଣୀ ନୁହେଁ' ପ୍ରଭୃତି ସାମାଜିକ କଥାବସ୍ତୁ ଆଧାରିତ ଉପନ୍ୟାସ।

ଏହି ସମସ୍ତ ଔପନ୍ୟାସିକଙ୍କ ବ୍ୟତୀତ ଆହୁରି ଅନେକ ସାରସ୍ୱତ ସ୍ରଷ୍ଟା ଉପନ୍ୟାସମାନ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି। ସେମାନଙ୍କ ମଧ୍ୟରେ ରାଧାମୋହନ ମହାପାତ୍ର, ଅପୂର୍ବରଞ୍ଜନ ରାୟ, ଦେବକୀ ଦାସ, ଭାସ୍କର ଜେନା, ହେମନ୍ତ କୁମାର ମହାପାତ୍ର, ସୁବାସ ସାହୁ, ବିକ୍ରମ ଦାସ, ହରିହର

ବାହିନୀପତି, ପ୍ରିୟବ୍ରତ ଦାସ, ଉମାକାନ୍ତ ମହାପାତ୍ର, କୃପାସିନ୍ଧୁ ବିଶ୍ୱାଲ, ରାମପ୍ରସାଦ ପୁରୋହିତ, ସୌଦାମିନୀ ଉଦଗାତା, ବସନ୍ତ କୁମାର ସାମଲ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଧୂର୍ଜ ଖଣ୍ଡିଆ, ରଘୁନାଥ ରାଉତ, ଅମୂଲ୍ୟ କୁମାରୀ ଦେବୀ, ଶକୁନ୍ତଳା ଦେବୀ, ପ୍ରଶାନ୍ତ ମହାନ୍ତି, ସୁନୀଲ ମିଶ୍ର, ସୁକାମିନୀ ନନ୍ଦ, ମାନସୀ ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ। ଏମାନଙ୍କ ମଧ୍ୟ ରୁ ଅଧିକାଂଶ ହେଉଛନ୍ତି ନୂତନ। ଆଶା କରାଯାଏ ଏମାନଙ୍କ ଉଦ୍ୟମ ବଳରେ ଓଡ଼ିଆ ଉପନ୍ୟାସ ସାହିତ୍ୟଟି ଅଧିକ ବିଭବଶାଳୀ ହେବ।

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଉପନ୍ୟାସର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର।

(ଖ) ଉପନ୍ୟାସର ଗଠନରୀତି ସଂପର୍କରେ ଆଲୋଚନା କର।

(ଗ) ଉପନ୍ୟାସର ପ୍ରକାରଭେଦ ଉଦାହରଣ ସହ ପ୍ରଦାନ କର।

(ଘ) ଓଡ଼ିଆ ଉପନ୍ୟାସର ବିକାଶକ୍ରମକୁ ସଂକ୍ଷେପରେ ଆଲୋଚନା କର।

## ୧.୬ ସହାୟକ ଗ୍ରନ୍ଥସୂଚୀ


- ସାହିତ୍ୟର ତାଳପତ୍ର, ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡର୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ମୁଦ୍ରଣ - ୧୯୯୯।
- ସାହିତ୍ୟର ସ୍ୱରୂପ ଓ ସର୍ବେକ୍ଷଣ, ଡକ୍ଟର ଦୀନବନ୍ଧୁ ମିଶ୍ର, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ- ୨, ପ୍ରଥମ ସଂସ୍କରଣ - ଏପ୍ରିଲ, ୨୦୦୦।
- ଓଡ଼ିଆ ଉପନ୍ୟାସ, ଡକ୍ଟର କୃଷ୍ଣଚରଣ ବେହେରା, ଫ୍ରେଣ୍ଡର୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ଚତୁର୍ଥ ସଂସ୍କରଣ - ୨୦୧୩।
- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଡକ୍ଟର ବାଉରୀବନ୍ଧୁ କର, ଆଶା ପୁସ୍ତକାଳୟ, ବାରାକ୍ସ, ବ୍ରହ୍ମପୁର-୧, ନୂତନ ସଂସ୍କରଣ - ୧୯୯୭।
- ଓଡ଼ିଆ ଉପନ୍ୟାସର ଶିଳ୍ପରୀତି : ଫକୀରମୋହନ, ସନ୍ତୋଷ କୁମାର ରଥ, ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ପ୍ରକାଶକାଳ- ୨୦୧୮।

# ଦ୍ୱିତୀୟ ଏକକ : ଔପନ୍ୟାସିକ କାହ୍ନୁଚରଣ ମହାନ୍ତି

## ବିଷୟ ଗଠନ :

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି
୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ପାଠକର ମନୋରଞ୍ଜନ ସକାଶେ ଯେଉଁ କେତେଜଣ କଥାକାର ଉପନ୍ୟାସ ରଚନାରେ ମନୋନିବେଶ କରିଥିଲେ, ସେମାନଙ୍କ ମଧ୍ୟ ରେ କାହ୍ନୁଚରଣ ମହାନ୍ତି ଅଗ୍ରଗଣ୍ୟ । ପାଠକକୁ ଆନନ୍ଦ ଦେବା ଯେ ସାହିତ୍ୟର ମୂଖ୍ୟ ଉଦ୍ଦେଶ୍ୟ- ଏହା କାହ୍ନୁଚରଣଙ୍କ ଉପନ୍ୟାସ ପଢ଼ିଲେ ଜାଣିହୁଏ । ସେ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପାଠକର ମନୋରଞ୍ଜନ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଭାଷାରେ- "ଗଳ୍ପ ଓ ଉପନ୍ୟାସର ଗୋଟିଏ ଉଦ୍ଦେଶ୍ୟ ଓ ଗୋଟିଏ ଆଦର୍ଶ ରହିବା ଆବଶ୍ୟକ ବୋଲି କେହି କେହି ମତବ୍ୟକ୍ତ କରନ୍ତି । ପ୍ରଧାନ ଉଦ୍ଦେଶ୍ୟ ହେଲା ପାଠକର ମନୋରଞ୍ଜନ । ସେ ଯଦି ପଢ଼ିବାକୁ ସୁଖ ନପାଇଲା, କେବଳ ବୌଦ୍ଧିକତାର ମହାରଣ୍ୟ ଭିତରେ ବୁଲି ବୁଲି, ବାଟବଣା ହେବାର ଦୁଃଖରେ, ଦୁର୍ଭାବନାରେ ଧାଇଁ ଧାଇଁ ବାହୁଡି ଆସିଲା, ଦୂରରୁ ଜୁହାରି ନିରସ୍ତ ହେଲା, ତେବେ ସାଧାରଣ ପାଠକର ଦୃଷ୍ଟିରେ ଲେଖାଟିର ସାର୍ଥକତା ରହିଲା କେଉଁଠି ? ଗଳ୍ପ, ଉପନ୍ୟାସ, କବିତା, କାବ୍ୟ, ଏକାଙ୍କିକା ଓ ନାଟକ ଯଦି ଲୋକପ୍ରିୟ ନହେଲା- ଲେଖିବାର ଉଦ୍ଦେଶ୍ୟ (ଯଦି ମନୋରଞ୍ଜନ ବୋଲି ଗ୍ରହଣ କରାଯାଏ) ସଫଳ ହେଲା ବୋଲି କହିହେବ ନାହିଁ ।" (ନବପତ୍ର - ଗୋପୀନାଥ ବିଶେଷାଙ୍କ(୧୯୭୪) ଇଚ୍ଛାନୁସାରେ-କାହ୍ନୁଚରଣ-ପୃଷ୍ଠା-୨୪) ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗଗୁଡିକ ଜାଣିପାରିବେ :

- ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନ ।
- ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ସାରସ୍ୱତ ଜୀବନ ।
- ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ ସମୁହ ।

## ୨.୩ ବିଷୟ ପ୍ରବେଶ

ଶରତଚନ୍ଦ୍ର ଯେପରି ବହୁସଂଖ୍ୟକ ଉପନ୍ୟାସ ରଚନା କରି ବଙ୍ଗଳା ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ, ଠିକ୍ ସେହିପରି କାହ୍ନୁଚରଣ ମହାନ୍ତି ମଧ୍ଯ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧକାଳଧରି ଅର୍ଦ୍ଧ ଶତାଧିକ ଉପନ୍ୟାସ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଲୋକପ୍ରିୟ କରିଥିଲେ। ତରୁଣ ବୟସରୁ ଆରମ୍ଭ କରି ଜୀବନର ଶେଷସମୟ ପର୍ଯ୍ୟନ୍ତ ତାଙ୍କରି ଲେଖନୀ ବନ୍ଦ ହୋଇନଥିଲା। ଆଧୁନିକ ସମାଜଜୀବନ, ମଣିଷର ମାନସିକ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ସଭ୍ୟତାରେ ଦ୍ୱିଧାଗ୍ରସ୍ତ ମଣିଷ ଓ ତା'ର ଐତିହ୍ୟକୁ ନେଇ ଉପନ୍ୟାସରେ କଳାତ୍ମକ ରୂପ ଦେବାରେ ତାଙ୍କର କୃତିତ୍ୱକୁ ଏଡ଼ାଇ ହେବନାହିଁ। ପୁଣି ମଣିଷର ମନୋବିଶ୍ଳେଷଣ, ଶ୍ରେଣୀହୀନ ସମାଜର ପରିକଳ୍ପନା, ଶୋଷଣରୁ ମଣିଷର ମୁକ୍ତି କାମନା ଓ ଭାଗ୍ୟକୁ ନେଇ ବଞ୍ଚିଥିବା ମଣିଷକୁ ବାସ୍ତବାଭିମୁଖୀ କରିବାରେ ତାଙ୍କ ଉପନ୍ୟାସଗୁଡ଼ିକ ମଣିଷ ଜୀବନର ଏକ ଏକ ଉଜ୍ଜ୍ୱଳ ପୁସ୍ତକ। ସେ ତାଙ୍କ ଉପନ୍ୟାସଗୁଡ଼ିକ ଏକ ସାମାଜିକ ପ୍ରତିବଦ୍ଧତା ନେଇ ରଚନା କରିଛନ୍ତି। ଏଥିରେ ଦୁର୍ଭିକ୍ଷ ପ୍ରପୀଡ଼ିତ, ନିର୍ଯାତିତ, ଅବହେଳିତ ଓ ଅନୁନ୍ନତ ସମ୍ପ୍ରଦାୟର ମଣିଷଙ୍କ ପ୍ରତି ଥିବା ତାଙ୍କର ଦରଦ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ମଣିଷ ପରିସ୍ଥିତିର ଦାସ ଓ କୌଣସି ଆଦର୍ଶବାଦର ଗଣ୍ଡିରେ ସେ ଆବଦ୍ଧ ହେବା ସହଜ ନହେଲେ ମଧ୍ଯ ସେ କିପରି ଆଦର୍ଶ ଓ ବାସ୍ତବର ଦ୍ୱନ୍ଦ୍ୱରେ ଭ୍ରମି ହେଉଥାଏ ସେକଥା ତାଙ୍କ ଉପନ୍ୟାସମାନଙ୍କରୁ ବେଶ୍ ଭଲଭାବରେ ଜଣାପଡ଼େ।

## ୨.୪ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି

**ବ୍ୟକ୍ତଗତ ଓ ସାରସ୍ୱତ ଜୀବନ :**

ପ୍ରତିଭାଧର ଔପନ୍ୟାସିକ ସ୍ୱର୍ଗତ କାହ୍ନୁଚରଣ ମହାନ୍ତି ୧୯୦୬ ମସିହା ଅଗଷ୍ଟ ମାସ ୧୧ ତାରିଖ ଦିନ ପବିତ୍ର ଜନ୍ମାଷ୍ଟମୀ ତିଥୀରେ ଅବିଭକ୍ତ ବଲାଙ୍ଗିର ଜିଲ୍ଲା ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାର ସୌନ୍ଦର୍ଯ୍ୟମୟୀ ସହର ସୋନପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲା ଶ୍ରୀଯୁକ୍ତ ସୂର୍ଯ୍ୟମଣି ମହାନ୍ତି ଓ ତାଙ୍କ ମାତାଙ୍କ ନାମ ଥିଲା ଦୁର୍ଗାବତୀ ଦେବୀ। କାହ୍ନୁଚରଣଙ୍କ ପୈତ୍ରିକ ଘର କଟକ ଜିଲ୍ଲାର ନାଗବାଲି ହୋଇଥିବା ବେଳେ ତାଙ୍କ ବାପା ସୋନପୁରରେ ପି.ଡବ୍ଲୁ.ଡି.ର ଓଭରସିଅର୍ ଭାବରେ ଚାକିରୀ କରୁଥିବାରୁ କାହ୍ନୁଚରଣ ସେଇଠିହିଁ ଜନ୍ମଗ୍ରହଣ କରିଥିଲେ।

କାହ୍ନୁଚରଣ ନିଜ ପୈତ୍ରିକ ଗ୍ରାମ ନାଗବାଲିରୁ ଚାଟଶାଳୀ ପାଠ ସମାପ୍ତ କରି ନଅ ବର୍ଷ ବୟସରେ ନିଜ ଜନ୍ମଭୂମି ସୋନପୁରକୁ ଯାଇଥିଲେ ଉଚ୍ଚଶିକ୍ଷା ପାଇଁ। ସେଠାରେ ଥିବା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ନିଜ ଭାଇଙ୍କ ସହ ତଳ ଶ୍ରେଣୀରେ ନାମ ଲେଖାଇଲେ। ସେଠାରେ ନିଜ ବାଲ୍ୟଶିକ୍ଷା ସମାପ୍ତ କରି କଟକର ପ୍ୟାରିମୋହନ ଏକାଡ଼େମୀରେ ପାଠ ପଢ଼ିଥିଲେ। ୧୯୨୪ ମସିହାରେ ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଲାଭ ପାଇଁ ସେ ପାଟଣା ଯାଇଥିଲେ। ସେଠାରୁ ୧୯୨୬ ମସିହାରେ ଆଇ.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତାଙ୍କ ଭାଇଙ୍କ ପ୍ରେରଣାରେ ବିହାର ନ୍ୟାସନାଲ କଲେଜରେ ଇଞ୍ଜିନିୟରିଂରେ ନାମ ଲେଖାଇଥିଲେ। କିନ୍ତୁ ଅର୍ଥାଭାବରୁ ରସ-ପ୍ରାଣ କାହ୍ନୁଚରଣ ନିରସ ଇଞ୍ଜିନିୟରିଂ ପାଠକୁ ପରିହାର କରି ରେଭେନ୍ସା ମହାବିଦ୍ୟାଳୟରେ

ବି.ଏ. ଶ୍ରେଣୀରେ ନାମ ଲେଖାଇଲେ। ୧୯୨୯ ମସିହାରେ ସେଠାରୁ ଉତ୍ତୀର୍ଣ୍ଣ ହୋଇ ଆଇନ ପାଠ୍ ପଢ଼ିବାପାଇଁ ନାମ ଲେଖାଇଥିଲେ ମଧ୍ୟ ଆର୍ଥିକ ଅସୁବିଧା ଦୃଷ୍ଟିରୁ ଆଇନ ପାଠ୍ ପଢ଼ିବାର ଆଶା ପରିହାର କରି ୧୯୩୦ ମସିହାରେ ସେ ଏକ ସରକାରୀ କାର୍ଯ୍ୟାଳୟରେ କିରାଣୀ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କଲେ।

ଜଣେ କିରାଣୀ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ହେଁ ନିଜର ଉଚ୍ଚ ଆଶା ଓ ଅଧ୍ୟବସାୟ ବଳରେ ୧୯୪୧ ମସିହାରେ କଟକର କଲେକ୍ଟରିଏଟ୍‌ରେ ସବ୍-ଡେପୁଟି ମାଜିଷ୍ଟ୍ରେଟ ଓ ୧୯୪୬ ମସିହାରେ ଡେପୁଟି ମାଜଷ୍ଟ୍ରେଟ ହେବାର ଗୌରବ ଅର୍ଜନ କରିଥିଲେ। ଦୀର୍ଘ ୩୪ ବର୍ଷର ଚାକିରୀ କାଳ ଭିତରେ ଦକ୍ଷତାର ସହିତ କାର୍ଯ୍ୟକରି ୧୯୬୪ ମସିହାରେ ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ ପରେ ୧୯୬୬-୬୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପାଦକ ଭାବରେ ମଧ୍ୟ କିଛି ବର୍ଷ କାର୍ଯ୍ୟ କରିଥିଲେ। ୧୯୯୪ ମସିହା ଅପ୍ରେଲ ମାସ ୬ ତାରିଖ ଦିନ ୮୭ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ।

ମୁଦ୍ରାର ଦୁଇଟି ପାର୍ଶ୍ୱ ଥିଲାପରି ପ୍ରତ୍ୟେକ ମଣିଷଙ୍କ ଜୀବନ ଦ୍ୱିପାକ୍ଷିକ। କାହ୍ନୁଚରଣଙ୍କ ଶିକ୍ଷା ଓ କର୍ମମୟ ଜୀବନ ତାଙ୍କ ବ୍ୟକ୍ତିତ୍ୱର ପରିଚାୟକ ମାତ୍ର। ଅନ୍ୟ ପାର୍ଶ୍ୱରେ ତାଙ୍କର ବୃହତ୍ତର ଜୀବନ ବା ସାହିତ୍ୟିକ ଜୀବନ। ଏହା ଦ୍ୱିଧାହୀନ ଭାବରେ କୁହାଯାଇପାରେ ଯେ ତାହା ବ୍ୟତୀତ କାହ୍ନୁଚରଣଙ୍କ ଜୀବନ ବା ବ୍ୟକ୍ତିତ୍ୱ ବିଶେଷ କିଛି ନୁହେଁ। କାହ୍ନୁଚରଣଙ୍କ ସାହିତ୍ୟିକ ଜୀବନ ବେଶ୍ ବୈଚିତ୍ର୍ୟପୂର୍ଣ୍ଣ। ସେ ଯେତେବେଳେ ସ୍କୁଲରେ ଅଧ୍ୟୟନ କରୁଥିଲେ ସେତେବେଳେ 'ଜୟଦ୍ରଥ ବଧ' ନାମକ ଏକ କବିତା ରଚନାକରି ତାଙ୍କ ବାପାଙ୍କ ଠାରୁ ପ୍ରଶଂସିତ ହୋଇଥିଲେ। ଏହାପରେ କଟକର ପ୍ୟାରୀମୋହନ ଏକାଡ଼େମୀ ସ୍କୁଲରେ ପଢୁଥିବା ବେଳେ ସ୍କୁଲରୁ ବାହାରୁଥିବା ସାହିତ୍ୟ ସୋପାନ ନାମକ ସାହିତ୍ୟ ପତ୍ରରେ 'ସ୍ୱର୍ଣ୍ଣପୁର' (ନିଜ ଜନ୍ମଭୂମି ସୋନପୁର) ସଂପର୍କରେ ଏକ କବିତା ଲେଖି ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ। ଏହାପରେ ବାଳକ କାହ୍ନୁଚରଣଙ୍କ ମନରେ ସାହିତ୍ୟ ସୃଷ୍ଟି ପାଇଁ ଏକ ନୂତନ ପ୍ରେରଣା ଯୋଗାଇଥିଲା। ଏକଦା ତାଙ୍କର ଜଣେ ବନ୍ଧୁ ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଓଡ଼ିଆ ଭାଷାରେ ଉପନ୍ୟାସ ଅଛି କି ? ସେତେବେଳେ ଓଡ଼ିଆ ଉପନ୍ୟାସର ନୈରାଶ୍ୟ ବିକାଶକୁ ଲକ୍ଷ୍ୟକରି କାହ୍ନୁଚରଣ ଜର୍ଜରିତ ହୋଇଉଠିଥିଲେ ଓ ବନ୍ଧୁଙ୍କ ପ୍ରଶ୍ନର ଜବାବ ସ୍ୱରୂପ ଲେଖିଚାଲିଲେ ଗୋଟିଏ ପରେ ଗୋଟିଏ ଉପନ୍ୟାସ। ଏହି କାରଣରୁ କାହ୍ନୁଚରଣ ଯେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ପରିଚିତ ହୋଇପାରିଲେ ଏହା ନିସନ୍ଦେହ ଭାବରେ ମଧ୍ୟ କୁହାଯାଇପାରେ। ୧୯୨୩ ମସିହାରୁ ସେ ଅନବରତ ସାହିତ୍ୟ ରଚନା କରି ଓଡ଼ିଆ କଥା ସାହିତ୍ୟ ଜଗତକୁ ଦେଇଛନ୍ତି ଅର୍ଦ୍ଧଶତାଧିକ ଉପନ୍ୟାସ ଓ ଅନେକ ଗଳ୍ପ। ତାଙ୍କ ଦ୍ୱାରା ସୃଷ୍ଟ ଉପନ୍ୟାସଗୁଡ଼ିକ ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଏକ ନୂତନ ଯୁଗର ସୂତ୍ରପାତ କରିଛି।

ବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ କାହ୍ନୁଚରଣ ମହାନ୍ତି ଜଣେ ସଫଳ ସ୍ରଷ୍ଟା। ନିରଳସ ଉପନ୍ୟାସ ସାଧନା ଓ ଦୀର୍ଘ ଦିନର ବିରତହୀନ ସୃଷ୍ଟି ହିଁ ତାଙ୍କୁ ଏହି ସଫଳତାପ୍ରଦାନ କରିଛି। ସଫଳତାଓ ବିଫଳତାକୁ ନମାନି ତାଙ୍କର ଏହି ସାଧନା ଆଗେଇ ଚାଲିଥିଲା। ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଏପରି ଐକାନ୍ତିକ ନିଷ୍ଠା ଓ ସାଧନା ଓଡ଼ିଆ ସାହିତ୍ୟ ଜଗତରେ କୌଣସି ଔପନ୍ୟାସିକଙ୍କଠାରେ ପରିଲକ୍ଷିତ ହୁଏନାହିଁ। ଏପରିକି ସେ ତାଙ୍କ ସାହିତ୍ୟ ସାଧନାରେ ବିପୁଳାୟତନ ସୃଷ୍ଟି କରିଥିବାରୁ ଜଣେ ଯୁଗ ପ୍ରବର୍ତ୍ତକ ଭାବରେ ପରିଗଣିତ ହେବା ଆଦୌ ଆଯୌକ୍ତିକ ନୁହେଁ।

କାହ୍ନୁଚରଣଙ୍କ ପ୍ରତିଭା ଆଜି ସର୍ବଜନ ସ୍ୱୀକୃତ। ତାଙ୍କ ପରିବାର ମଧ୍ୟ ଏକ ସାରସ୍ୱତ ପରିବାରର ଗୌରବରେ ଗୋରବାନ୍ୱିତ। ତାଙ୍କ ଅନୁଜ ଗୋପୀନାଥ ମହାନ୍ତି ଓଡ଼ିଆ ଉପନ୍ୟାସ ସାହିତ୍ୟର ମର୍ଯ୍ୟାଦାକୁ ଆପଣାର ଜ୍ଞାନପିଠ ପୁରସ୍କାର ଅର୍ଜନରେ ବହୁଗୁଣିତ କରିପାରିଛନ୍ତି। ତାଙ୍କ ପୁତୁରା ଗୁରୁପ୍ରସାଦ ମହାନ୍ତି ଆଧୁନିକ ଓଡ଼ିଆ କବିତା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। କାହ୍ନୁଚରଣଙ୍କ ସାହିତ୍ୟ ସାଧନା ଓ ତାଙ୍କ ପାରିବାରିକ ସାହିତ୍ୟ ଅବଦାନ ଓଡ଼ିଆ ସାହିତ୍ୟ ଜଗତକୁ ବହୁ ଭାବରେ ସମୃଦ୍ଧ କରିଛି ଏହା ଅନସ୍ୱୀକାର୍ଯ୍ୟ।

**କାହ୍ନୁଚରଣଙ୍କ ଉପନ୍ୟାସ ସମଗ୍ର :**

ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ପିଲାଟି ଦିନରୁ ଉପନ୍ୟାସ ରଚନାରେ ମନୋନିବେଶ କରିଥିଲେ। ଏ ସଂପର୍କରେ ସେ କହନ୍ତି- "କଟକରେ ମାଟ୍ରିକ ସେକେଣ୍ଡ କ୍ଲାସ (ବର୍ତ୍ତମାନର ନବମ ଶ୍ରେଣୀ)ରେ ପଢୁଥିବା ବେଳେ ଦିନେ ଗାଁରୁ କଟକ ଆସିବା ରାସ୍ତାରେ ଗୋଟିଏ ଘଟଣା ମୋ ଜୀବନରେ ରେଖାପାତ କରିଥିଲା। ସେହି ଘଟଣାଟିକୁ ଉପନ୍ୟାସ ରୂପ ଦେଇ ଲେଖିଲି 'ଉତ୍ସବେ ବ୍ୟସନ'। ଏହାର ରଚନା କାଳ ୧୯୨୩-୨୪ ମସିହା। କିନ୍ତୁ ଦୁଃଖର କଥା ଏହି ଉପନ୍ୟାସଟି ପ୍ରକାଶ ପାଇ ପାରିଲା ନାହିଁ। ପାଣ୍ଡୁଲିପିଟି ହଜିଗଲା।" (କାହ୍ନୁଚରଣ ପରିକ୍ରମା-୧୯୮୩, ପୃଷ୍ଠା-୧୬) କେତେକ ଆଲୋଚକ 'ବାଲିରାଜା'କୁ ତାଙ୍କର ପ୍ରଥମ ଉପନ୍ୟାସ ଭାବରେ ଗ୍ରହଣ କରନ୍ତି। ପ୍ରକାଶନ ଦୃଷ୍ଟିରୁ ବିଚାର କଲେ ଏହା ତାଙ୍କର ଦ୍ୱିତୀୟ ରଚନା। ୧୯୨୬-୨୯ ମସିହା ମଧ୍ୟ ରେ ଏହି ଉପନ୍ୟାସ ରଚିତ ହୋଇଥିଲେ ହେଁ ୧୯୩୧ ମସିହାରେ ଏହା ପୁସ୍ତକାକାରରେ ପ୍ରକାଶିତ ହୋଇଛି। ୧୯୨୪-୨୬ ମସିହା ମଧ୍ୟ ରେ'ତଥାସ୍ତୁ' ଉପନ୍ୟାସଟି ରଚିତ ହୋଇଥିଲେ ହେଁ ଏହା ୧୯୩୩ ମସିହାରେ ପ୍ରକାଶ ଲାଭ କରିଛି। ମାତ୍ର ୧୯୨୯-୩୦ ମସିହାରେ ରଚିତ ହୋଇଥିବା 'ପଳାତକ' ଉପନ୍ୟାସଟି ୧୯୩୦ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି। ଏହି ଦୃଷ୍ଟିରୁ ବିଚାର କଲେ 'ପଳାତକ' ହିଁ ତାଙ୍କ ଦ୍ୱାରା ରଚିତ ହୋଇଥିବା ପ୍ରଥମ ପ୍ରକାଶିତ ଉପନ୍ୟାସ। 'ବାଲିରାଜା' ଉଭୟ ରଚନା ଓ ପ୍ରକାଶନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନ ହାସଲ କରେ।

ଐତିହାସିକ ବିଷୟବସ୍ତୁକୁ ଆଧାରକରି ରଚିତ ହୋଇଥିବା 'ବାଲିରାଜା' ଉପନ୍ୟାସଟି ହେଉଛି ଏକ ସାର୍ଥକ ତଥା ଲୋକପ୍ରିୟ ଉପନ୍ୟାସ। ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ଏବଂ ଐତିହାସିକ ଗୌରବ ପ୍ରଦର୍ଶନ ଏହାର ମୂଳ ଲକ୍ଷ୍ୟ ହୋଇଥିଲେ ହେଁ ସ୍ୱଭାବତଃ ଏହା ସ୍ୱପ୍ନଧର୍ମୀ ଓ ରୋମାଞ୍ଚକର ହୋଇଛି। ୧୯୩୦-୩୧ ରେ ରଚିତ 'ନିଷ୍ପତ୍ତି' ଉପନ୍ୟାସଟି ୧୯୩୨ ମସିହାରେ ପ୍ରକାଶ ପାଇଲା। ଏହାପରେ ୧୯୩୨ ମସିହାରେ ରଚିତ 'ସ୍ୱପ୍ନ ନା ସତ୍ୟ' ଉପନ୍ୟାସଟି ୧୯୩୩ ମସିହାରେ ପ୍ରକାଶିତ ହୋଇଥିଲା। ଏହି ଉପନ୍ୟାସରେ ଇଂରେଜମାନଙ୍କର ବାହୁଛାୟା ତଳେ ରହି ଗଡ଼ଜାତ ସର୍ଦ୍ଦାରମାନଙ୍କର ଅତ୍ୟାଚାରଜନିତ କରୁଣ ତଥା ବିଭିଷିକାମୟ ଘଟଣାର ବର୍ଣ୍ଣନା କରାଯାଇଛି। ଏହି ଉପନ୍ୟାସ ପରେ ୧୯୩୨-୩୩ ମସିହାରେ ରଚିତ ହୋଇଥିବା 'ଦୁନିଆର ଦାଉ' ଉପନ୍ୟାସଟି ୧୯୩୪ ମସିହାରେ ପ୍ରକାଶିତ ହୋଇଥିଲା। ଏହି ସମୟ ସୀମା ମଧ୍ୟ ରେ ପ୍ରକାଶିତ ହୋଇଥିବା ଉପନ୍ୟାସଗୁଡିକ କାହ୍ନୁଚରଣଙ୍କ ଆଦ୍ୟଚିନ୍ତାଜନିତ ଭାବପ୍ରବଣତା, ଜାତୀୟତାବୋଧ ଓ ରୋମାଣ୍ଟିକ ମନୋବୃତ୍ତିର ପରିଚୟ ପ୍ରଦାନ କରିଥାଏ।

୧୮୬୬ ମସିହାରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷଜନିତ କରୁଣ କାହାଣୀର ଭୟାବହ ପରିସ୍ଥିତିକୁ ଆଧାର କରି ୧୯୩୩-୩୪ ମସିହାରେ ରଚନା କରିଥିଲେ 'ହା ଅନ୍ନ'। ଯାହାକି ୧୯୩୫ ମସିହାରେ ପ୍ରକାଶ ଲାଭ କରିଥିଲା। ଏହି ଉପନ୍ୟାସରେ ତାଙ୍କ ପୂର୍ବବର୍ତ୍ତୀ କେତେକ ଉପନ୍ୟାସଠାରୁ ଅଧିକମାତ୍ରାରେ ବାସ୍ତବବାଦୀ ହୋଇ ଉଠିଛନ୍ତି। 'ଓଲଟ ପାଲଟ' ଉପନ୍ୟାସଟି ୧୯୩୪ ମସିହାରେ ରଚିତ ହୋଇ ୧୯୩୭ ମସିହାରେ ପ୍ରକାଶଲାଭ କରିଥିଲା। ଏହାପରେ ୧୯୩୫ ମସିହାରେ ରଚିତ ହୋଇଥିବା 'ପରକୀୟା' ଉପନ୍ୟାସଟି ୧୯୩୮ ମସିହାରେ ପ୍ରକାଶଲାଭ କରିଥିଲା। ତାଙ୍କର 'ଉଦଣ୍ଡି' ଉପନ୍ୟାସଟି ୧୯୩୮ ମସିହାରେ ରଚିତ ହୋଇ ୧୯୩୯ ମସିହାରେ ପ୍ରକାଶଲାଭ କରିଥିଲା। 'ଅଦେଖାହାତ ହେଉଛି ତାଙ୍କଦ୍ୱାରା ରଚିତ ଅନ୍ୟତମ ଜନପ୍ରିୟ ଉପନ୍ୟାସ। ଏହା ୧୯୩୯-୪୦ ମସିହାରେ ରଚିତ ହୋଇଥିବା ବେଳେ ୧୯୪୩ ମସିହାରେ ପ୍ରକାଶଲାଭ କରିଛି। ଏହି ଉପନ୍ୟାସରେ କାହ୍ନୁଚରଣ ଅଧିକ ମାତ୍ରାରେ ଭାଗ୍ୟବାଦୀ ହୋଇ ପଡ଼ିଛନ୍ତି। ସମସ୍ୟାର ସମାଧାନ କରିବାକୁ ଯାଇ ବହୁ ସ୍ଥଳରେ ଆକସ୍ମିକତାର ସାହାଯ୍ୟ ନେଇଛନ୍ତି। ଏହାର ପରବର୍ତ୍ତୀ ଉପନ୍ୟାସ ହେଉଛି 'ପ୍ରତୀକ୍ଷା'। ଯାହାକି ୧୯୪୧ ମସିହାରେ ରଚିତ ହୋଇ ୧୯୪୩ ମସିହାରେ ପ୍ରକାଶିତ ହୋଇଛି। ଏହାପରେ ୧୯୪୨ ମସିହାରେ 'ଭଲ ପାଇବାର ଶେଷ କଥା' ଉପନ୍ୟାସଟି ରଚିତ ହୋଇ ୧୯୪୪ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି।

୧୯୪୨-୪୩ ମସିହାରେ ରଚିତ ହୋଇ ୧୯୪୫ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଅନ୍ୟତମ ସଫଳ ତଥା ଜନପ୍ରିୟ ଉପନ୍ୟାସ ହେଉଛି 'ତୁଣ୍ଡବାଇଦ'। ଏହି ଉପନ୍ୟାସଟି ତାଙ୍କ ପରିପକ୍ୱତାର ପରିଚୟ ବହନ କରେ। 'ଅଦେଖାହାତ' ପରି ଏହି ଉପନ୍ୟାସରେ ମଧ ସେ ଭାଗ୍ୟବାଦୀ ହୋଇପଡ଼ିଛନ୍ତି। ଏହାପରେ ୧୯୪୪ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶିତ ହୋଇଛି 'ଏପାରି ସେପାରି' ଉପନ୍ୟାସ। ସେହିପରି ୧୯୪୫ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ବହୁ ଜନାଦୃତ ଉପନ୍ୟାସ 'ଶାସ୍ତି'। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ରଚିତ ହୋଇ ପ୍ରକାଶିତ ହୋଇଥିବା ଏହି ଉପନ୍ୟାସରେ ନୂତନ ସମାଜ ଓ ସଂସ୍କାର ଭାବ ପ୍ରକାଶ କରିଥିଲେହେଁ ଉପନ୍ୟାସର ପରିଣତିରେ ତାଙ୍କର ମୂଳ କଳ୍ପନା ବିଡ଼ମ୍ବିତ ହୋଇଛି ବୋଲି ମନେହୁଏ। ଏଥିରେ ଜୀବନର ରିକ୍ତତା ଓ ବ୍ୟର୍ଥତାକୁ ପ୍ରତିପାଦନ କରି କାଥାକାର ବିୟୋଗାନ୍ତକ ପରିଣତି ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ରଚିତ ହୋଇ ପ୍ରକାଶିତ ହୋଇଥିବା ଆଉ ଏକ ଉପନ୍ୟାସ ହେଲା 'ବନଗହନର ତଳେ'। ଯାହାକି ୧୯୪୫ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶଲାଭ କରିଥିଲା। ପ୍ରାକ୍ ସ୍ୱାଧୀନତା କାଳରେ ରଚିତ ହୋଇ ସ୍ୱାଧୀନୋତ୍ତର କାଳରେ ପ୍ରକାଶିତ ହୋଇଥିବା ତାଙ୍କର କେତୋଟି ଉପନ୍ୟାସ ହେଲା- ଅନ୍ତରାୟ, ଅଭିନେତ୍ରୀ ଓ ଭୁଲି ହୁଏନା। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟସୀମାରୁ ପ୍ରାକ୍ ସ୍ୱାଧୀନତା କାଳର ସମସ୍ତ ସୃଷ୍ଟିକୁ ମୂଲ୍ୟାୟନ କଲେ ଏଥିରେ 'ହାଅନ୍ନ', 'ତୁଣ୍ଡବାଇଦ', 'ଅଦେଖାହାତ', 'ଶାସ୍ତି' ପ୍ରଭୃତି କେତେକ ଉପନ୍ୟାସ ତାଙ୍କ ସଫଳ ସୃଷ୍ଟିର ପରିଚୟ ପ୍ରଦାନ କରେ।

ସ୍ୱାଧୀନୋତ୍ତର କାଳରେ ଅର୍ଥାତ ୧୯୪୮-୪୯ ମସିହାରେ ରଚିତ ହୋଇ ୧୯୫୦ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କ ବହୁ ଆଲୋଚିତ ଉପନ୍ୟାସ 'ଝଞ୍ଜା'। ପରିବାର ଓ ସମାଜ ଏହାର ପରିସର ହୋଇଥିଲେ ହେଁ ଅତ୍ୟାଧୁନିକ ଜୀବନର ଧ୍ରୁପଦ ହେଉଛି ଏହାର କେନ୍ଦ୍ରବିନ୍ଦୁ। ଏହାପରେ ପ୍ରେମ ପ୍ରସଙ୍ଗକୁ ଉପଜୀବ୍ୟ କରି ୧୯୪୯ ମସିହାରେ ରଚନା କରିଥିଲେ 'ମିଳନର ଛନ୍ଦ'। ଯାହାକି ୧୯୫୧ ମସିହାରେ

ପ୍ରକାଶିତ ହୋଇଥିଲା । ଯୌନପ୍ରବୃତ୍ତି ନିକଟରେ ଆଦର୍ଶ କିପରି ପରାସ୍ତ ହୁଏ ତାହା ଏହି ଉପନ୍ୟାସରେ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏହାପରେ ତାଙ୍କ ସୃଷ୍ଟିରେ ଅନେକ ବୌଦ୍ଧିକ ସଫଳତା ଆସିଥିବାର ଲକ୍ଷ୍ୟ କରାଯାଇଥାଏ । 'ଶର୍ବରୀ' ଓ 'କା' ଉପନ୍ୟାସ ହେଉଛି ଏହି ସତ୍ୟର ପରିପ୍ରକାଶ । ୧୯୫୦-୫୧ ମସିହାରେ ରଚିତ ହୋଇ ୧୯୫୨ ମସିହାରେ ପ୍ରକାଶିତ ହୋଇଥିଲା 'ଶର୍ବରୀ' ଉପନ୍ୟାସ । ଏହାପରେ ୧୯୫୨-୫୩ ମସିହାରେ ରଚିତ 'ପରୀ' ଉପନ୍ୟାସ ପ୍ରକାଶିତ ହୋଇଥିଲା ୧୯୫୪ ମସିହାରେ । ୧୯୫୩-୫୪ ମସିହାରେ ରଚିତ ହୋଇ ୧୯୫୬ ମସିହାରେ ପ୍ରକାଶିତ ହୋଇଥିଲା 'କା' ଉପନ୍ୟାସ । ଏହି 'କା' ଉପନ୍ୟାସ ତାଙ୍କୁ ଜଣେ ଔପନ୍ୟାସିକ ଭାବରେ ସ୍ୱୀକୃତି ଆଣିଦେଇଥିଲା । ଏହି ଉପନ୍ୟାସ ପାଇଁ ୧୯୫୯ ମସିହାରେ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ।

୧୯୫୫-୫୬ ମସିହାରେ ରଚିତ ହୋଇ ୧୯୫୯ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଏକ ସଫଳ କଳାକୃତି 'ବଜ୍ରବାହୁ' । 'ଶାସ୍ତି' ଓ 'ଝଞ୍ଜା' ଉପନ୍ୟାସରେ ସେ ଯେଉଁ ନୂତନ ସମାଜ ଓ ନୂତନ ଜୀବନର ପରିକଳ୍ପନା କରିଥିଲେ ତାହାର ଏକ ବାସ୍ତବ ରୂପ ଏହି ଉପନ୍ୟାସରେ ସେ ଚିତ୍ରଣ କରିଗଲେ । ଏହି ଉପନ୍ୟାସଟି ମିଳନାତ୍ମକ ଓ ତାଙ୍କ ସୃଷ୍ଟି ସଫଳତା ପାଇଁ ଏକ ବ୍ୟତିକ୍ରମ । ଏହି ଉପନ୍ୟାସ ପରେ ୧୯୬୦-୬୧ ମସିହାରେ ସେ ରଚନା କରନ୍ତି 'ଢ଼େଉଢ଼େଉକା' । ଯାହାକି ୧୯୬୨ ମସିହାରେ ପ୍ରକାଶ ଲାଭ କରିଥିଲା । 'ବଗବଗୁଲି' ଉପନ୍ୟାସ ୧୯୬୨-୬୩ ମସିହାରେ ରଚିତ ହୋଇ ୧୯୬୪ ମସିହାରେ ପ୍ରକାଶିତ ହୋଇଥିଲା ଏବଂ ୧୯୬୩-୬୪ ମସିହାରେ ରଚିତ ହୋଇ ୧୯୬୭ ମସିହାରେ ପ୍ରକାଶିତ ହୋଇଥିଲା 'ଇତିହ' ଉପନ୍ୟାସ । ଏହାପରେ ୧୯୬୪-୬୬ ମସିହା ମଧ୍ୟ ରେ ରଚିତ ହୋଇ ୧୯୬୭ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଅନ୍ୟତମ ସଫଳ ଉପନ୍ୟାସ 'ତମସାତୀରେ' । ଏହି ଉପନ୍ୟାସରେ ପୂର୍ବବଙ୍ଗର ମୁସଲମାନମାନଙ୍କ ଅତ୍ୟାଚାର, ଲୁଣ୍ଠନ ଓ ହତ୍ୟାର ସମ୍ମୁଖୀନ ହୋଇ ପଳାଇ ଆସିଥିବା ଅସହାୟ ହିନ୍ଦୁ ନରନାରୀମାନଙ୍କର କରୁଣ ଓ ବିପର୍ଯ୍ୟୟ ଜୀବନର ଚିତ୍ର ବର୍ଣ୍ଣିତ ହୋଇଛି । ଏଥିରେ ସାଂପ୍ରଦାୟିକ ସଂଘର୍ଷ ଓ ମାନବିକତା ଧର୍ମୀ ଚେତନା ପ୍ରତିଫଳିତ ହୋଇଛି ।

ପାଠକମାନଙ୍କ ଅବଗତି ନିମନ୍ତେ ରଚନାକାଳ ଓ ପ୍ରଥମପ୍ରକାଶକାଳ ସହ କାହ୍ନୁଚରଣଙ୍କ ଉପନ୍ୟାସଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| **କ୍ର.ସଂ.** | **ଉପନ୍ୟାସର ନାମ** | **ରଚନାକାଳ** | **ପ୍ରଥମପ୍ରକାଶ କାଳ** |
|---|---|---|---|
| ୧- | ଉତ୍ସବେ ବ୍ୟସନ | ୧୯୨୩-୨୪ | ପାଣ୍ଡୁଲିପି ଦୁଷ୍ପ୍ରାପ୍ୟ |
| ୨- | ତଥାସ୍ତୁ | ୧୯୨୪-୨୭ | ୧୯୩୩ |
| ୩- | ବାଲିରାଜା | ୧୯୨୬-୨୯ | ୧୯୩୨ |
| ୪- | ଅରୁଣା | ୧୯୨୮-୨୯ | ପାଣ୍ଡୁଲିପି ଦୁଷ୍ପ୍ରାପ୍ୟ |
| ୫- | ପଳାତକ | ୧୯୨୯-୩୦ | ୧୯୩୦ |

| | | | |
|---|---|---|---|
| ୬- | ନିଷ୍କୃତି | ୧୯୩୦-୩୧ | ୧୯୩୨ |
| ୭- | ସ୍ୱପ୍ନ ନା ସତ୍ୟ | ୧୯୩୨ | ୧୯୩୩ |
| ୮- | ଦୁନିଆର ଦାଉ | ୧୯୩୨-୩୩ | ୧୯୩୪ |
| ୯- | ହା ଅନ୍ନ | ୧୯୩୩-୩୪ | ୧୯୩୫ |
| ୧୦- | ଓଲଟ ପାଲଟ | ୧୯୩୪ | ୧୯୩୭ |
| ୧୧- | ପରକୀୟା | ୧୯୩୫ | ୧୯୩୮ |
| ୧୨- | ପରିଚୟ | ୧୯୩୬ | ପାଣ୍ଡୁଲିପି ଦୁଷ୍ପ୍ରାପ୍ୟ |
| ୧୩- | ଉଦଣ୍ଡୀ | ୧୯୩୮ | ୧୯୩୯ |
| ୧୪- | ଅଦେଖାହାତ | ୧୯୩୯-୪୦ | ୧୯୪୩ |
| ୧୫- | ପ୍ରତୀକ୍ଷା | ୧୯୪୧ | ୧୯୪୩ |
| ୧୬- | ଭଲପାଇବାର ଶେଷ କଥା | ୧୯୪୨ | ୧୯୪୪ |
| ୧୭- | ତୁଣ୍ଡବାଇଦ | ୧୯୪୨-୪୩ | ୧୯୪୪ |
| ୧୮- | ଏପାରି ସେପାରି | ୧୯୪୪ | ୧୯୪୬ |
| ୧୯- | ଶାସ୍ତି | ୧୯୪୫ | ୧୯୪୬ |
| ୨୦- | ବନଗହନର ତଳେ | ୧୯୪୫ | ୧୯୪୬ |
| ୨୧- | ଅନ୍ତରାୟ | ୧୯୪୬ | ୧୯୪୭ |
| ୨୨- | ଅଭିନେତ୍ରୀ | ୧୯୪୬ | ୧୯୪୭ |
| ୨୩- | ଭୁଲି ହୁଏନା | ୧୯୪୬ | ୧୯୪୮ |
| ୨୪- | ଝଞ୍ଜା | ୧୯୪୮-୪୯ | ୧୯୫୦ |
| ୨୫- | ମିଳନର ଛନ୍ଦ | ୧୯୪୯ | ୧୯୫୧ |
| ୨୬- | ଶର୍ବରୀ | ୧୯୫୦-୫୧ | ୧୯୫୨ |
| ୨୭- | ପରୀ | ୧୯୫୨-୫୩ | ୧୯୫୪ |
| ୨୮- | କା | ୧୯୫୩-୫୪ | ୧୯୫୬ |
| ୨୯- | ବଜ୍ରବାହୁ | ୧୯୫୫-୫୬ | ୧୯୫୯ |
| ୩୦- | ଢ଼େଉଢ଼େଉକା | ୧୯୬୦-୬୧ | ୧୯୬୨ |
| ୩୧- | ବଗବଗୁଲି | ୧୯୬୨-୬୩ | ୧୯୬୪ |

| | | | |
|---|---|---|---|
| ୩୨- | ଇତିହ | ୧୯୬୩-୬୪ | ୧୯୬୭ |
| ୩୩- | ତମସାତୀରେ | ୧୯୬୪-୬୬ | ୧୯୬୭ |
| ୩୪- | ମୁଁ ମନ୍ତ୍ର ଜାଣେ | ୧୯୬୭ | ୧୯୬୮ |
| ୩୫- | ମନଜାଣେ ପାପ | ୧୯୬୮-୬୯ | ୧୯୬୯ |
| ୩୬- | ମନମନ୍ଥନ | ୧୯୬୯ | ୧୯୭୦ |
| ୩୭- | ଅତି ଗୋପନୀୟ | ୧୯୬୯-୭୦ | ୧୯୭୦ |
| ୩୮- | ଅଙ୍ଗନା | ୧୯୭୦ | ୧୯୭୧ |
| ୩୯- | ମମତାର ମାୟା | ୧୯୭୧ | ୧୯୭୧ |
| ୪୦- | କହିବାକୁ ଲାଜ | ୧୦୭୦-୭୧ | ୧୯୭୩ |
| ୪୧- | ନିର୍ବିଶଙ୍କୀ | ୧୯୭୧-୭୨ | ୧୯୭୩ |
| ୪୨- | ଆଜି ନୁହେଁ ଆଉ ଦିନେ | ୧୯୭୨-୭୩ | ୧୯୭୩ |
| ୪୩- | କ୍ଷଣ କ୍ଷଣକେ ଆନ | ୧୯୭୪-୭୫ | ୧୯୭୫ |
| ୪୪- | ମାୟାବର୍ତ୍ତ | ୧୯୭୬-୭୭ | ୧୯୭୮ |
| ୪୫- | ସତ୍ୟବତୀ | ୧୯୭୮-୭୯ | ୧୯୮୦ |
| ୪୬- | କ୍ଷଣିକା | ୧୯୪୬ | ୧୯୮୦ |
| ୪୭- | ଅପା | ୧୯୪୬ | ୧୯୮୦ |
| ୪୮- | ନାମଟି ତାର ଚମ୍ପା | ୧୯୫୦ | ୧୯୮୦ |
| ୪୯- | ତାରକା | ୧୯୮୦ | ୧୯୮୧ |
| ୫୦- | ତାପସୀ | ୧୯୮୧ | ୧୯୮୨ |
| ୫୧- | ଲଲାଟ ଲିଖନ | ୧୯୮୨ | ୧୯୮୩ |
| ୫୨- | ମେଲାଣୀ ମାଗୁଣୀ | ୧୯୮୩ | ୧୯୮୩ |
| ୫୩- | ପାବନୀ | ୧୯୮୪ | ୧୯୮୪ |
| ୫୪- | ଯକ୍ଷ | ୧୯୮୫ | ୧୯୮୫ |

ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରୁ ଆରମ୍ଭ କରି ସ୍ୱାଧୀନତାପ୍ରାପ୍ତିର ଅନେକ ବର୍ଷ ପର୍ଯ୍ୟନ୍ତ ତାଙ୍କର ଲେଖନୀ ଚଳଚଞ୍ଚଳ ଥିଲା । ବିଭନ୍ନ ପ୍ରକାରର ବିଷୟବସ୍ତୁ ଓ ବିଭିନ୍ନ ପ୍ରକାର ଚରିତ୍ରାଦିର ସମାବେଶରେ ତାଙ୍କ ଉପନ୍ୟାସଗୁଡ଼ିକର କଳେବର ଗଢ଼ି ଉଠିଥିଲା । ତାଙ୍କ ଉପନ୍ୟାସଗୁଡ଼ିକର କଥାବସ୍ତୁ ସାଧାରଣତଃ ଆମ ସାମାଜିକ ପରିବେଶରୁ ସଂଗୃହିତ ହୋଇଥିଲେ ହେଁ, ଅନେକତ୍ର ତାହା ପାଶ୍ଚାତ୍ୟ ଉପନ୍ୟାସ ଲେଖକମାନଙ୍କ ପ୍ରଭାବରୁ ମୁକ୍ତ

ନୁହଁ ବୋଲି ଆଲୋଚକମାନେ ମତଦିଅନ୍ତି । ଏକଥା ସତ୍ୟ ହେଲେ ମଧ୍ୟ ସେ ଚମତ୍କାର ଭାବରେ ବିଷୟଗୁଡ଼ିକର ଆହରଣ କରି ତାକୁ ଓଡ଼ିଶାର ପାଣିପବନ ଓ ଆପଣାର ମଣିଷ ପରି ଚରିତ୍ରର ସଂଯୋଜନା କରି ନିଜସ୍ୱ ଶୈଳୀରେ ତାକୁ ଗଢ଼ି ତୋଳିଛନ୍ତି । ଶେଷରେ ଏତିକି କୁହାଯାଇପାରେ ଯେ; ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଜଣେ ଜନପ୍ରିୟ ଔପନ୍ୟାସିକ ଭାବରେ ତାଙ୍କର କିର୍ତ୍ତି କେବେହେଲେ ନିଷ୍ପ୍ରଭ ହେବନାହିଁ । ତାଙ୍କ ନାମ ଚିରଦିନପାଇଁ ସ୍ୱର୍ଣ୍ଣକ୍ଷରରେ ଲିପିବଦ୍ଧ ହୋଇ ରହିବ ।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) କାହ୍ନୁଚରଣ ମହାନ୍ତିଙ୍କ ବ୍ୟକ୍ତିଗତ ଓ ସାରସ୍ୱତ ଜୀବନ ସଂପର୍କରେ ଆଲୋଚନା କର ।

(ଖ) ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ ସମଗ୍ର ସଂପର୍କରେ ଆଲୋଚନା କର ।

## ୨.୬ ସହାୟକ ଗ୍ରନ୍ଥସୂଚୀ


- କାହ୍ନୁଚରଣ ଗ୍ରନ୍ଥାବଳୀ, ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖଣ୍ଡ, ଗ୍ରନ୍ଥମନ୍ଦିର, କଟକ-୨ : ବ୍ରହ୍ମପୁର, ପ୍ରଥମ ମୁଦ୍ରଣ-ମାର୍ଚ୍ଚ-୧୯୬୬ ।
- କାହ୍ନୁଚରଣ ପରିକ୍ରମା, ପ୍ରକାଶକ- ଏକାମ୍ର ଥିଏଟର୍ସ, ରାମେଶ୍ୱର ପାଟଣା, ଭୁବନେଶ୍ୱର : ପ୍ରକାଶ କାଳ-ଡିସେମ୍ବର-୧୯୮୩ ।
- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଡକ୍ଟର ବାଉରୀବନ୍ଧୁ କର, ଆଶା ପୁସ୍ତକାଳୟ, ବାରାକ୍ସ, ବ୍ରହ୍ମପୁର-୧, ନୂତନ ସଂସ୍କରଣ-୧୯୯୭ ।
- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ପ୍ରଫେସର ବାଉରୀବନ୍ଧୁ କର, ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୨୦୧୮ ।

# ତୃତୀୟ ଏକକ : ଶାସ୍ତି ଉପନ୍ୟାସର ଆଲୋଚନା

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଶାସ୍ତି ଉପନ୍ୟାସର ଆଲୋଚନା

୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୬ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ସାହିତ୍ୟ ସମାଜର ଦର୍ପଣ ସଦୃଶ। ଜଣେ ସାରସ୍ୱତ ସ୍ରଷ୍ଟା ସମାଜକୁ ଏକ ଭିନ୍ନ ଦୃଷ୍ଟିରେ ଦେଖେ ଏବଂ ସମାଜରେ ଥିବା ତ୍ରୁଟି ବିଚ୍ୟୁତି ଆଦିକୁ ସୁଧାରିବା ଉଦ୍ଦେଶ୍ୟରେ ନିଜ ସୃଷ୍ଟି ମାଧ୍ୟମରେ ପ୍ରୟାସ କରେ। ଉପନ୍ୟାସ ମାନବୀୟ କାର୍ଯ୍ୟାବଳୀର ଯଥାର୍ଥ ପ୍ରତିଲିପି ହୋଇଥିବାରୁ ଏଥିରେ ମାନବର ଅସରନ୍ତି ଆଶା-ଆକାଙ୍କ୍ଷା, ଘାତ-ପ୍ରତିଘାତ, ଅଭାବ-ଅଭିଯୋଗ ବଳିଷ୍ଠ ରୂପ ପରିଗ୍ରହ କରେ। ମାନବ ଜୀବନର ବାହକ ରୂପେ ଏହି ଉପନ୍ୟାସ ଆଧୁନିକ ସାହିତ୍ୟର ଏକ ବଳିଷ୍ଠ ବିଭାଗ। ଏଥିରେ ସମାଜର ପ୍ରତ୍ୟେକ ପର୍ଯ୍ୟାୟର ବାର୍ତ୍ତା ପ୍ରଚାରିତ ହୋଇଥାଏ। ଏହା ଏପରି ଏକ କଳା, ଯାହା ସାର୍ବଜନୀନ ଚିନ୍ତା ଓ ଚେତନାରେ ସ୍ୱୟଂ ସମ୍ବେଦ୍ୟ, ସାମାଜିକ ଆଦର୍ଶର ଅର୍ଘ୍ୟ ଓ ନୈବେଦ୍ୟ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ଜାଣିପାରିବେ :

- ଶାସ୍ତି ଉପନ୍ୟାସର ସଂକ୍ଷିପ୍ତ କଥାବସ୍ତୁ।
- ଶାସ୍ତି ଉପନ୍ୟାସରେ ସନେଇଁ, ଧୋବୀ ଓ ଚିନ୍ତେଇ ସୋଇଁଙ୍କ ଚରିତ୍ର।
- ଶାସ୍ତି ଉପନ୍ୟାସରେ ତତ୍କାଳୀନ ସମାଜ ଜୀବନର ଚିତ୍ର।
- ଶାସ୍ତି ଉପନ୍ୟାସରୁ ଲେଖକଙ୍କ ଆଭିମୁଖ୍ୟ।
- ଶାସ୍ତି ଉପନ୍ୟାସରେ ବ୍ୟବହୃତ ଭାଷା ଓ ଶୈଳୀ।

## ୩.୩ ବିଷୟ ପ୍ରବେଶ

୧୯୧୫-୧୬ ମସିହାରେ ଉତ୍ତର ଓଡ଼ିଶାରେ ଅନାବୃଷ୍ଟି ହେବା କାରଣରୁ ଘୋର ଦୁର୍ଭିକ୍ଷ ପଡ଼ିଥିଲା। ସୋନପୁରରେ ବର୍ଷାହୋଇଥିବାରୁ ସେଠାକାର ଅବସ୍ଥା ଭଲଥିବାର ଜାଣି ବିଭିନ୍ନ ଆଡୁ ସହସ୍ର ସହସ୍ର ଲୋକ ଖାଦ୍ୟ ଆଶାରେ ସୋନପୁରଗଡ଼କୁ ଆସିଥିଲେ। ସୋନପୁରର ତତ୍କାଳୀନ ରାଜା ଶ୍ରୀ ବୀରମିତ୍ରୋଦୟ ସିଂହଦେବ ତେଲନଦୀ କୂଳରେ ଥିବା ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଅନ୍ନଛତ୍ର ଖୋଲିଥିଲେ। ସେତେବେଳେ ସେଠାକାର ରାଜ କର୍ମଚାରୀ ଥିବା ତାଙ୍କ ବାପାଙ୍କ ସହ ବାଳକ କାହ୍ନୁଚରଣ ସେଠାକୁ ଯାଇ ସେହି କରୁଣ ଓ ଭୟଙ୍କର ଦୃଶ୍ୟ ନିଜ ଆଖିରେ ଦେଖିଥିଲେ। ସେତେବେଳେ ଖାଦ୍ୟାଭାବରୁ ଲୋକେ ପୋକମାଛିପରି ମରୁଥିଲେ। ପୁଣି ୧୯୩୩ ମସିହାରେ କଟକର ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରେ କିରାଣୀ ଭାବରେ ଚାକିରୀ କଲାବେଳେ ୧୮୬୬ ମସିହାରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷର କରାଳ ରୂପକୁ ପୁରୁଣା ନଥିପତ୍ରରୁ ଦେଖିବାକୁ ପାଇଥିଲେ। ପିଲାଦିନେ ଦୁର୍ଭିକ୍ଷକୁ ନିଜ ଆଖିରେ ଦେଖିଥିବା ବେଳେ ପୁରୁଣା ନଥିପତ୍ରରୁ ନ'ଅଙ୍କ କାଳୀନ ଦୁର୍ଭିକ୍ଷର ରୂପକୁ ପଢ଼ି ତାଙ୍କ ମନ ଆନ୍ଦୋଳିତ ହୋଇଥିଲା। ଏହାକୁ ନେଇ ସେ 'ହାଅନ୍ନ' ଲେଖିଥିବାବେଳେ ଦୁର୍ଭିକ୍ଷର ପରବର୍ତ୍ତୀ ଅବସ୍ଥାକୁ ନେଇ 'ଶାସ୍ତି' ଉପନ୍ୟାସ ରଚନା କରିଥିଲେ। ତତ୍କାଳୀନ ସମାଜରେ ଥିବା କୁସଂସ୍କାର ଆଦିକୁ ଭିତ୍ତିକରି 'ଶାସ୍ତି' ଉପନ୍ୟାସ ଗଢ଼ିଉଠିଛି।

## ୩.୪ ଶାସ୍ତି ଉପନ୍ୟାସର ଆଲୋଚନା

### ଶାସ୍ତି ଉପନ୍ୟାସର ସଂକ୍ଷିପ୍ତ କଥାବସ୍ତୁ :

ଦୁର୍ଭିକ୍ଷର କରାଳଗ୍ରାସରୁ ମୁକ୍ତି ପାଇ ଘରମୁହାଁ ହୋଇଛି ଶାସ୍ତି ଉପନ୍ୟାସର ନାୟକ ସନିଆଁ। ଦେହରେ ରକ୍ତ ମାଂସ ନାହିଁ, କେଇ ଖଣ୍ଡ ହାଡ଼ ଉପରେ ଘେରା ହୋଇଥିବା ଚମଡ଼ାବି କୁଞ୍ଚୁକୁଞ୍ଚିଆ ହୋଇଗଲାଣି। ତଥାପି ତା' ଗାଁର ସ୍ମୃତି ଓ ପରିବାରର ଆକର୍ଷଣରେ ଗାଁ କୁ ଫେରୁଛି ଛତରଖିଆ, କଙ୍କାଳ ସନିଆ। ପୌଷ ମାସର ଦିହଥରା ହାଡ଼ଦୋହଲା ଶୀତ ସକାଳରେ ନିଜ ଗାଁ ବିଷ୍ଣୁପୁରରେ ପାଦଦେବା ମାତ୍ରେ ଅତୀତ ତାର ଆଖିରେ ଜମାଟ ବାନ୍ଧିଲା। ତା'ର ମନେ ପଡ଼ିଲା ଦୀର୍ଘ ତିନି ବର୍ଷ ତଳର କଥା। ପେଟର ଜ୍ୱାଳା ମେଣ୍ଟାଇବା ପାଇଁ ମଣିଷ ନିଜ ପରିବାରର ମାୟା ତୁଟାଇଲା। ବାପ ତୁଟାଇଲା ପୁଅ, ଝିଅ ଓ ସ୍ତ୍ରୀର ମାୟା। ପୁଅ ତୁଟାଇଲା ବାପା, ମା'ର ମମତା। ନବୀନ ବୟସୀ ବାଳା ଲଜ୍ଜା ସଙ୍କୋଚ ଛାଡ଼ି ପଦାକୁ ଗୋଡ଼ କାଢ଼ିଲା। ଏହିପରି ରାସ୍ତାରେ ଚାଲିଲା କଙ୍କାଳମାନଙ୍କର ଶୋଭାଯାତ୍ରା। ପେଟ ବିକଳରେ ଗାଁ ଛାଡ଼ି ଯିଏ ଯୁଆଡ଼େ ପଳାଇଲେ। ବାପ ବନେଇ ପରିଡ଼ା ମଧ ସ୍ତ୍ରୀ ପିଲାଛୁଆ ଧରି ଗାଁ ଛାଡ଼ିଥିଲା। ହେଲେ ବେଶିଦିନ ଏକାଠି ରହିପାରିଲେ ନାହିଁ ତାଙ୍କ ପରିବାର। ନିଜେ ବଞ୍ଚି ରହିବାର ବାସନାରେ, ପରିବାରର ବନ୍ଧନ ଡ଼ୋର ଛିଣ୍ଡିଗଲା ଆପେ ଆପେ । ସେଦିନ ପେଟ ବିକଳରେ ବାପର ଖୋଜା ଖୋଜା ମୁହଁ ଓ କରୁଣ ଭାବକୁ ନଅନାଇଁ ଭାଇ ମନିଆଁର ଆକର୍ଷଣରେ ବାନ୍ଧି ନହୋଇ, ଭଉଣୀ ଦିଓଟିଙ୍କର ଭାଇ ଡାକକୁ କର୍ଣ୍ଣପାତ ନକରି ବାପ ହାତରୁ ବାଡ଼ି ଖଣ୍ଡିକ ଛଡ଼ାଇ ଅଜଣା ପଥର ଯାତ୍ରୀ ହୋଇଥିଲା ସନିଆଁ।

ଗାଁରେ ପାଦ ଦେଇ ଦେଖିଲା ସବୁକିଛି ସେଇଭଳି ଅଛି ହେଲେ ମଣିଷ ନାହାଁନ୍ତି । ଦୁର୍ଭିକ୍ଷ ରାକ୍ଷସର ପ୍ରମତ୍ତ ଲୀଳାରେ ପ୍ରାଣ ଛାଡ଼ିଛନ୍ତି ଅପନ୍ତରା ଭୂଇଁରେ । ଯୁଆଡ଼େ ଦେଖିଲେ କୁଡ଼ କୁଡ଼ କଙ୍କାଳ । କିଏ କେଉଁଠି ମଲେ ତା'ର ହିସାବ ନାହିଁ । କେବଳ ଗାଁ ମାଁର ମୋହରେ ଦୁର୍ଭିକ୍ଷର ଅଇଁଠା ସନେଇ କେତେ ଆଶା ନେଇ ଫେରିଲା ଗାଁକୁ । ମାତ୍ର ତାର କଙ୍କାଳ ଚେହେରା ଦେଖି କେହି ତାକୁ ଚିହ୍ନି ପାରିଲେ ନାହିଁ । ସନିଆ ନିଜର ପରିଚୟ ଦେବା ସତ୍ତ୍ୱେ ସେ କଙ୍କାଳ ଓ ଛତରଖିଆ ହୋଇଥିବାରୁ କେହି ତାକୁ ଗ୍ରହଣ ମଧ୍ୟ କଲେ ନାହିଁ । ସେ ନିଜର ଜାତି ଓ ଧର୍ମ ହରାଇଥିବାରୁ ସମାଜରୁ ବାସନ୍ଦ ହେଲା । ସମାଜରେ ମିଶିବା ପାଇଁ ଦରକାର ପ୍ରାୟଶ୍ଚିତ ଏବଂ ଏଥିପାଇଁ ଲୋଡ଼ା ଧନ । ଦୁଇ ଦିନ ହେଲା ଭୋକ ଉପାସରେ ଥିବା ସନିଆ ପ୍ରାୟଶ୍ଚିତ ପାଇଁ ଟଙ୍କା ବା ପାଇବ କେଉଁଠୁ ? ମାନବ ସମାଜର ଏପରି ମନୋଭାବ ବିରୁଦ୍ଧରେ କାଙ୍ଗାଳ ସନିଆ ମନରେ ତୀବ୍ର ପ୍ରତିପ୍ରିୟା ଦେଖାଦେଲା । ତଥାପି ସେ ନିରୁପାୟ । ଯେଉଁ ଗାଁର ମାୟା ମମତା ପାଇଁ ସେ ଗାଁକୁ ଫେରିଥିଲା, ସେହି ଗାଁରୁ ଏଭଳି ବ୍ୟବହାର ପାଇ ତା ଛାତି ତଳେ ଦିକି ଦିକି ହୋଇ ଜଳୁଥିବା ତାର ଆଶାର ଆଲୋକଟି କ୍ଷୀଣରୁ କ୍ଷୀଣତର ହେଲା ।

ସନେଇ ଆସିବାର ସମ୍ୱାଦ ଧୋବୀର କାନରେ ପଡ଼ିଲା । ଦୀନହୀନ କଙ୍କାଳ ସନେଇର ଅବସ୍ଥା ସଂପର୍କରେ ସୂଚନା ପାଇବା ମାତ୍ରେ ମନରେ ତା'ର ଅତୀତ ଜମାଟ ବାନ୍ଧିଲା । ବିଧବା ଧୋବୀ ଫେରିଗଲା ଦୀର୍ଘ ତିନିବର୍ଷ ତଳର ତା'ର ମଧୁମୟ ଅତୀତ ଭିତରକୁ । ସେଠି ସେ ଦେଖୁଥିଲା ଏକ ପରାଙ୍ଗପୁଷ୍ଟ ଯୁବକର ବଳିଲା ବଳିଲା ଦେହ ଓ କଦମ୍ୱପରି ରୋମାଞ୍ଚିତ ପ୍ରାଣକୁ । ତା'ଚେତନାର ଗହ୍ୱରରେ ସନେଇ ପାଇଁ ଜାଗି ଉଠିଲା ଅପୂର୍ବ ମମତା । ତା ଭିତରେ ତେଜି ହୋଇ ଉଠିଲା ନାରୀତ୍ୱ । ନିଘୋଡ଼ ରାତିରେ ହାତରେ ଖାଦ୍ୟ ଓ ତାଙ୍କ ସ୍ୱାମୀଙ୍କର ମାଠକୁ ଧରି ଅଜଣା ଆକର୍ଷଣରେ ଟାଣି ହୋଇ ଆସିଲା ମନ୍ଦିର ବେଢ଼ାରେ ଥିବା କାଙ୍ଗାଳ ସନିଆ ପାଖକୁ । ତାର ସେବା ଶୁଶ୍ରୁଷାରେ କାଙ୍ଗାଳ ସନିଆଁ ଦେହରେ ସୃଷ୍ଟି ହେଲା କମ୍ପନ । ମନରେ ପୁଣି ଜମାଟ ବାନ୍ଧିଲା ସମାଜରେ ମିଶିବାର ଆଶା । ମଣିଷ ଭାବରେ ବଞ୍ଚିରହିବା ପାଇଁ ତାର ଆଶା ହେଲା ବଳବତ୍ତର । କଙ୍କାଳର ପାଟି ଖୋଲି ଧୋବୀକୁ କହିଲା, ମରିବାକୁ ମୋର ଆଉ ଇଚ୍ଛା ହେଉନାହିଁ । ମୋର ବଞ୍ଚିବାକୁ ଆଗ୍ରହ ହେଉଛ. କେବଳ ତୋରି ପାଇଁ ।

ସନିଆଁ ପ୍ରତି ଧୋବୀର ଆକର୍ଷଣ ମଧ୍ୟ ଅଛପା ରହିଲାନି ନିଧେଇ ସୋଇଁଙ୍କର । ବିଧିବା ଝିଆରୀ ଧୋବୀର ଅବଗୁଣ୍ଠିତ ବେଦନାକୁ ହୃଦୟଙ୍ଗମ କରି ତାର ଆଶାର ମୀନାରକୁ ମୁଣ୍ଡି ମାରିବା ପାଇଁ ନିଧେଇ ସୋଇଁ ଆଗେଇ ଆସିଲେ ସନିଆଁର ସେବାଯତ୍ନ ପାଇଁ । ଦୁନିଆଁ ଆଖିରେ ସନେଇ କେଉଁ ଅଜଣା ଦେବତାଙ୍କ କୃପାରେ ଚେରେଇ ଆସୁଥିବା ବେଳେ ଅସଲ ସତ୍ୟକୁ ବୁଝିବାକୁ ବାକି ରହିଲାନି ଧୋବିର ବାପା ଚିନ୍ତେଇ ସୋଇଁଙ୍କର କିନ୍ତୁ; କେଉଁ ଏକ ପ୍ରାପ୍ତିର ଆଶାରେ ସେତେବେଳେ ସେ ବି ଥିଲେ ନୀରବ । ତେବେ ଯାହାବି ହେଉ ସନେଇଁର ମାଂସଝଡ଼ା ଦେହରେ ପୁଣି ବସନ୍ତ ଡେଣା ଝାଡ଼ିଲା । କାଙ୍ଗାଳରୁ ପାଲଟିଲା ଯୁବକ ସନେଇଁ । ଧୋବୀର ପରାମର୍ଶ ଓ ପ୍ରଦତ୍ତ ମୋହରରେ ସନେଇ ନିଜ ଗୋଡ଼ରେ ଠିଆ ହେଲା । ଜାତି ହୋଇ ସମାଜରେ ମିଶିଲା । ନିଜର ପରିତ୍ୟକ୍ତ ମେଲା ଡିହରେ ନୂଆ ଘର ଖଣ୍ଡେ କଲା । ଲୋକେ ଭାବିଲେ ସନେଇ କିଛି ପୋତା ମାଲ ପାଇଛି ।

ବିଧିବା ଧୋବୀର ପରିଚର୍ଯ୍ୟା କାଙ୍ଗାଳ ସନେଇର ମନରେ ରଙ୍ଗ ବୋଳିଥିଲା । ସେ ମନେ ମନେ ସ୍ଥିର କରିନେଲା ବିଧବା ହେଲେ ବି ଧୋବୀ ହେବ ତା'ର ଇହକାଳ ଓ ପରକାଳର ସହଯାତ୍ରୀ । ଧୋବୀକୁ ନେଇ

ସଂସାର ଗଢ଼ିବାର ପରିକଳ୍ପନା ସେ କରିଥିଲା ମନେ ମନେ । କିନ୍ତୁ ସନିଆ ମନରେ ଧୋବି ଯେଉଁ ଆଶାର ନିଆଁ ଜଳାଇଥିଲା ସେହି ନିଆଁରେ ଦହନ ହେବାକୁ ସେ ଧରା ଦେଲାନାହିଁ । କାଳେ ସନିଆ ମନରେ ପୁଣି ବାଚାଳତା ପ୍ରକାଶ ପାଇବ, ସମାଜ ବୈରାଗ୍ୟ ଦେଖାଦେବ, ସେଇଥିପାଇଁ ସେ ସନିଆ ମନରେ ତା' ଆକର୍ଷଣର ନିଆଁ ଜଳାଇ ରଖିବାର ଚେଷ୍ଟା କରିଥିଲା । ଧୋବୀର ପରାମର୍ଶରେ ନିଜର ପୈତୃକ ସମ୍ପତ୍ତି ଫେରାଇ ଆଣିବାକୁ ସନିଆ ଗଲା ପ୍ରହରାଜଙ୍କ ପାଖକୁ । ସେଠାରୁ ନିରାଶ ହୋଇ ଗଲା ଚିନ୍ତେଇ ସୋଇଁଙ୍କ ପାଖକୁ । ଚିନ୍ତେଇ ସୋଇଁ କିନ୍ତୁ ଅତୀତର ପ୍ରତିଶୋଧ ନେବାକୁ ଯାଇ ସନିଆଁକୁ ଅପମାନ ଦେଲା । ସନେଇର ପ୍ରାଣରେ ଏ ଅପମାନ ଗଭୀର ରେଖାପାତ କଲା ସତ ; କିନ୍ତୁ ଚିନ୍ତେଇ ସୋଇଁଙ୍କର ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ । ଶେଷର ତହସିଲଦାର ଗୋବିନ୍ଦ ପ୍ରଧାନଙ୍କ ମାଧ୍ୟମରେ ଜମିଦାର ଶିବ ଛୋଟରାୟଙ୍କ ପାଖରୁ ଜମି ବାରମାଣ ଓ ପୋଖରୀ ଦେଢ଼ମାଣ ପଟ୍ଟା କରାଇ କଠିଣ ପରିଶ୍ରମର ସହ ସେଠାରେ ସୁନା ଫଳାଇବାର ଚେଷ୍ଟା କଲା ଓ ସେଥିରେ ସଫଳ ମଧ୍ୟ ହେଲା । ସନେଇର ଏପ୍ରକାର ପାର୍ଥିବ ଉନ୍ନତି ମୂଳରେ ଧୋବୀର ଅବଦାନ ଅନସ୍ୱୀକାର୍ଯ୍ୟ ଏବଂ ଧୋବୀ ପ୍ରତି ସନେଇର ଚିତ୍ତଗହନର ଆକର୍ଷଣ ମଧ୍ୟ ଅପ୍ରତିହତ ।

ଅନ୍ୟ କାଙ୍ଗାଳପରି ସନେଇ ମଧ୍ୟ ଦିନେ ମରିଥାଆନ୍ତା । କିନ୍ତୁ ଧୋବୀର ସେବାଯତ୍ନ, ପରାମର୍ଶ ଓ ଦାନରେ ତାର ଚିରନ୍ତନୀ ଦାରିଦ୍ର୍ୟ ଦୂର ହେବା ସହ ସମାଜରେ ମୁଣ୍ଡଟେକି ଠିଆ ହୋଇପାରିଲା । ଧୋବୀ ଓ ସନିଆର ପରସ୍ପର ପ୍ରତିଥିବା ଆକର୍ଷଣ ଆଜିର ନୁହେଁ । ଦୀର୍ଘ ତିନି ବର୍ଷ ତଳେ ଧୋବୀ ସହିତ ସନେଇର ବାହାଘର ପ୍ରସ୍ତାବକୁ ଜାତିଗତ ଅହମିକାରେ ବନେଇ ପରିଡ଼ା ଆଡ଼େଇ ଦେଇନଥିଲେ, ଧୋବୀ ଆଜି ବିଧିବା ହୋଇ ନଥାଆନ୍ତା କି ସନେଇ ପରିଡ଼ା କାଙ୍ଗାଳ, ଛତରଖିଆ ଶବ୍ଦର ଯୋଗ୍ୟ ଦାୟାଦ ବନିନଥାଆନ୍ତା । ବନେଇ ପରିଡ଼ାର ଅହମିକା ଯୋଗୁ ସେମାନେ ହେଲେ ଦୁର୍ଭିକ୍ଷ ପଥରେ କାଙ୍ଗାଳ । ଆଉ ଚିନ୍ତେଇ ସୋଇଁଙ୍କର ଏକମାତ୍ର ଅଲିଅଳ କନ୍ୟା ଧୋବୀ ହେଲା ଦୁର୍ଗାପୁରର ଜିତେଇ ନାଏକଙ୍କର ପୁତ୍ରବଧୂ । ଧୋବୀ ବଧୂ ହେବାର ସୌଭାଗ୍ୟ ବେଶୀ ଦିନ ରହିଲା ନାହିଁ । ତାର ପ୍ରେରଣାରେ ସ୍ୱାମୀ ଓ ଶ୍ୱଶୁର ଦୁର୍ଭିକ୍ଷ କବଳିତ କାଙ୍ଗାଳମାନଙ୍କ ସେବାକରି ହଇଜା ରୋଗରେ ପ୍ରାଣ ହରାଇଲେ । ବିବାହର କିଛି ଦିନ ପରେ ଧୋବୀ ଜୀବନରେ ଆସିଥିଲା ଚିରନ୍ତନ ବୈଧବ୍ୟ । ଏଇ ତିନିବର୍ଷ ଭିତରେ ସନିଆ ଛତରଖିଆ କାଙ୍ଗାଳ ଓ ଧୋବୀ ବିଧବା ହୋଇଥିଲେ ମଧ୍ୟ ଉଭୟଙ୍କ ପ୍ରତି ଉଭୟଙ୍କର ଆକର୍ଷଣ ମରି ନଥିଲା । ଧୋବୀର ପ୍ରେମ ଓ ପ୍ରେରଣାରେ ସନିଆ ମଣିଷ ହେଲା ।

ଧୋବୀ ଏକ ଅସମାପ୍ତ ଜୀବନୀ କାବ୍ୟର ନାୟିକା । ଗୋଟିଏ ପଟେ ସମାଜର ଆକଟ, ଅନ୍ୟପଟେ ସନିଆଁର ଆକର୍ଷଣରେ ପଙ୍ଗୁ ଅଥର୍ବ ହୋଇଯାଉଥିଲା । ଏ ମହାପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାପାଇଁ ସେ ଅହରହ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ଏପଟେ ସନିଆ ସବୁକିଛି ପାଇବା ଭିତରେ ଯେଉଁ ଅଭାବ ରହିଯାଇଥିଲା ତାହା ହେଉଛି ଏକମାତ୍ର ଧୋବୀ । ତାକୁ ହିଁ ପାଇବାପାଇଁ ତା'ର ଏ ନୂତନ କଳ୍ପନା ଓ ମଣିଷ ଭାବରେ ବଞ୍ଚିରହିବାର ଅପୂର୍ବ ବାସନା । ସେଇଥିପାଇଁତ ତା'ର ଭଉଣୀ ନିକଟସ୍ଥ ଦୁର୍ଗାପୁରର ମଧୁ ବାଉରୀ ଘରେଥିବାର ଖବର ପାଇ ସୁଦ୍ଧା ତାକୁ ଦେଖା କରିବା ପାଇଁ ତା ପାଖକୁ ଯାଇନାହିଁ । ସମାଜର ନାଲିଆଖି ସହିତ ଧୋବୀର ଆକର୍ଷଣ ତା'ର ପଥରୋଧ କରିଛି । ଦୁର୍ଭିକ୍ଷ ବାହୁଡ଼ା ଛତରଖିଆ କାଙ୍ଗାଳ ରହିମକୁ ପାଖରେ ରଖିଥିଲେ ମଧ୍ୟ ଜାତିଆଣ ଭାବକୁ ମାନି ନିଜେ ରୋଷେଇ କରିଛି ଓ ତାକୁ ଖାଇବାକୁ ଦେଇଛି ।

ଧୋବୀକୁ ପାଇବା ପାଇଁ ସନେଇର ମନରେ ଆଶାର ଆଲୋକ ଯେତେ ତେଜି ଉଠିଛି, ଧୀରେ ଧୀରେ ସନେଇର ଜୀବନଠାରୁ ଧୋବୀ ଦୂରକୁ ଦୂରକୁ ଚାଲିଯିବା ପରି ଅନୁଭବ ମଧ୍ୟ କରୁଛି । ଧୋବୀ ନିଜ ସ୍ୱାମୀ ଓ ଶ୍ୱଶୁରଙ୍କର ଶ୍ରାଦ୍ଧ କରିବାକୁ ଯାଇ ଦୁର୍ଗାପୁରରେ ରହିଯାଇଛି ବହୁଦିନ ଧରି। ଏହି ସମୟରେ ବିଷ୍ଣୁପୁରରେ ରାମନବମୀ ଯାତ୍ରାର ଶୁଭାରମ୍ଭ ହୋଇଛି। ଏହିଯାତକୁ ଧୋବୀ ଆସୁଥିବାର ଖବର ପାଇ ହନୁମାନ ରୋଲ୍ ପାଇଁ ଅରାଜି ହେଉଥିବା ସନେଇ ରାଜି ହୋଇଛି। ସେଠାରେ ହେବାକୁଥିବା ଜଞ୍ଜାଳ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା ସହ ମୁହଁରେ ହନୁମାନ ମୁଖାପିନ୍ଧି ନାଚିଛି। ଧୋବୀ ରାମନବମୀ ଦିନ ଆସିଛି ପୁଣି ଦୁର୍ଗାପୁର ଫେରିଯାଇଛି। ଧୋବୀକୁ ନପାଇବାର ଆଶଙ୍କା ଓ ଦୁରାଶାରେ ସନିଆଁର ମନ ଭାଙ୍ଗି ପଡ଼ିଛି। ଧୋବୀବୋଉର ଅନୁରୋଧ ସତ୍ତ୍ୱେ ଧୋବୀକୁ ପୁନର୍ବିବାହ ଦେବାକୁ ଚିନ୍ତେଇ ସୋଇଁ ରାଜି ନୁହନ୍ତି। ପୁଞ୍ଜିବାଦର ଜହ୍ଲାଦ ଚିନ୍ତେଇ ସୋଇଁଙ୍କ ପକ୍ଷେ ଝିଅର ଅଶ୍ରୁ, ଦୁଃଖ ବଡ଼ ନୁହେଁ, ବଡ଼ ହେଉଛି ଧୋବୀର ବୈଧବ୍ୟ ଅନ୍ତରାଳେ ଗଚ୍ଛିତଥିବା ସ୍ୱାମୀ ଶ୍ୱଶୁରଙ୍କ ଧନ, ଜମିବାଡ଼ି ସବୁକିଛି। ଧୋବୀର ବୋଉ କିନ୍ତୁ ଠିକ୍ ବୁଝିପାରିଛନ୍ତି, ସନିଆ ଓ ଧୋବୀର ମନଗହନକୁ । ସେଇଥିପାଇଁ ସେ ଚାହିଁଛନ୍ତି ସନିଆକୁ ଜ୍ୱାଇଁ କରିବାକୁ। ଶେଷରେ ତାଙ୍କର ସ୍ୱପ୍ନକୁ ପୂରଣ କରି ସନିଆଁ ହାତରେ ଧୋବୀକୁ ଦେବାକୁ ନିବେଦନ ପୂର୍ବକ ଚିର ନିଦ୍ରାରେ ଶୋଇ ପଡ଼ିଛନ୍ତି। ସାବିତ୍ରୀ ଅମାବାସ୍ୟାର ଏକ ବର୍ଷଣ ମୁଖର ସନ୍ଧ୍ୟାରେ ସନିଆ ଯାଇଛି ଧୋବୀ ପାଖକୁ ତା'ଠାରୁ ଶେଷ ଉତ୍ତର ଶୁଣିବାକୁ। ସେଦିନର ରାତି ଧୋବୀ ଓ ସନିଆର ଭାଗ୍ୟ ସମାଧାନର ରାତ୍ରି। ଆଜି ସନିଆଁ ସମାଧାନ କରିବାକୁ ଆସିଛି, ଏପଟ ନହେଲେ ସେପଟ। ସେତେବେଳେ ଧୋବୀ ଏକ ମହାପରୀକ୍ଷାର ସମ୍ମୁଖୀନ ହୋଇଛି। ଯେଉଁ ସମାଜରେ ବିଧବା ବିବାହର ପ୍ରଚଳନ ନାହିଁ, ପୁଣି ପିତାଙ୍କର ମତ ନାହିଁ। ସେଭଳି ଏକ ପରୀକ୍ଷାକୁ କିପରି ସମ୍ମୁଖୀନ ହେବ ଧୋବୀ। ସନିଆର ଜିଦ୍‌ଖୋର ପ୍ରଶ୍ନର ଉତ୍ତର ସେ ସିଧା ସଳଖ ଭାବରେ ଦେଇନଥିଲେ ମଧ୍ୟ ଧୋବୀର ମନୋଭାବରୁ ନାହିଁର ଉତ୍ତର ଖୋଜିନେଇଛି।

ସେଠାରୁ ନୈରାଶ୍ୟ ହୃଦୟରେ ଫେରି ବାଟରେ ସନେଇଁ ଯାଇଛି ନିଜ ଭଉଣୀ ପୁନି ଘରକୁ । ଯେଉଁ ଧୋବୀକୁ ବାହା ହେବ ବୋଲି ଜାତିଆଣ ଭେଦକୁ ଡ଼ରୁଥିଲା, ଆଜି ସେ ଡ଼ର ନାହିଁ ତାର। ମନେ ମନେ ସ୍ଥିର କରିନେଲା ପୁଣି ବଞ୍ଚିବ ଏକ ଭିନ୍ନ ମଣିଷ ହୋଇ। ଧୋବୀର ଚିନ୍ତା ଓ ତାକୁ ପାଇବାର ଆଶାକୁ ପରିହାର କରି ସଂସାର ବୈରାଗ୍ୟ ପ୍ରକାଶ କଲା । ଯାବତୀୟ ଛତରଖିଆଙ୍କୁ ଆଣି ତା'ଘରେ ରଖିଲା । ଏକଦା ତାର ବାପା କଇଁ ସହ ଦେଇଥିବା ବିବାହ ପ୍ରସ୍ତାବର ପରିକଳ୍ପନା ତା'ଆଖି ଆଗରେ ନାଚି ଉଠିଲା। ପାଗଳୀ ଛତରଖାଇ କଇଁର ଅସହାୟ କରୁଣ କାହାଣୀ ଶୁଣି ତାକୁ ବିବାହ କଲା। ସମାଜର ନାଲି ଆଖିକୁ ସେ ଆଉ ଭ୍ରୂକ୍ଷେପ କଲାନାହିଁ।

ସନେଇର ଏସବୁ ପରିବର୍ତ୍ତନ ପାଇଁ ଧୋବୀ ନିଜକୁ ଦୋଷୀ ମନେକଲା। ଚିନ୍ତେଇ ସୋଇଁ ମଧ୍ୟ ଝିଅର ଚିନ୍ତାରେ ଚିନ୍ତିତ ହେଲେ। ସେତେବେଳେ କିନ୍ତୁ ନେଳିଗୁଡ଼ କହୁଣୀକୁ ବହିଯାଇଥିଲା। ଚିନ୍ତେଇ ସୋଇଁ ସନିଆ ଘରକୁ ଡ଼ାକି ଧୋବୀକୁ ବିବାହ କରିବାକୁ ଅନୁରୋଧ କଲେ। ମାତ୍ର ସନିଆ ନିଜର ଅସହାୟତା ପ୍ରକାଶ କରି ସିଧା ସଳଖ ମନା କରିଦେଇଛି । ଧୋବି ଅନ୍ତରାଳରେ ଏହି କଥା ଶୁଣି କଚାଡ଼ି ହୋଇ ପଡ଼ିଛି । ସନିଆର 'ନାହିଁ' ପଦରେ ସେଦିନ ଧୋବୀର ଦେହ ଓ ମନରେ ଯେଉଁ ବିଷ ପ୍ରବାହିତ ହୋଇଛି ଯେତେ ଚେଷ୍ଟାକଲେ ବି ତାର ଉପଶମ ହୋଇ ନାହିଁ । ତଥାପି ଚିନ୍ତେଇ ସୋଇଁ ଆଶାବାନ ସନିଆକୁ ଶାସ୍ତି ଦେଇ ଧୋବୀକୁ ତା ହାତରେ ଟେକି ଦେବେ। ଏଣୁ ସେ ଚକ୍ରାନ୍ତ କରି ସନିଆର ଚାଷଜମି ଓ ଘରକୁ ନିଜ ନିଲାମକୁ ଆଣି ସନିଆକୁ ଦୁର୍ବଳ କରିବାକୁ

ଚେଷ୍ଟା କରିଛନ୍ତି । ସନିଆ ଘରେ ଥିବା ସମସ୍ତ ଛତରଖିଆଙ୍କ ସହିତ କଇଁକୁ ଘରୁ ବାହାର କରିଦେବାର ଯୋଜନା କରିଛନ୍ତି । ଚିନ୍ତେଇ ସୋଇଁଙ୍କର ଧାରଣା ଥିଲା, ଏପରି କଲେ ସନିଆ ହାର ମାନିବ ଏବଂ ଧୋବୀକୁ ତା ହାତରେ ଟେକି ଦେବେ । ମାତ୍ର ତାଙ୍କର ଏହି ଧାରଣା ଫଳବତୀ ହେବା ଆଗରୁ ସନିଆ ତାର ପରିକଳ୍ପିତ ସଂସାରର ଡେରା ଉଠାଇ ଅନ୍ୟତ୍ର ଚାଲିଯାଇଛି । ଫଳରେ ଚିନ୍ତେଇ ସୋଇଁ ନିଜେ ନିଜ ଯୋଜନାର ଶିକାର ହୋଇଛନ୍ତି । ତାଙ୍କର ପ୍ରାଣ ଅତଳ ଅଥଳ ମନସ୍ତାପରେ ଆତୁର ହୋଇ ଉଠିଲାବେଳେ ତାଙ୍କୁ ଏକାନ୍ତ ନିସଙ୍ଗ କରି ଅତି ଆଶ୍ଚର୍ଯ୍ୟଜନକ ଭାବରେ ଧୋବୀ ନେଇଛି ଚିର ବିଦାୟ ।

'ଶାସ୍ତି' ଉପନ୍ୟାସରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କେବଳ ଟ୍ରାଜେଡ଼ିର ପ୍ରାଣସ୍ପର୍ଶ ଆବହନ ରହିଛି ।

**ଶାସ୍ତି ଉପନ୍ୟାସରେ ସନେଇର ଚରିତ୍ର :**

ଶାସ୍ତି ଉପନ୍ୟାସର ନାୟକ ସନେଇ ହେଉଛି ଏକ କାଉଁରିଆ କାଠି । ସେ ଭାଙ୍ଗି ଯାଇଛି ପଛେ କେବେ ନଇଁ ଯିବା ତା ଜାତକରେ ନାହିଁ । ସନେଇର ଶିକ୍ଷା ନାହିଁ, ଦୀକ୍ଷା ନାହିଁ ତା'ର ବୁନିଆଦି ବି ନାହିଁ । ସେ ଏକ ହୁଣ୍ଡା ଚରିତ୍ର ହେଲେ ମଧ୍ୟ , ଉପନ୍ୟାସରେ ତାକୁ ଏକ ମହାନ ଚରିତ୍ର ଭାବରେ ଠିଆ କରାଇଛନ୍ତି ଔପନ୍ୟାସିକ କାହ୍ନୁଚରଣ ମହାନ୍ତି । ଦୁର୍ଭିକ୍ଷ ଫେରନ୍ତା ଛତରଖିଆ ସନେଇଁ ଗାଁ ମାଟିର ଲୋଭ ଏଡ଼ାଇ ନପାରି ପ୍ରିୟଜନଙ୍କ ମୁଖ କମଳ ଦେଖିବା ପାଇଁ ଗାଁ ଭୂଇଁକୁ ଛୁଟି ଆସିଛି । କିନ୍ତୁ ସନେଇ ଛତରଖିଆ କାଙ୍ଗାଳ ହୋଇଥିବାରୁ ସମସ୍ତେ ତାକୁ ଚିହ୍ନି ବି ଚିହ୍ନି ପାରିଲେ ନାହିଁ । ଯେଉଁ ଧୋବୀର ଆକର୍ଷଣ ତାକୁ ଟାଣି ଆଣିଥିଲା ସେହି ଧୋବୀ ହିଁ ଚିହ୍ନିଲା ସନେଇକୁ । ରାତି ଅଧରେ ଖାଦ୍ୟ ଓ ବସ୍ତ୍ର ଧରି ଛୁଟି ଆସିଥିଲା କାଙ୍ଗାଳ ସନିଆ ପାଖକୁ । ସେ ବି ବୁଝିଥିଲା ଧୋବୀର ଅନ୍ତର ବ୍ୟଥା । ଧୋବୀ ପାଇଁ ବଞ୍ଚିବାକୁ ଇଚ୍ଛା କରିଛି । ଧୋବୀର ପ୍ରେରଣା ଓ ଦାନରେ ଘର ଜମି ସବୁ କରିଛି । କରାଳ ଦୁର୍ଭିକ୍ଷର ଚେତନାରେ ନିଜ ମାନବିକତାକୁ ସନିଆଁ ଉପଲବ୍ଧି କରିଛି । ତାର ଆଦର୍ଶକୁ ବାସ୍ତବତାରେ ପରିଣତ କରିବାକୁ ସେ ଯଥାସାଧ ଚେଷ୍ଟା କରିଛି । ତାର ଧୈର୍ଯ୍ୟ ଅସୀମ । ସେ କେବଳ ଧୋବୀ ପାଇଁ ହିଁ ବଞ୍ଚିଛି । ଧୋବୀ ହାତର ପରଶରେ କଙ୍କାଳସାର ଦେହରେ ପୁଣି ଥରେ ରକ୍ତ ମାଂସ ଭରିଯାଇଛି । ତାହାରି ପ୍ରେରଣାରେ ମଣିଷ ପରି ମଣିଷ ହେବାକୁ ଚେଷ୍ଟା କରିଛି । ଏଣେ ତେଣେ ଦୌଡ଼ି ଶେଷରେ ଗୋବିନ୍ଦ ପଧାନକୁ ଟଙ୍କା ସଲାମି ଦେଇ ଅନାବାଦି ଗୋଚର ଜମି କିଣିଛି । ରକ୍ତକୁ ପାଣିକରି ସେହି ଜମିରେ ସୁନା ଫଳାଇଛି । ତା'କୁ ଦେଖି ଲୋକଙ୍କର ଆଖି ଖୋସି ହୋଇଯାଇଛି । ସନେଇ ଧୋବୀକୁ ବହୁତ ଭଲପାଏ । ଆଉ ସେଇଥିପାଇଁ ତ ତାକୁ ପାଇବାକୁ ତା'ର ଏହି ସବୁ ପରିଶ୍ରମ । କିନ୍ତୁ ସନେଇ ନିଜ ପୁରୁଷତ୍ୱର ଅହଙ୍କାରକୁ ବଜାୟ ରଖିବା ପାଇଁ ଧୋବୀ ନିକଟରେ ତାର ଦୁର୍ବଳତାକୁ ପ୍ରକାଶ କରିନାହିଁ । ରାତି ଅଧରେ ନିଜ ଘରେ ନିଜ ହାତ ମୁଠାରେ ଧୋବୀକୁ ପାଇ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି । ଧୋବୀଠାରୁ ଶେଷ ନିଷ୍ପତ୍ତି ଶୁଣିବାଯାଏ ଅପେକ୍ଷା କରିଛି । ସେଇଥିପାଇଁ ତ ସାବିତ୍ରୀ ଅମାବାସ୍ୟାର ଏକ ବର୍ଷଣମୁଖର ରାତ୍ରିରେ ସନିଆଁ ଛୁଟି ଯାଇଛି ଦୁର୍ଗାପୁରକୁ । ଧୋବୀ ମୁହଁରୁ ଚାହିଁଛି ଗୋଟିଏ କଥା ଶୁଣିବାକୁ । ଯେଉଁ ପଦିଏ କଥାରେ ତା ଜୀବନ ସୁଖମୟ ହୋଇପାରେ ନଚେତ ସୁଖରେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ । ସନେଇଁ ଥିଲା ଜଣେ ଆଦର୍ଶ ପ୍ରେମିକ । ସେ ପିଲାଟି ଦିନରୁ ଭଲପାଏ ଧୋବୀକୁ ଏବଂ ଧୋବୀ ମଧ୍ୟ ଭଲପାଏ ସନେଇକୁ । ଉଭୟଙ୍କ ମିଳନରେ ବନେଇ ପରିଡ଼ାଙ୍କ ଜାତିଆଣ ଅହଂଭାବ ପ୍ରାଚୀର ସଦୃଶ ଠିଆ ହୋଇଥିବା ବେଳେ ଦୁର୍ଭିକ୍ଷ ବିଚ୍ଛିନ୍ନ କରିଦେଇଥିଲା ଜଣକଠାରୁ ଅନ୍ୟ ଜଣକୁ । ସମସ୍ତେ ଧୋବୀର ଦେହକଥା ବୁଝିଲେ ମଧ୍ୟ ତାର ମନର କଥାକୁ କେହି ବୁଝି ପାରିଲେନାହିଁ ।

ଦୁର୍ଭିକ୍ଷର କରାଳ ଗ୍ରାସରୁ ମୁକ୍ତିପାଇ ପ୍ରେମିକାର ସ୍ମୃତିକୁ ପାଥେୟ କରି ଗାଁକୁ ଫେରିଆସିଛି ସନେଇ। ଏକଥା କାହା ମନକୁ ଆନ୍ଦୋଳିତ ନକଲେ ମଧ୍ୟ ପ୍ରେମିକା ଧୋବୀର ମନକୁ ଆନ୍ଦୋଳିତ କରିଛି। ଧୋବୀ ବିଧବା ଓ ସନେଇ ଛତରଖିଆ ହେଲେ ମଧ୍ୟ ବର୍ତ୍ତମାନକୁ ଭୁଲି ସେମାନେ ଅତୀତର ସ୍ମୃତିକୁ ରୋମାନ୍ଥନ କରିଛନ୍ତି। କିନ୍ତୁ ସମାଜର ନିୟମ କାନୁନରେ ସେମାନେ କେବଳ ପ୍ରେମିକ ପ୍ରେମିକା ହୋଇ ରହିଯାଇଛନ୍ତି। ଦୁର୍ଭିକ୍ଷ ଦାଉରେ ସନିଆ ନିଜ ମାନବିକତାକୁ ବଳି ଦେଇଥିଲେ ମଧ୍ୟ ପରବର୍ତ୍ତି ସମୟରେ ତା' ହୃଦୟରେ ଜାଗି ଉଠିଛି ମାନବପ୍ରେମ। ସେ ପାଇଛି ମନୁଷ୍ୟତ୍ୱର ସନ୍ଧାନ। ସେ ଜାଣିଛି ଜାତିଆଣ ପ୍ରଥା ମିଥ୍ୟା ଓ ଏହା ମନଗଢ଼ା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ଗୋଟିଏ ଜାତି। ଏହି ମାନବ ପ୍ରେମର ମହାମନ୍ତ୍ରରେ ଦୀକ୍ଷିତ ହୋଇ ନିଜ ଘରେ ରଖିଛି ରହିମକୁ। ଧୋବୀଠାରୁ ପ୍ରତାରିତ ହୋଇ ଶେଷରେ ସେ ଘରେ ପୁରାଇଛି ମୋହନା କକା, ବିଶିକାଣ୍ଡି, ଆଉ ବାଇଆଣୀ କଇଁକୁ। ଯେଉଁ ବାଇଆଣୀ କଇଁ କି ନିଜ ଗର୍ଭଜାତ ସନ୍ତାନ ପାଇଁ ଦୋଷାରୋପ କରିଛି ସନେଇ ଉପରେ। ସେ ମିଛରେ ଦୁନିଆଁକୁ କହିଛି ତା ପୁଅର ବାପ ହେଉଛି ସନିଆଁ ବୋଲି। କିନ୍ତୁ ସତ କଥା ହେଉଛି, ଦୁର୍ଭିକ୍ଷ ଦାଉରୁ ବାପକୁ ବଞ୍ଚାଇବା ପାଇଁ ଭାତ ମୁଠାକ ପାଇଁ ତାର ସତୀତ୍ୱକୁ ଅନ୍ୟ କାହାର ପାଦତଳେ ଅଜାଡ଼ି ଦେଇଥିଲା। ତଥାପି ସନେଇ ତାହାକୁ ଗ୍ରହଣ କରିଛି। ଏଥିରେ ସନେଇର ଚରିତ୍ର ବିକଶିତ ହୋଇଉଠିଛି। ଏପରିକି ଛୋଟା, ଅନ୍ଧ ଭରତ ସାମଲକୁ ମଧ୍ୟ ସେ ଘରେ ସ୍ଥାନ ଦେଇଛି। ଗ୍ରାମବାସୀଙ୍କର ଚକ୍ଷୁଶୂଳକୁ ଭ୍ରୁକ୍ଷେପ ନକରି ସେ ନିଜ କର୍ମକ୍ଷେତ୍ରରେ ଆଗେଇ ଚାଲିଛି।

ସନେଇର ମହାନୁଭବତା ନିକଟରେ ଚିନ୍ତେଇ ସୋଇଁଙ୍କର ଗର୍ବ, ଦମ୍ଭ ଆଦି ହାର ମାନିଛି। ସ୍ତ୍ରୀଙ୍କ ମରଣ କାଳୀନ ଅନୁରୋଧ, ଧୋବୀର ବିଷର୍ଣ୍ଣ ବଦନ ଚିନ୍ତେଇ ସୋଇଁଙ୍କ ଦାମ୍ଭିକ ଅନ୍ତରକୁ ଚହଲାଇ ଦେଇଥିବା ବେଳେ ନିଜ ଝିଅର ସୁଖପାଇଁ ଅର୍ଦ୍ଧେକ ସଂପତ୍ତିର ଉଇଲ ବଢ଼ାଇ ଦେଇଥିଲେ ସନେଇଁ ହାତକୁ। କିନ୍ତୁ ସନେଇ ସେସବୁ ଉଇଲକୁ ପ୍ରତ୍ୟାଖ୍ୟାନ କରି ଆଗକୁ ପାଦ ବଢ଼ାଇଛି। ହାରିଯାଇଛନ୍ତି ଚିନ୍ତେଇ ସୋଇଁ। ଜିତାପଟ ହୋଇ ପୁଲକିତ ହୋଇଛି ସନେଇର ପ୍ରେମିକ ହୃଦୟ। ସନେଇ ମନରେ ଥିବା ଆଶାର ଅଙ୍କୁରୋଦ୍‌ଗମ ବହୁଦିନୁ ମଉଳି ଯାଇଥିବାରୁ ଚିନ୍ତେଇ ସୋଇଁଙ୍କୁ ନିରାଶ ହେବାକୁ ପଡ଼ିଛି। କର୍ପୂର ଚାଲିଗଲେ ମଧ୍ୟ କନା ପଡ଼ିରହିବା ପରି ସନିଆ ଛତରଖିଆ ହେଲେ ମଧ୍ୟ ତା' ବଂଶର ଆଭିଜାତ୍ୟକୁ ଭୂଲିଯାଇନାହିଁ। ସ୍ୱର୍ଗରେ ବାପ ବନେଇ ପରିଡ଼ା ଥାଇ ସତେ ଯେମିତି କହୁଛି ମୋ ବଂଶ, ମୋ ଆଭିଜାତ୍ୟ। ଯଦିଓ ଧୋବୀ ତାର ମନ ଜାଣି ଅନେକ ସାହାଯ୍ୟ କରିଛି ତଥାପି ବହୁ ବ୍ୟାକୁଳତାରେ ସେ ତାର ଦାନକୁ ଗ୍ରହଣ କରିଛି। ପରର ହାତ ମୁଠାକୁ ଚାହିଁ ନ ରହି ନିଜେ ଅକ୍ଲାନ୍ତ ପରିଶ୍ରମ କରିଛି। ପଡ଼ିଆ ଜମିରେ ସୁନା ଫଳାଇଛି। ଶେଷରେ ବି ସବୁ ଧନ ସମ୍ପତ୍ତିକୁ ଧୋବୀର ବୋଲି ସାବ୍ୟସ୍ତ କରି ତାର ନୂଆଁ ସଂସାର ସହ ଖୁବ୍ ଦୂରକୁ ଚାଲି ଯାଇଛି।

ସନେଇର ଚରିତ୍ରକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଔପନ୍ୟାସିକ କେବଳ ତାକୁ 'ଶାସ୍ତି' ଉପନ୍ୟାସର ନାୟକ ଭାବରେ ବର୍ଣ୍ଣନା କରି ନାହାନ୍ତି ବରଂ ଜଣେ ଆଦର୍ଶବାଦୀ ସମାଜ ସଂସ୍କାରକ ଭାବରେ ଚିତ୍ରଣ କରି ନିଜ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି।

## ଧୋବୀର ଚରିତ୍ର ଚିତ୍ରଣ :

'ଶାସ୍ତି' ଉପନ୍ୟାସରେ ଧୋବୀ ଜଣେ ଆଦର୍ଶ ପ୍ରେମିକା ରୂପେ ଚିତ୍ରିତ ହୋଇଛି । ଯୌବନାବସ୍ଥାରୁ ସନିଆଁ ଓ ଧୋବୀ ଉଭୟେ ଉଭୟଙ୍କୁ ଭଲ ପାଇଛନ୍ତି। ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଧୋବୀ ନିଜ ଅନ୍ତର ଭିତରୁ କେବେହେଲେ ସନେଇଁକୁ ଅନ୍ତର କରିନାହିଁ। ଧୋବୀ ତାର ମନ ମନ୍ଦିରରେ ସନେଇଁକୁ ଦେବତା ଭଳି ରଖିଥିବା ବେଳେ ସନେଇଁ ମଧ୍ୟ ଧୋବୀର ଛବିକୁ ହୃଦୟ କନ୍ଦରରେ ରଖିଥିଲା। କିନ୍ତୁ ସନେଇଁର ବାପା ବନେଇ ପରିଡ଼ା ନିଜ ବଂଶର ବୁନିଆଦ, ଗାରିମା ଓ ଆଭିଜାତ୍ୟର ଅହମିକା ଦେଖାଇ ଉଭୟଙ୍କ ମିଳନ ସ୍ୱପ୍ନକୁ ଧୂଳିସାତ କରିଦେଇଥିଲେ। ଉଭୟେ ବିଚ୍ଛିନ୍ନ ହେଲେ ସତ କିନ୍ତୁ ମନ ମଧ୍ୟ ରୁ କେହି କାହାକୁ ଭୁଲି ପାରିଲେ ନାହିଁ। ଦୁର୍ଭିକ୍ଷର କରାଳ ଗ୍ରାସରେ ପରିବାର ସହ ଭିଟାମାଟି ଛାଡ଼ିଛି ସନିଆଁ। ଧୋବୀ ନିରୁପାୟ ଭାବରେ ସନିଆଁର ଫେରିବାର ପଥକୁ ଚାହିଁ ଚାହିଁ ଶେଷରେ ତାର ଇଚ୍ଛା ବିରୁଦ୍ଧରେ ଜଣେ ଅଜଣା ଅଶୁଣା ଯୁବକକୁ ବାହା ହୋଇଛି। ମନରେ ଆନ୍ଦୋଳିତ ହୋଇଛି ସନେଇଁର କଥା । ଛତରଖିଆ କାଙ୍ଗାଳମାନଙ୍କୁ ଦେଖିଲେ ମନେପଡ଼େ ସନେଇଁର ଛବି । କେଉଁଠି ଥିବ ସେ, କ'ଣ କରୁଥିବ ସେ, ଇତ୍ୟାଦି ।  ଅଳ୍ପ ସମୟ ପାଇଁ ହେଉ ପଛେ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କର ସେବା କରି ଜଣେ ଆଦର୍ଶ ଗୃହିଣୀ ଭାବରେ ନିଜକୁ ପ୍ରତିପାଦିତ କରିପାରିଛି । ତାର ଗୁଣାବଳୀରେ ମୁଗ୍ଧ ହୋଇ ତାର ଲୋତକ ପୂର୍ଣ୍ଣ ଚକ୍ଷୁ ଦେଖି ନିରନ୍ନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ସହ କଙ୍କାଳମାନଙ୍କ ସେବା କରିବା ପାଇଁ ସ୍ୱାମୀ ଓ ଶ୍ୱଶୁର ଘରୁ ଗୋଡ଼ କାଢ଼ିଛନ୍ତି । ଛତରଖିଆ କାଙ୍ଗାଳମାନଙ୍କର ସେବା କରି ସ୍ୱାମୀ ଓ ଶ୍ୱଶୁର ପ୍ରାଣ ତ୍ୟାଗ କରିଛନ୍ତି । ଯୌବନାବସ୍ଥାରେ ଧୋବୀ ହୋଇଛି ବିଧବା।

ଦୀର୍ଘ ତିନି ବର୍ଷ ପରେ କଙ୍କାଳସାର ଦେହଧରି ଗାଁ ଭୂଇଁର ଆକର୍ଷଣରେ ସନିଆଁ ଛୁଟି ଆସିଛି ନିଜ ଗାଁ ବିଷ୍ଣୁପୁରକୁ। ଗାଁ ଲୋକେ ତାକୁ ଚିହ୍ନି ମଧ୍ୟ ନ ଚିହ୍ନିଲା ପରି ରହିଛନ୍ତି। ତାର ପେଟ କଥା ନ ବୁଝି ଜାତି ହେବାକୁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ପ୍ରେମିକା ଧୋବୀ ବୁଝିଛି ପ୍ରେମିକ ସନେଇଁର ଅନ୍ତର ବେଦନା । ରାତି ଅଧରେ କାହାକୁ ଖାତିର ନ କରି ହାତରେ ଖାଇବା ଜିନିଷ ଓ ସ୍ୱାମୀଙ୍କ ସ୍ମୃତିର ଖଣ୍ଡେ ସାଲ ଧରି ଛୁଟି ଯାଇଛି ସନେଇଁ ନିକଟକୁ। ଧୋବୀର ସ୍ପର୍ଶରେ ସନେଇର ଶରୀରରେ ନୂତନ ପ୍ରାଣର ସଞ୍ଚାର ହୋଇଛି। ସନେଇଁକୁ ପାଞ୍ଚଜଣଙ୍କ ପରି ଜଣେ କରିବାକୁ ସ୍ଥିର କରି ଦେଇଛି ପ୍ରେରଣା ଓ ଅନେକ ଅର୍ଥ । ଧୋବୀର ସହାୟତାରେ ସନେଇ ଜାତି ହୋଇଛି, ଘର କରିଛି, ଜମି କିଣିଛି ଆଉ ପାଞ୍ଚଜଣଙ୍କ ପରି ଜଣେ ହୋଇଛି । ସନେଇର ଉନ୍ନତିରେ ଧୋବୀ ଆତ୍ମତୃପ୍ତି ଲାଭକରିଛି।

ଧୋବୀର ବାହାର ରୂପ ଠାଣୁ ତାର ଅନ୍ତର ରୂପ ଭିନ୍ନ ଥିଲା। ତା'ର ଅନ୍ତର ସଦାସର୍ବଦା ଆନ୍ଦୋଳିତ ହେଉଥିଲା। ରକ୍ତ ମାଂସର ଦେହଧରି ବାଲ୍ୟକାଳରୁ ବିଧବା ସାଜି କେତେ ଅବା ସହନ୍ତା। ସମସ୍ତେ ଦେହକଥା ବୁଝିଲେ ମନ କଥା କେହି ବୁଝି ପାରିଲେ ନାହିଁ। ତାର ମନ ଖୋଜୁଛି ସନେଇଁର ସାନ୍ନିଧ୍ୟ । ତାର ମନ ସାମୟିକ ଚଞ୍ଚଳ ହୋଇଉଠିଛି, ଅସ୍ଥିରତା ପ୍ରକାଶ ପାଉଛି । ପୁନୀ ଆଉ ମଧୁଭୋଇର ମଧୁମୟ ଜୀବନ ଦେଖି ଧୋବୀର ମନ ଦୁଃଖରେ ହାହାକାର କରି ଉଠିଛି। ସେ ମନେକରିଛି, ପୁନୀ ବାଉରୀଘରେ ପଶିମଧ୍ୟ  ଧୋବୀଠାରୁ ବହୁଗୁଣରେ ସୁଖୀ ଅଛି। ପୁନୀ ଭାଗ୍ୟବତୀ । ଜାତି ଛଡ଼ା ହେଲେ ବି ଭାଗ୍ୟହୀନ ନୁହେଁ । ମଧୁଭୋଇ ପରି ସ୍ୱାମୀ ଏବଂ ତାରି ରକ୍ତରେ ଗଢ଼ା ଶିଶୁକୁ ପୁନୀ କୋଳରେ ଦେଖି ଧୋବୀର ମାତୃତ୍ୱ କାମନା ପ୍ରଜ୍ଜ୍ୱଳିତ ହୋଇଉଠିଛି। ତେଣୁ ତାର

ଅନ୍ତର ଖୋଜିଛି ସାଥୀ। ସଧବାଙ୍କ ଭଳି ନାନା ଓଷା ବ୍ରତ କରିଛି। ସାବିତ୍ରୀ ଅମାବାସ୍ୟା କରିଛି। ମନରେ ତାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ଯେ, ସେ କାହାପାଇଁ ସାବିତ୍ରୀ ବ୍ରତ କରୁଛି ? ମୃତ ସ୍ୱାମୀ ନିତେଇ ନାଏକ ନା ସନେଇଁ ଭାଇ। କାହା ପାଇଁ ସେ ସମାଜଠାରୁ ଉପହାସର ପାତ୍ରୀ ହେଉଛି। ତା'ର ଆଖି ଆଗରେ ନାଚି ଉଠିଛି ସନେଇଁର ସ୍ମୃତି ଓ ତାର ଛବି। ପାଗଳିନୀ ହୋଇଛି ଧୋବୀ। ସନେଇଁ ପ୍ରତି ଧୋବୀର ପ୍ରେମର ଆବିଳତା ନାହିଁ। ତାଙ୍କ ପ୍ରେମ ପବିତ୍ର, ଯେଉଁଥିରେ ଯୌନ ବିକାର ନାହିଁ କି ଉଚ୍ଛୃଙ୍ଖଳତା ନାହିଁ। ଜାଗର ରାତିରେ ମହାଦେବ ମନ୍ଦିରରୁ ଏକାକିନୀ ଧୋବୀ ଛୁଟିଯାଇଛି ସନେଇ ପାଖକୁ। ରାତି ଅଧରେ ଏକାକୀ ଧୋବୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଛି ସନିଆଁ। ନିଛାଟିଆ ଘରେ ପ୍ରେମିକ ପ୍ରେମିକା ଥାଇ ସୁଦ୍ଧା ଯୌନ ପ୍ରବୃତ୍ତିକୁ ଚରିତାର୍ଥ କରିବା ପାଇଁ ପ୍ରଶ୍ରୟ ନେଇ ନାହାନ୍ତି। ସନେଇର ପୁରୁଷତ୍ତ୍ୱର ଅହଙ୍କାର ଏବଂ ଧୋବୀର ଆଦର୍ଶ ପ୍ରେମ ଉଭୟଙ୍କ ମଧ୍ୟ ରେ ପ୍ରାଚୀର ସଦୃଶ ଦଣ୍ଡାୟମାନ ହୋଇ ଠିଆ ହୋଇଛି। ପ୍ରେମିକା ସବୁ ସହିପାରେ ମାତ୍ର ନିଜ ପ୍ରେମିକ ଆଉ କେଉଁ ନାରୀ ସହିତ ମିଶିବାକୁ ସହିପାରେ ନାହିଁ। ତାର ପ୍ରାଣ କାନ୍ଦି ଉଠେ। ଏଣୁ ସନେଇଁ କଇଁର ମିଳନକୁ ସେ ସହ୍ୟ କରିପାରି ନାହିଁ ଧୋବୀ। ଦୁହିଙ୍କ ମିଳନ ନିଜ ଚକ୍ଷୁରେ ଦେଖି ଧୋବୀ ନିଜକୁ ଅସହାୟ ମନେ କରିଛି। ତାର ମନ ମଧ୍ୟରେ ଈର୍ଷାଭାବ ଜାଗ୍ରତ ହୋଇଛି। ସେଇଥିପାଇଁ ତ ପଛପଟରୁ ଡାକୁଥିବା କଇଁର ଡ଼ାକକୁ ଶୁଣି ମଧ୍ୟ  ନଶୁଣିଲା ପରି ଚାଲିଯାଇଛି। ତାକୁ ଛତରଖାଇ ବୋଲି ଅପମାନ ଦେଇଛି। ଧୋବୀ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଛି। ତାର ଏ ପ୍ରକାରର ମନୋଭାବ ପାଇଁ ଅନୁତାପ ମଧ୍ୟ କରିଛି। ତା'ର ହୃଦୟକୁ ପାଷାଣରୁ ପାଷାଣତର କରିବା ନିମିତ୍ତ ବିନତି କରିଛି। ଧୋବୀଠାରୁ ପଦିଏ ଉତ୍ତର ପାଇବାପାଇଁ ସନେଇଁ ତାକୁ ଏତେଦିନ ଧରି ଅପେକ୍ଷା କରିଥିଲା। କିନ୍ତୁ ସମାଜର ଭୟରେ ଧୋବୀ ନିରବ ରହିଛି ସିନା ମନ ଭିତରୁ ସନିଆଁକୁ ଭୁଲି ପାରିନାହିଁ। ସେଇଥିପାଇଁ ତ ସନେଇର ସୁଖ ଦେଖି ଧୋବୀ ଈର୍ଷାପରାୟଣ ହୋଇଛି। ଅନୁତାପାନଳରେ ତାର ମନର ଆବିଳତାକୁ ଧୋଇ ଦେଇଛି। ଫଳରେ ତାର ପ୍ରେମିକା ଅନ୍ତର ଆହୁରି ବିକଶିତ ହୋଇଛି। ଜୀବନବ୍ୟାପୀ ଧୋବୀର ସାଧନା ଓ ତପସ୍ୟା ତାକୁ ଆଦର୍ଶ ପ୍ରେମିକା ରୂପେ ଉପସ୍ଥାପିତ କରିପାରିଛି। ତାର ଆଦର୍ଶପ୍ରେମ ଆହୁରି ମହନୀୟ ହୋଇପାରିଛି। ସନେଇ ଓ ଧୋବୀର ଦୈହିକ ମିଳନ ପଥରେ ବହୁତ ପ୍ରତିବନ୍ଧକ ଆସିଛି । କିନ୍ତୁ ଅନ୍ତରରୁ ପରସ୍ପରଙ୍କୁ ବିଚ୍ଛିନ୍ନ କରିବାକୁ ମନୁଷ୍ୟ ଶକ୍ତି ହାର ମାନିଛି । ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଧୋବୀ ସନେଇକୁ ଭୁଲି ପାରିନାହିଁ। ସନେଇବି ଧୋବୀର ସ୍ମୃତିକୁ ପାଥେୟ କରି ଘରଦ୍ୱାର ଛାଡ଼ି ଚାଲିଯାଇଛି ବହୁତ ଦୂରକୁ । ଧୋବୀର ଅନ୍ତିମ ସମୟରେ ପ୍ରେମିକ ପୁରୁଷ ସନେଇକୁ ଦେଖିବାକୁ ମନ ବ୍ୟାକୁଳିତ ହୋଇଛି । କିନ୍ତୁ ତାହା ତାର ଜୀବନରେ ଅବଶୋଷ ରହିଯାଇଛି । ଠାକୁରଙ୍କୁ ପ୍ରାର୍ଥନା କରି କରି ଠାକୁରଙ୍କ ପରି ମୁକ ହୋଇଛି ; ପାଷାଣୀ ହୋଇଛି । ସବୁଦିନ ପାଇଁ ଚିନ୍ତେଇ ସୋଇଁଙ୍କ ଅନ୍ତରରେ ଏକ ଅଲିଭା ଦାଗ ରଖିଦେଇ ଚିରଦିନ ପାଇଁ ବିଦାୟ ନେଇଛି।

ଧୋବୀର ଚରିତ୍ରକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ଉପନ୍ୟାସରେ ସେ ଏକ ଆଦର୍ଶ ପ୍ରେମିକା ଏବଂ ଅନ୍ୟର ସୁଖ ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଇ ପାରୁଥିବା ଏକ ନାୟିକା। ଧନ୍ୟ ତାର ପ୍ରେମ ଓ ଆତ୍ମତ୍ୟାଗ।

## ଚିନ୍ତେଇ ସ୍ୱାଇଁର ଚରିତ୍ର :

ମଣିଷ ଧନଶାଳୀ ହେଲେ ତା ମନରେ ଗର୍ବ ଆସେ। ଲୋକଙ୍କୁ ନିଜ ଅଧୀନରେ ରଖି ନିଜର ପ୍ରାଧାନ୍ୟ ପ୍ରତିଷ୍ଠା ପାଇଁ ଲାଳାୟିତ ହୁଏ। ଶାସ୍ତି ଉପନ୍ୟାସରେ ସେମିତି ଏକ ଚରିତ୍ର ଭାବରେ ଉପସ୍ଥାପନା କରାଯାଇଛି

ଚିନ୍ତେଇ ସୋଇଁଙ୍କୁ। ଚିନ୍ତେଇ ସୋଇଁ ହେଉଛନ୍ତ ବିଷ୍ଣୁପୁର ଗାଁର ସର୍ବୋଚ୍ଚ କର୍ତ୍ତା। ଗ୍ରାମର ସମସ୍ତେ ତାଙ୍କ କଥାକୁ ଶୁଣୁଥିଲେ ଏବଂ ଅକ୍ଷରେ ଅକ୍ଷରେ ପାଳନ ମଧ୍ୟ କରୁଥିଲେ। ଯେଉଁମାନେ ତାଙ୍କ କଥା ଶୁଣୁନଥିଲେ ଚିନ୍ତେଇ ସୋଇଁ ପ୍ରତିହିଂସା ପରାୟଣ ହୋଇ ତାଙ୍କୁ ଉଚିତ ଶାସ୍ତି ବିଧାନ କରୁଥିଲେ। ଏକଦା ନିଜର ଏକମାତ୍ର ଅଲିଅଳ କନ୍ୟା ଧୋବୀର ବିବାହ ସନେଇଁ ସହିତ କରିବା ପାଇଁ ବନେଇ ପରିଡ଼ାଙ୍କ ପାଖକୁ ପ୍ରସ୍ତାବ ପଠାଇଥିଲେ। କେତେ ଆଶା କରିଥିଲେ ବନେଇ ପରିଡ଼ାର ପୁଅ ସନେଇଁ ସହିତ ଧୋବୀର ବାହାଘର କରିବାକୁ। କିନ୍ତୁ ଚିନ୍ତେଇ ସ୍ୱାଇଁଙ୍କ ବଂଶର ଗାରିମା, ବୁନିଆଦି ନଥିବାରୁ ତାଙ୍କ ସହିତ ବନ୍ଧୁ ବାନ୍ଧି ପାରିବେନି ବୋଲି ଜାତ୍ୟାଭିମାନୀ ଦନେଇ ପରିଡ଼ା ଶୁଣାଇ ଦେଇଛନ୍ତି। ଏହି ଅପମାନର ପ୍ରତିଶୋଧ ନେବାପାଇଁ ଚିନ୍ତେଇ ସୋଇଁ କୁହୁଳି ଉଠିଛନ୍ତି।

ଏହାପରେ ଦେଖାଦେଇଛି ଦୁର୍ଭିକ୍ଷ। ପାଖରେ ଯାହା ଧାନଚାଉଳ ଥିଲା ସବୁ ସରିଲା। ଜାତ୍ୟାଭିମାନୀ ବନେଇ ପରିଡ଼ାର ଦମ୍ଭ ଭାଙ୍ଗିଲା। ଆଖି ଆଗରେ ଦେଖାଦେଲା ମରଣର ଭୟାବହ ଦୃଶ୍ୟ। ନିଜ ବଳରେ ବିଲରେ ସୁନା ଫଳାଉଥିବା ଦନେଇ ପରିଡ଼ାର ବଳ ଭାଙ୍ଗିଗଲା। କାହାରି ଆଗରେ ହାତ ପତାଉନଥିବା ଦନେଇ ପରିଡ଼ା ଛୁଟି ଆସିଲା ଚିନ୍ତେଇ ସ୍ୱାଇଁଙ୍କ ନିକଟକୁ, ନିଜ ଜମି ବନ୍ଧକ ଦେଇ କିଛି ଧାନ ଦେବାକୁ। ନିଜ ବଂଶର ଗାରିବା ଓ ବୁନିଆଦ ଦେଖାଉଥିବା ବନେଇ ପରିଡ଼ା ଆଜି ଗୋଡ଼ଭାଙ୍ଗି ତାଙ୍କ ଆଗରେ ଠିଆ ହୋଇଥିବାରୁ ଚିନ୍ତେଇ ସୋଇଁ ହସି ଉଠିଲେ। ବହୁଦିନଧରି ତାଙ୍କ ମନ ମଧ୍ୟ ରେ ଥିବା ପ୍ରତିହିଂସାର ନିଆଁ ଖୁବ୍ ଜୋର୍‌ରେ ଜଳି ଉଠିଲା। ବନେଇ ପରିଡ଼ାର ଗର୍ବକୁ ଧୂଳିସାତ କରିବା ଲାଗି ତାଙ୍କ ଜମିକୁ ବନ୍ଧକ ରଖି କିଛି ଧାନ ଦେଇଛନ୍ତି। ସେଇ ଧାନ ସରିଗଲା ପରେ ବନେଇ ପରିଡ଼ାଙ୍କର ପୁଣିଥରେ ଭାଳେଣି ପଡ଼ିଛି। ସ୍ୱାଇଁଙ୍କର ତାସ୍ଲ୍ୟଭରା ହସରେ ନିରାଶ ହୋଇ ଭୋକର ଜ୍ୱାଳାକୁ ସହି ନପାରି ପରିବାର ସହ ଭିଟାମାଟି ଛାଡ଼ି ଚାଲିଯାଇଛନ୍ତି। ଚିନ୍ତେଇ ସୋଇଁଙ୍କ ପ୍ରତିଶୋଧର ନିଆଁରେ ଦନେଇ ପରିଡ଼ାଙ୍କ ପରିବାର ଧୂଳିସାତ ହୋଇଯାଇଛି। ତଥାପି ଚିନ୍ତାଇଁ ସ୍ୱାଇଁଙ୍କ ରାଗ ଶାନ୍ତ ହୋଇନାହିଁ।

ଦୁର୍ଭିକ୍ଷ ପରେ ଗାଁ ମାଟିର ମମତାକୁ ଭୁଲିନପାରି, କଙ୍କାଳସାର ସନିଆଁ ଛୁଟି ଆସିଛି ନିଜ ଗାଁକୁ। ଗାଁର ପୁଅ ଗାଁକୁ ଫେରି ଆସିଥିଲେ ମଧ୍ୟ ଗାଁରେ ତାକୁ ସ୍ଥାନ ମିଳିନାହିଁ। ସେ ଛତରରେ ପଶି ଛତରଖିଆ ହୋଇଥିବାରୁ ତାକୁ ଜାତି ହେବାକୁ ପଡ଼ିବ। ସେ ଅଛୁଆଁ, ଅଜାତି, ସମାଜରେ ରହିବାର ତାର ଅଧିକାର ନାହିଁ। ସେତେବେଳେ ଚିନ୍ତେଇ ସୋଇଁଙ୍କ ହୃଦୟରୁ ଦୟା ବାହାରିବା ଦୂରେ ଥାଉ ତାଙ୍କ ହୃଦୟ କଠିଣରୁ କଠିଣତର ହୋଇ ଉଠିଛି। ଗ୍ରାମବାସୀଙ୍କୁ ଡ଼କାଇ ହୁକୁମ ଦେଇଛନ୍ତି ସନିଆଁ ଜାତି ହେବ, ବ୍ରାହ୍ମଣ ଭୋଜନ ଆଦି ଦେବାକୁ ପଡ଼ିବ। ଗ୍ରାମବାସୀ ତାଙ୍କରି ଆଜ୍ଞାରେ ପରିଚାଳିତ। ଚିନ୍ତେଇ ସୋଇଁଙ୍କ କଥାରେ ସମସ୍ତେ ହଁ ଭରିଲେ କିନ୍ତୁ ଦୁଇଦିନ ହେଲା ଭୋକ ଓପାସରେ ଥିବା କଙ୍କାଳ ସନେଇର ପେଟର କଥା କେହି ବୁଝିଲେ ନାହିଁ। ଧୋବୀର ହାତଟେକା ଅନ୍ନ ଓ ଧନରେ ସନେଇ ପରିଡ଼ା ନିଜ ଗୋଡ଼ରେ ଠିଆ ହୋଇଛି। ଏକଦା ନିଜ ଜମି ନିମିତ୍ତ ସନେଇ ପରିଡ଼ା ଚିନ୍ତେଇ ସୋଇଁଙ୍କ ଦ୍ୱାରସ୍ଥ ହୋଇଛି । ସେତେବେଳେ ବି ତାଙ୍କ ଭିତରର ପ୍ରତିହିଂସା ଜଳି ଉଠିଛି । ସେ ପ୍ରତିଶୋଧ ପରାୟଣ ହୋଇଛନ୍ତି। ତାକୁ ଜମି ଦେବାର ଦୂରର କଥା ବରଂ ଘର କୋଠିଆ ହେବାକୁ ପ୍ରବର୍ତ୍ତାଇଛନ୍ତି। ସେଦିନ ବନେଇ ପରିଡ଼ା କହିଥିବା କଥା ଦିପଦ ସେ ଆଜି ପର୍ଯ୍ୟନ୍ତ ଭୁଲି ପାରି ନାହାନ୍ତି। ପରିଡ଼ା ବଂଶର କୂଳଦୀପକୁ ସବୁଦିନ ପାଇଁ ଲିଭାଇ ଦେବାକୁ ଚେଷ୍ଟିତ ହେଇ ଉଠିଛନ୍ତି। ସେ ଥିଲେ ଜଣେ ସୁଦୃଢ଼ ଶାସକ। ଜଣେ ସୁଦୃଢ଼ ଶାସକ ହେବାପାଇଁ

ଯେଉଁ ଗୁଣ ଓ ଯୋଗ୍ୟତା ଦରକାର ତାହା ପୂର୍ଣ୍ଣମାତ୍ରାରେ ଚିନ୍ତେଇ ସୋଇଁଙ୍କ ଦେହରେ ଥିଲା । କେବଳ ବାହାରେ ନୁହେଁ ଘରେ ମଧ୍ୟ ତାଙ୍କର ସୁଦୃଢ଼ ଶାସନ ପାଇଁ ଭାଇ ନିଧେଇ ଓ ଅନ୍ୟାନ୍ୟ ପରିବାର ବର୍ଗ ମୂଷିକବତ୍ ଥିଲେ । ପ୍ରୟୋଜନ ହେଲେବି ପଦେ କଥା କହିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇନାହିଁ । ତାଙ୍କରି ଆଜ୍ଞାରେ ରାମ ପ୍ରହରାଜ ଶାସ୍ତ୍ରର ନିୟମକୁ ମଧ୍ୟ ଅଦଳ ବଦଳ କରିଦେଇଛନ୍ତି । ତାଙ୍କରି ନିର୍ଦ୍ଦେଶରେ ନିମକସଚ୍ଚା ହରି ମହାନ୍ତି ମଧ୍ୟ ଗରିବ ଗୁରୁବାଙ୍କୁ ସମୂଳେ ବିନାଶ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ଧନଲୋଭରେ ନିଜର ଏକମାତ୍ର ଅଲିଅଳି ଝିଅ ଧୋବୀର ମନର କଥାକୁ ମଧ୍ୟ ବୁଝିନାହାନ୍ତି । କହିବାକୁ ଗଲେ ଚିନ୍ତେଇ ସୋଇଁ ଥିଲେ ଜଣେ ଧନର ରାକ୍ଷସ । ଧନପାଇଁ ସେ ସବୁ କିଛି କରିବାକୁ ପଛାଉ ନଥିଲେ ।

ମଣିଷ କଠୋର ହେଲେ ମଧ୍ୟ ଦିନେ ନା ଦିନେ ତା ହୃଦୟ ତରଳି ଯାଏ । ଠିକ୍ ସେହିପରି କଠୋର ପ୍ରତିହିଂସା ପରାୟଣ ଚିନ୍ତେଇ ସୋଇଁଙ୍କ ପାଷାଣର ହୃଦୟ ଦିନେ ଧୋବୀର ମୁଖାବଲୋକନରେ ତରଳି ଯାଇଥିଲା । ତାଙ୍କ ଅନ୍ତର କାନ୍ଦି ଉଠିଥିଲା । ମନରେ ଚେତନା ଜାଗ୍ରତ ହେଇଥିଲା । ମନେ ପଡ଼ିଲା ତାଙ୍କ ଅତୀତ ଦିନର କଥା । ଧନର ଲାଳସାରେ ଲିପ୍ତ ରହି ସେ ନିଜକୁ ଚାହିଁ ନାହାନ୍ତି । ନିଜର ଆଦରଣୀୟା ପତ୍ନୀର କଥାକୁ ସେ କର୍ଣ୍ଣପାତ କରିନାହାନ୍ତି । ନିଜର ଏକମାତ୍ର ଝିଅକୁ ସୁଖରୁ ବଞ୍ଚିତ କରିଛନ୍ତି । ଅନୁତାପର ନିଆଁରେ ଜଳିଛନ୍ତି । ସ୍ତ୍ରୀଙ୍କ ଅନ୍ତିମକାଳନୀ ଅନୁରୋଧ ବାରମ୍ବାର ତାଙ୍କର ମନେ ପଡ଼ିଛି । ଧୋବୀର ଆକୁଳ ନୟନ ତାଙ୍କ ଚକ୍ଷୁ ସମ୍ମୁଖରେ ଉଦ୍ଭାସିତ ହୋଇ ଅନ୍ତର ମଧ୍ୟ ରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛନ୍ତି । ଧୋବୀର ସ୍ୱାସ୍ଥ୍ୟଭଙ୍ଗ ତଥା ଉଦାସୀନତାରେ ସେ ମର୍ମାହତ ହୋଇ ପଡ଼ିଛନ୍ତି । ମନରେ ପ୍ରଶ୍ନ ଆସିଛି– କାହାପାଇଁ ସେ ଧନ ସଞ୍ଚୟ କରୁଛନ୍ତି । ତାଙ୍କ ଅନ୍ତେ ଏ ସମ୍ପତ୍ତିର ଉତ୍ତରାଧିକାରୀ ହେବ କିଏ ? ଏପରି ନାନା ପ୍ରଶ୍ନରେ ତାଙ୍କର ଧନ ଗର୍ବ ଭାଙ୍ଗିଛି ।

ଶେଷରେ ସନେଇଁ ନିକଟରେ ତାଙ୍କୁ ମଥାନତ ହେବାକୁ ପଡ଼ିଛି । ଅର୍ଦ୍ଧେକ ସମ୍ପତ୍ତିର ଉଇଲ ଲେଖିଦେଇ ସନେଇ ହାତରେ ଧୋବୀକୁ ଛନ୍ଦି ଦେବାକୁ ମନ ସ୍ଥିର କରିଛନ୍ତି । କିନ୍ତୁ ସନେଇଁ ସମ୍ପତ୍ତିର ଲୋଭକୁ ଏଡ଼ାଇ ଦେଇଥିବାରୁ ଚିନ୍ତେଇ ସୋଇଁ ହାରିଯାଇଛନ୍ତି । ଶେଷରେ ସନେଇକୁ କଳେ, ବଳେ, କଉଶଳେ ଭଲ ରାସ୍ତାକୁ ଆଣିବାକୁ ଚେଷ୍ଟା କରି ତାକୁ ଶାସ୍ତି ଦେବାକୁ ଚିନ୍ତା କରିଛନ୍ତି । କିନ୍ତୁ ସନିଆଁ ତାର ସମସ୍ତ ସମ୍ପତ୍ତି ଧୋବୀର ବୋଲି ସାବ୍ୟସ୍ତ କରି କଇଁ ଓ ଅନ୍ୟ ସାଥୀ ଭାଇମାନଙ୍କୁ ଧରି କେଉଁ ଏକ ଅଜଣା ମୁଲକକୁ ବାହାରି ଯାଇଛି । ଚିନ୍ତେଇ ସୋଇଁଙ୍କ ଛାତିରେ ଏକ ଅଲିଭା ଗାର କାଟି ଦେଇଛି ସନେଇ । ସନେଇକୁ ଶାସ୍ତି ଦେବାକୁ ଯାଇ ନିଜେ ଶାସ୍ତି ପାଇଛନ୍ତି ଚିନ୍ତେଇ ସୋଇଁ ।

## ଶାସ୍ତି ଉପନ୍ୟାସରେ ତତ୍କାଳୀନ ସମାଜ ଜୀବନର ଚିତ୍ର :

ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ । ସମାଜରେ ଘଟୁଥିବା ଘଟଣା ବା ଚିତ୍ର ସେଥିରେ ପ୍ରତିଫଳିତ ହୋଇଥାଏ । ୧୮୬୬ ମସିହାରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷ ପରର କାହାଣୀକୁ ନେଇ ଏହି ଉପନ୍ୟାସ ରଚନା କରାଯାଇଥିବାରୁ ଏଥିରେ ତତ୍କାଳୀନ ସମାଜ ଜୀବନର ଚିତ୍ର ଦେଖିବାକୁ ମିଳିଥାଏ । ନ'ଅଙ୍କ ଦୁର୍ଭିକ୍ଷରେ ଖାଇବାକୁ ନପାଇ ଲୋକେ ପୋକମାଛି ପରି ମଲେ । ପେଟର ଜ୍ୱାଳା ସହିନପାରି ବଂଶର ଆଭିଜାତ୍ୟ ଦେଖାଉଥିବା ବନେଇ ପରିଡ଼ା ଭିଟା ମାଟି ଛାଡ଼ି ଛତରରେ ପଶିଲେ । ପୁଅ ସନିଆଁ ଓ ମନିଆଁ, ଝିଅ ପୁନି ଓ କୁନି, ସ୍ତ୍ରୀ ଚନି

ଦୁର୍ଭିକ୍ଷ ଦାଉରେ କିଏ କୁଆଡ଼େ ହଜିଗଲେ। ବାପର ମୁହଁରୁ ଆହାର ଛଡ଼ାଇ ଆଣି ସନିଆଁ ତାର ଜୀବନ ବଞ୍ଚାଇଛି। ପେଟର ଦାଉରେ ମଣିଷ ଯେ କୌଣସି ଅପକର୍ମ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇନାହିଁ। କୌଣସି ହୀନକର୍ମ କରିବାକୁ ମଧ୍ୟ ପଛାଇ ଯାଇନାହିଁ। କଇଁ ନିଜ ବାପ ପାଟିରେ ଭାତ ଦେବାପାଇଁ ନିଜ ଦେହକୁ ପରପୁରୁଷ ଆଗରେ ଅଜାଡ଼ି ଦେଇଛି। ପୁନି ବଞ୍ଚିବା ପାଇଁ ମଧୁ ବାଉରୀର ହାତ ଧରିଛି। ଲୋକକଙ୍କର ଘରଦ୍ୱାର, ଜମିବାଡ଼ି ସବୁ ଚାଲିଯାଇଛି। ଧନୀକ ଶ୍ରେଣୀର ଲୋକେ ସୁଯୋଗ ଦେଖି ଲୋକଙ୍କୁ ନିସ୍ୱ କାଙ୍ଗାଳ କରିଦେଇଛନ୍ତି। ଅର୍ଥନୈତିକ ବିପ୍ଳାତ କ୍ଷଣକ ପାଇଁ ହୋଇଥିଲେ ମଧ୍ୟ ସାମାଜିକ ବିପ୍ଳାତ ଏକ ପ୍ରଧାନ ଘଟଣା ରୂପେ ତତ୍କାଳୀନ ସମାଜରେ ଦେଖାଦେଇଛି ।

ସମାଜରେ ଥିବା ଜାତିପ୍ରଥା ମଣିଷକୁ ଅମଣିଷ କରିଦେଇଛି। ମଣିଷକୁ ହୀନ ସ୍ତରକୁ ଓହ୍ଲାଇ ଦେଇଛି। ଏହାର କେତେକ ଦୃଷ୍ଟାନ୍ତ ଶାସ୍ତି ଉପନ୍ୟାସରେ ଦେଖିବାକୁ ମିଳେ। ଧର୍ମ ନାମରେ ଅଲୌକିକତାକୁ ଆଶ୍ରୟ ଦେଇ ମୂର୍ଖ ଓ ଗରିବମାନଙ୍କୁ ସର୍ବସ୍ୱାନ୍ତ କରିବାରେ ପୁରୋହିତ ରାମ ପ୍ରହରାଜଙ୍କ ପରି ଲୋକଙ୍କ ଅଭାବ ନାହିଁ। ଯେଉଁମାନେକି ପାପ ପାଇଁ ପ୍ରାୟଶ୍ଚିତ କରିବାର ରାସ୍ତା ବତାଇ ଅର୍ଥ ଲୁଣ୍ଠନ କରନ୍ତି। ଭୋକ ବିକଳରେ ଛତରରେ ପଶିଥିବା ସନେଇକୁ ବ୍ରାହ୍ମଣ ଭୋଜନ କରାଇ ଜାତି ହେବାକୁ ଉପଦେଶ ଦେଇଛନ୍ତି। ତା ନହେଲେ ସେ ସମାଜରେ ମିଶି ପାରିବ ନାହିଁ ସମାଜରେ ତାକୁ ନିଆଁ ପାଣି ବାସନ୍ଦ। ମୃତ୍ୟୁ ମୁଖରୁ ବଞ୍ଚିବା ପାଇଁ ପୁନି, ବାଉରୀ ହାତରୁ ପାଣି ପିଇଲା ବୋଲି ସବୁଦିନ ପାଇଁ ବାଉରୀ ହୋଇଯାଇଛି । ତା'ଜାତି ଚାଲି ଯାଇଛି । କିନ୍ତୁ ଚିନ୍ତେଇ ସୋଇଁ ଧନୀ ହୋଇଥିବାରୁ ତାଙ୍କ ଆଗରେ ପୋଥିର ପାଠ ମଧ୍ୟ ବଦଳି ଯାଇଛି। ଔପନ୍ୟାସିକ କାହ୍ନୁଚରଣ ମହାନ୍ତି 'ଶାସ୍ତି' ଉପନ୍ୟାସରେ ଏକ ନୂଆ ଜାତିର ସୃଷ୍ଟି କରିଛନ୍ତି। ତାହା ହେଲା ମାନବଜାତି। ଯେଉଁଠି ଜାତିଆଣ ଭେଦ ଭାବ ନାହିଁ କି ଛୁଆଁ ଅଛୁଆଁ ନାହିଁ। ସମସ୍ତେ ଏକ। ଖଟିବେ, ଖାଇବେ। ଏହାର ଅଗ୍ରଣୀ ଭାବରେ ନାୟକ ସନେଇଁକୁ ଉପସ୍ଥାପିତ କରାଇ ଔପନ୍ୟାସିକ ନିଜ ମନୋଭାବର ପରିଚୟ ଦେଇଛନ୍ତି।

ସାମାଜିକ ଜନଜୀବନ ସହିତ ପୌରହିତ୍ୟ ପ୍ରଥା ଓତଃପ୍ରୋତ ଭାବରେ ଜଡ଼ିତ। ବାହାଘର, ମୃତାହ, ଗୋହତ୍ୟା ଆଦି କାର୍ଯ୍ୟରେ ପୁରୋହିତଙ୍କ ଏକାନ୍ତ ପ୍ରୟୋଜନ। ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ମଣିଷ ଏତେ ମାତ୍ରାରେ ଜଡ଼ିତ ଯେ, ସେଭଳି କର୍ମକୁ ତ୍ୟାଗକରି ତିଳେ ହେଲେ ଅଗ୍ରସର ହୋଇ ପାରୁନାହିଁ। କୌଣସି ବ୍ୟକ୍ତି ଯଦି ଏହାର ବିରୋଧରେ କାର୍ଯ୍ୟକରେ ସେ ହୁଏ ଜାତିଛଡ଼ା, ସମାଜଚ୍ୟୁତ। ସମାଜରେ ଏପରି ଅନେକ କୁସଂସ୍କାର ଭରି ରହିଥିଲା। ଏହି କୁସଂସ୍କାରଗୁଡ଼ିକୁ ଦୂରୀଭୂତ କରି ସମାଜକୁ ନୂତନ ସଂସ୍କାରାଲୋକରେ ଆଲୋକିକ କରିବା ପାଇଁ ଲେଖକ ବିଦ୍ରୋହ କରି ଉଠିଛନ୍ତି। ରାମ ପ୍ରହରାଜଙ୍କର ଅସଲ ସ୍ୱରୂପକୁ ଜନ ସମ୍ମୁଖରେ ପ୍ରକାଶ କରି ନିଜ ସଂସ୍କାରବାଦିତାର ପରିଚୟ ଦେଇଛନ୍ତି।

ତତ୍କାଳୀନ ସମାଜରେ ଜମିଦାର ସାହୁକାରମାନେ ସାଧାରଣ ଲୋକମାନଙ୍କୁ ବହୁତ ଶୋଷଣ କରୁଥିଲେ। ଶାସ୍ତି ଉପନ୍ୟାସରେ ଚିନ୍ତେଇ ସ୍ୱାଇଁ ହେଉଛନ୍ତି ସେଭଳି ଜଣେ ଚରିତ୍ର। ଦୁର୍ଭିକ୍ଷର କରାଳଗ୍ରାସରୁ ରକ୍ଷା ପାଇବା ପାଇଁ କିଛି ଧାନଚାଉଳ ଆଶାରେ ଲୋକେ ଚିନ୍ତେଇ ସ୍ୱାଇଁଙ୍କ ଦୁଆରେ ଠିଆ ହୋଇଛନ୍ତି। କିନ୍ତୁ ଚିନ୍ତେଇ ସୋଇଁ ଟଙ୍କା, ସୁନା, ଜମିର ପଟ୍ଟା ବଦଳରେ କିଛି ଧାନ ଦେଇ ଲୋକଙ୍କୁ ଠକିଛନ୍ତି। ବଂଶର ଆଭିଜାତ୍ୟ ଦେଖାଉଥିବା ବନେଇ

ପରିଡ଼ା ମଧ୍ୟ ସେଥିରୁ ବାଦ୍ ଯାଇନାହାନ୍ତି । ନିୟତିର କ୍ରୁର ଅଟ୍ଟହାସ୍ୟ ନିକଟରେ ମିଳେଇ ଯାଇଛି ଦନେଇ ପରିଡ଼ାର ଦମ୍ଭ । କଠିଣ ପରିଶ୍ରମ କରି ଯେଉଁ ଜମିରୁ ସୁନା ଫଳାଉଥିଲେ ତାକୁ ବନ୍ଧା ଦେଇ ଚିନ୍ତେଇ ସୋଇଁଙ୍କଠାରୁ କିଛି ଧାନ ନେଇଛନ୍ତି । ସମୟର ସୁଯୋଗ ନେଇ ଚିନ୍ତେଇ ସୋଇଁ ଦନେଇକୁ ଉପହାସ କରିଛି । ଦନେଇ ପରିଡ଼ା ପରି କେତେ କେତେ ପରିବାର ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି । ଚିନ୍ତେଇ ସ୍ୱାଇଁ ସବୁ ଜମିକୁ ନିଜ ହେପାଜତରେ ରଖିବାର ସୁଯୋଗ ଜୁଟିଛି । କେବଳ ସେତିକିରେ ଚିନ୍ତେଇ ସୋଇଁର ମନବୋଧ ହୋଇନାହିଁ । ଧୋବୀର ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କର ମୃତ୍ୟୁପରେ ହରି ମହାନ୍ତିଙ୍କ ସହାୟତାରେ ତାଙ୍କ ଜମିକୁ ନିଜ ଜମି ସହ ମିଶାଇ କଳେବର ବୃଦ୍ଧି କରିଛି । ଜମିର ନିଶାରେ ମସଗୁଲ ରହି ଝିଅର ବୈଧବ୍ୟ ଯନ୍ତ୍ରଣା ପ୍ରତି ତିଳେ ହେଲେ ଦୃଷ୍ଟିପାତ କରିନାହିଁ ।

ସେତେବେଳର ଜମିଦାରମାନେ ପ୍ରଜାମାନଙ୍କର ସୁଖ ସୁବିଧା ପ୍ରତି ଦୃଷ୍ଟି ଦେଉନଥିଲେ । ତାର ଏକ ଜ୍ୱଳନ୍ତ ଉଦାହରଣ ନିମପୁରର ଜମିଦାର ଶିବ ଛୋଟରାୟ । ଯିଏକି ଖାଇପିଇ, ମଉଜ ମଜ୍‌ଲିସ କରି ପଶାଖେଳରେ ସମୟ ଅତିବାହିତ କରୁଥିଲେ । କିନ୍ତୁ ଜିତେଇ ନାଏକଙ୍କ ଭଳି ଲୋକ ମଧ୍ୟ ଥିଲେ ଯିଏକି ପୁତ୍ରବଧୂର ମୁହଁ ଚାହିଁ କଙ୍କାଳମାନଙ୍କର ସେବା କରିବା ସହିତ ନିଜର ଅମାର ଲୋକଙ୍କ ପାଇଁ ଖୋଲି ଦେଇଥିଲେ ।

ସମାଜରେ ପ୍ରଚଳିତ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର କିଛି ଚିତ୍ର ମଧ୍ୟ ଶାସ୍ତି ଉପନ୍ୟାସରେ ଦେଖିବାକୁ ମିଳେ । ବାରମାସକୁ ତେର ପର୍ବ ପରି ବିଷ୍ଣୁପୁର ଗ୍ରାମରେ ମଧ୍ୟ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ଲାଗିରହିଥାଏ । ଗ୍ରାମରେ ଦଶହରା, ଦୋଳପୂର୍ଣ୍ଣିମା ଆଦି ପର୍ବପର୍ବାଣି ଲାଗି ରହିଛି । ରାମ ନବମୀରେ ଜନ୍ତାଳ ହେବାକୁ ସ୍ଥିର କରାଯାଇଥିବାରୁ ଚାରିଆଡ଼େ ଆନନ୍ଦର ସୁଅ ଛୁଟିଛି । ଗ୍ରାମବାସୀଙ୍କ ଅର୍ଥରେ ଚିନ୍ତେଇ ସ୍ୱାଇଁର ନାମକୁ ଉଚ୍ଚକୁ ନେବାକୁ ଗାଁ ସାରା ଚାନ୍ଦାଆଦାୟ ହୋଇଛି । କିନ୍ତୁ ସନେଇ ଜନ୍ତାଳ ପାଇଁ ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ଘୋଷଣା କରିଛି । ପୁଣି ରାମଲୀଳା ନାଟକରେ ହନୁମାନର ମୁଖା ପିନ୍ଧି ନାଚିଛି । ସେତେବେଳର ସମାଜରେ ବିଧବା ବିବାହ ପ୍ରଥା ନ ଥିବାରୁ ଧୋବୀ ଏତେ ଭଲ ପାଉଥିବା ସତ୍ତ୍ୱେ ସନେଇର ବାହାଘର ପ୍ରସ୍ତାବରେ ମୁହଁ ଖୋଲି ପାରିନାହିଁ । ସନେଇ ପରିଡ଼ାର ଭଉଣୀ ପୁନି ଜୀବିତ ଥିବାର ଖବର ପାଇ ମଧ୍ୟ ସମାଜର ଜାତିଆଣ ପ୍ରଥା ଭୟରେ ଶେଷ ପର୍ଯ୍ୟନ୍ତ ଦେଖା କରିବାକୁ ଯାଇନାହିଁ । ରହିମକୁ ସନେଇ ଘରେ ରଖିଥିଲେ ମଧ୍ୟ ତା ହାତରୁ ପାଣି ସୁଦ୍ଧା ସ୍ପର୍ଶ କରିନାହିଁ । ବିଶେଷ କରି ତତ୍କାଳୀନ ସମାଜରେ ପ୍ରଚଳିତ ଜାତିପ୍ରଥା, ପୌରହିତ୍ୟ ପ୍ରଥା, ଅନ୍ଧବିଶ୍ୱାସ, କୁସଂସ୍କାର ଓ ଜମିଦାର ସାହୁକାରଙ୍କର ଶୋଷଣର ଚିତ୍ରକୁ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଏହି ଉପନ୍ୟାସରେ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି ।

**ଶାସ୍ତି ଉପନ୍ୟାସରେ ଲେଖକଙ୍କ ଆଭିମୁଖ୍ୟ :**

ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି' ଉପନ୍ୟାସ ଓଡ଼ିଆ ସାହିତ୍ୟ ଜଗତରେ ଏକ ମାଇଲଖୁଣ୍ଟ । ନ'ଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ କାଳୀନ ସମାଜର ଏକ ମାର୍ମିକ ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି । ଏହି ଉପନ୍ୟାସରେ ଲେଖକଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ପ୍ରତିକିତ ହୋଇଛି । ସମାଜର ପୁରୁଣା ବିଚାରଧାରା ବିରୁଦ୍ଧରେ ବିଦ୍ରୋହ କରିଛନ୍ତି ସନେଇ ଚରିତ୍ର ମାଧ୍ୟମରେ । ପୁରୋହିତ ରାମ ପ୍ରହରାଜ ଧର୍ମ ନାମରେ ଯେଉଁ ଭଣ୍ଡମି କରିଛି ତାକୁ ଔପନ୍ୟାସିକ ଘୃଣା ଚକ୍ଷୁରେ ଦେଖି ସମାଜକୁ ଦେଖାଇ ଦେଇଛନ୍ତି । ଦୁର୍ଭିକ୍ଷ ଫେରନ୍ତା କଙ୍କାଳସାର ସନେଇଁ

ଜାତି ହେବା ପାଇଁ ବ୍ରାହ୍ମଣ ଭୋଜନ, ପୂଜା ସାମଗ୍ରୀ ଏବଂ ଠାକୁରାଣୀ ମାର୍ଜନା ଦରକାର ପଡୁଥିବା ବେଳେ ସେହି ପ୍ରହରାଜଙ୍କ ପୋଥି ପାଠ ଓ ନିୟମ ଚିନ୍ତେଇ ସୋଇଁଙ୍କ ଧନ ପାଖରେ ଭିନ୍ନ ରୂପ ନେଇଛି । ପଘାରେ ଗୋରୁ ମଲେ, ବ୍ରାହ୍ମଣ ଶାନ୍ତ ହେଲେ ପାତକ ଦୋଷରୁ ମୁକ୍ତି ମିଳିବ। ଏପରି ଅଲୌକିକତା ଭଣ୍ଡାମୀ ବିରୁଦ୍ଧରେ ଔପନ୍ୟାସିକ ସ୍ୱର ଉତ୍ତୋଳନ କରିଛନ୍ତି। ପୁଣି ବିଦ୍ରୋହ କରିଛନ୍ତି ଅସମାନତା ବିରୁଦ୍ଧରେ। ଚିନ୍ତେଇ ସୋଇଁ ଧନ ଗର୍ବରେ ଅନ୍ଧ ହୋଇ ଧରାକୁ ସରା ତୁଲ୍ୟ ମନେ କରିଛନ୍ତି। ନିଜର ଧନ ଓ ପ୍ରତିପତ୍ତିକୁ ନେଇ କେତେକ ଲୋକ ଦେଖାଣିଆ କର୍ମର ଆଶ୍ରୟ ନେଇଛନ୍ତି। ଧନ ବଳରେ ସମସ୍ତଙ୍କର ହୃଦୟ ଜୟ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଗାଁ ଜନ୍ତାଳ ପାଇଁ ସନିଆଁ ସମସ୍ତ ଖର୍ଚ୍ଚ ବହନ କରି ଚିନ୍ତେଇ ସୋଇଁଙ୍କୁ ଉଚିତ୍ ଜବାବ ଦେଇଛି। ଧନବଳରେ ସନେଇ ହାତରେ ଧୋବୀ ଛନ୍ଦି ଦେବାକୁ ଯୋଜନା କରି ଦେଉଥିବା ଉଇଲକୁ ଫେରାଇଦେଇ ତାଙ୍କ ମନରେ ଏକ ଅଲିଭା ଦାଗ ଦେଇଛି। ଶେଷରେ ସନେଇର ସମସ୍ତ ଧନ ସମ୍ପତ୍ତି ଧୋବୀର ବୋଲି ସାବ୍ୟସ୍ତ କରି କଇଁ ଓ ସାଥୀ ଭାଇମାନଙ୍କୁ ଧରି ଖୁବ୍ ଦୂରକୁ ଚାଲିଯାଇଛି । ସନିଆକୁ ଶାସ୍ତି ଦେବାକୁ ଯାଇ ଚିନ୍ତେଇ ସ୍ୱାଇଁ ନିଜେ ଶାସ୍ତି ପାଇଛନ୍ତି । ସେ ଉପଲବ୍ଧି କରିଛନ୍ତି ବନେଇ ପରିଡ଼ାର ପୁଅ ସନେଇଁ ଗରିବ ସତ ; ହେଲେ ତାର ସ୍ଥାନ ତାଙ୍କଠାରୁ ବହୁ ଉର୍ଦ୍ଧ୍ୱରେ।

'ଶାସ୍ତି' ଉପନ୍ୟାସର ନାୟକ ସନେଇ ପେଟ ବିକଳରେ ଗାଁ ଛାଡ଼ି ଛତରରେ ପସିଥିଲେ ମଧ, ଗାଁ ଭୂଇଁର ଆକର୍ଷଣକୁ ଏଡ଼ି ନ ପାରି ଶେଷରେ ଗାଁକୁ ଫେରିଛି । ସେ ଛତରରେ ପଶି ତାର ଜାତି ହରାଇଛି ବୋଲି କେହି ତାକୁ ଗ୍ରହଣ କରିନାହାନ୍ତି। ତାର ପେଟକଥା କେହି ବୁଝିପାରିନାହାନ୍ତି। ଏକମାତ୍ର ଧୋବୀ ହିଁ ତାର ମନର କଥାକୁ ବୁଝିଲା ଏବଂ ସନିଆଁକୁ ବଞ୍ଚାଇବା ପାଇଁ ଶକ୍ତି ଓ ପ୍ରେରଣା ଦେଲା। ଚିନ୍ତେଇ ସୋଇଁ ଓ ପ୍ରହରାଜଙ୍କ ବିଚାର ବିରୁଦ୍ଧରେ ଲଢ଼େଇ କରିବାକୁ ସାହସ ଦେଲା। ପୁଣି ପିତାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ତା'ର ଶାଶୁଘର ଗାଁର ଲୋକମାନଙ୍କ ବନ୍ଧା ପଡ଼ିଥିବା ଜମିକୁ ବିନା ମୂଲ୍ୟରେ ମୁକୁଳାଇ ଦେଲା। ଧୋବୀର ଦେବୋପମ ପ୍ରକୃତି ଓ ଚିନ୍ତେଇଁ ସୋଇଁଙ୍କ ଲୋଭୀ ପ୍ରକୃତି ମଧରେ ଦ୍ୱନ୍ଦ୍ୱ ହୋଇ ସ୍ୱାଇଁଙ୍କୁ ନିରାଶ ହେବାକୁ ପଡ଼ିଛି । ଚିନ୍ତେଇ ସୋଇଁ ଧୋବୀକୁ ଅନେକ ପ୍ରକାରେ ବୁଝାଇଥିଲେ ମଧ ସେ ବୁଝିନାହିଁ। ଜମି ଦି'ମାଣ ଲାଗି ସନେଇକୁ ଫେରାଇ ଦେଇଥିବାର ପ୍ରତିଶୋଧ ସେ ଏହିପରି ନେଇଛି।

ତତ୍କାଳୀନ ସମାଜରେ ବିଧବା ବିବାହ ପ୍ରଥାର ପ୍ରଚଳନ ନଥିଲେ ମଧ ଅଳ୍ପ ବୟସରୁ ବିଧବା ହୋଇଥିବା ଧୋବୀର ଦୁଃଖକୁ ତାଙ୍କ ମା ଭଲଭାବରେ ବୁଝିପାରିଛନ୍ତି। ତାଙ୍କ ଦୃଷ୍ଟିରେ ଧୋବୀ ବିଧବା ନୁହେଁ । ଏଣୁ ସ୍ୱାମୀଙ୍କ ଇଚ୍ଛା ବିରୁଦ୍ଧରେ ସେ ଧୋବୀକୁ ସନେଇ ହାତରେ ଟେକି ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଜାଣି ଜାଣି ଧୋବୀର ଜୀବନ ନଷ୍ଟ କରିଦେବାକୁ ସେ ଚାହିଁ ନାହାନ୍ତି । ଏଥିପାଇଁ ଯଦି ଦରକାର ପଡ଼େ ତେବେ ସେ ସମାଜରୁ ବାସନ୍ଦ ହେବାକୁ ମଧ ପ୍ରସ୍ତୁତ ଅଛନ୍ତି। ସମାଜର ଡ଼ରରେ ଧୋବୀ ମଧ ସାବିତ୍ରୀ ଅମାବାସ୍ୟା ରାତ୍ରିରେ ସନେଇକୁ କଥା ଦେଇପାରି ନାହିଁ । ବିଧବା ବିବାହ ପ୍ରଥା ବିରୁଦ୍ଧରେ ମଧ ଔପନ୍ୟାସିକ ସ୍ୱର ଉତ୍ତୋଳନ କରିଥିବାର ଦେଖାଯାଏ।

ମଣିଷ ଆଶାରେ ବଞ୍ଚେ। ତାର ଆଶା ନ ଥିଲେ ତାର ଜୀବନ ସଂସାର ଅପ୍ରୟୋଜନ ହୋଇପଡ଼େ ଏବଂ ସେ ଆତ୍ମହତ୍ୟା କରିବାକୁ ଆଗେଇ ଆସେ। କାରଣ ଦୁନିଆଁରେ ସବୁଆଶା ତା ନିକଟରୁ ଦୂରେଇ ଯାଇଥାଏ। ଏଣୁ ଉପନ୍ୟାସରେ ଧୋବୀ କି ସନେଇଁ କେହି ହେଲେ ଆତ୍ମହତ୍ୟା କରି ନାହାନ୍ତି। ଜୀବନର ମୂଲ୍ୟକୁ ସେମାନେ

ବୁଝିଛନ୍ତି। ଆଶାଶୂନ୍ୟ ହୋଇନାହାନ୍ତି। ସନେଇର ଆଶା ଥିଲା ବୋଲି ସେ ମାଟି ସହିତ ମାଟି ହୋଇ କେବଳ ଧୋବୀ ପାଇଁ ବଞ୍ଚିଛି। ଶେଷରେ ଧୋବୀ ମନାକରିବାରୁ ଏକ ନୂତନ ସଂସାର ଗଢ଼ିବାର ଆଶାରେ ଦୂରକୁ ଚାଲିଯାଇଛି। ପୁନି ମଧ ଜୀବନର ଅନ୍ତିମ କାଳରେ ଜୀବନର ଆଶା ରଖି ବଞ୍ଚିରହିବାର ପ୍ରୟାସ କରିଛି। ଜାତି, ଅଜାତି, ଛୁଆଁ, ଅଛୁଆଁକୁ ନମାନି ମଧୁ ଭୋଇ ହାତରୁ ପାଣିଟୋପେ ପିଇ ଜୀବନ ବଞ୍ଚାଇଛି। ହରି ମହାନ୍ତି ମଧ ନିଜର ସମ୍ପତ୍ତି ବଢ଼ାଇବା ପାଇଁ ଜମିଲୋଭରେ ଚିନ୍ତେଇଁ ସୋଇଁଙ୍କ ପ୍ରିୟପାତ୍ର ହୋଇଛନ୍ତି। ନିଜ ମନକୁ ତୋଷ ରଖିବା ପାଇଁ କୁକର୍ମ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରିନାହିଁ।

ସନେଇ ଓ ଧୋବୀ ଚରିତ୍ର ମାଧ୍ୟମରେ ଔପନ୍ୟାସିକ ଅନାବିଳ ପ୍ରେମର କଥାକୁ ଉପସ୍ଥାପନା କରିଛନ୍ତି। ଉଭୟଙ୍କ ମଧ୍ୟରେ କାମୁକଭାବ ବା ଲମ୍ପଟ ଭାବ ନାହିଁ । ତା' ହୋଇନଥିଲେ ଜାଗର ରାତିରେ ତାରି ଘରେ ତାରି ହାତ ମୁଠାରେ ଧୋବୀକୁ ପାଇ ପ୍ରତ୍ୟାଖ୍ୟାନ କରିନଥାନ୍ତା। ଇଚ୍ଛା କରିଥିଲେ ସେଦିନ ସେ ଧୋବୀର ସତୀତ୍ୱ ନଷ୍ଟ କରି ପାରିଥାନ୍ତା । କିନ୍ତୁ ଏପରି ହୀନ ମନୋଭାବ ତା ମନ ମଧ ରେ ସ୍ଥାନ ପାଇ ନାହିଁ । ଯେଉଁଠାରେ ମନର ବୁଝାମଣା ଅଛି ସେଠାରେ ଯୌନ ବିକାରର ଲାଳସା ନାହିଁ। ସେଇଥିପାଇଁ ପଦିଏ ଉତ୍ତର ଆଶାରେ ସାବିତ୍ରୀ ଅମାବାସ୍ୟାର ଝଡ଼, ବର୍ଷା ରାତିରେ ସନେଇ ଛୁଟି ଯାଇଥିଲା ଧୋବୀ ପାଖକୁ। ଯେଉଁ ଧୋବୀ ତାକୁ ବଞ୍ଚାଇଛି, ସେହି ଧୋବୀକୁ ସେ ଜୀବନ ସାଥୀ ଭାବରେ ଗ୍ରହଣ କରିବାକୁ ଚାହେଁ। ପ୍ରବଳ ଇଚ୍ଛା ସତ୍ତ୍ୱେ ସମାଜର କୁସଂସ୍କାରଟନା ଭୟରେ ଧୋବୀର ଛାତି ଥରି ଉଠିଲା। ସମାଜ ତା ନିକଟରେ ପ୍ରାଚୀର ସଦୃଶ ଦଣ୍ଡାୟମାନ ହୋଇଛି। ମନର ସମସ୍ତ ବଳ ସଞ୍ଚୟ କରି ସନେଇ ନିକଟରେ ନୀରବ ରହିଛି। ସନେଇର ସୁଖ କାମନା କରି ନିଜେ ଆତ୍ମତୃପ୍ତି ଲାଭ କରିବାକୁ ଚେଷ୍ଟା କରିଛି।

ଆଲୋଚ୍ୟ ଉପନ୍ୟାସରେ ବ୍ୟକ୍ତିତ୍ୱବୋଧର ବିକାଶ କଥା ମଧ ସନେଇ ଚରିତ୍ର ମାଧ୍ୟମରେ ଦେଖାଇ ଦିଆଯାଇଛି। ସନେଇ ପରିସ୍ଥିତିରେ ପଡ଼ି ଭୋକର ଜ୍ୱାଳା ସହି ନପାରି ଗାଁ ଛାଡ଼ିଛି। ବାପକୁ ଠେଲି ଦେଇ ବାପ ହାତର ବାଡ଼ି ଧରି ଆଗେଇ ଯାଇଛି ପୁଣି ଛତରଖିଆ ହୋଇ ମଧ ଗାଁର ଲୋଭ ସମ୍ଭାଳି ନ ପାରି ଗାଁ ମାଟିକୁ ଫେରିଛି। ସମସ୍ତଙ୍କର ବିରୋଧ ସତ୍ତ୍ୱେ ସେ ନିଜ ଗୋଡ଼ରେ ଛିଡ଼ା ହେବାକୁ ଚେଷ୍ଟା କରିଛି। ନିଜ ବାହୁବଳରେ ଅନାବାଦି, ଅରମା ଜମିରେ ସେ ସୁନା 'ଳାଇଛି। ନିଜ ଗୋଡ଼ରେ ଠିଆ ହେବାସହ ପାଞ୍ଚପ୍ରାଣୀଙ୍କୁ ନିଜର କୁଟୁମ୍ବରେ ମିଶାଇ ଆଶ୍ରା ଦେଇଛି। ଉପନ୍ୟାସରରେ ସାମ୍ୟବାଦୀ ସମାଜର ପରକଳ୍ପନା ମଧ କରଯାଇଛି। ଧୋବୀର ଗୋଟିଏ ପଦ କଥାରେ ସନେଇର ସମସ୍ତ ଆଶାର ମିଳାଇ ଭାଙ୍ଗିରୁଚି ଚୁର୍ମାର ହୋଇଯାଇଛି। ସନିଆ ପାଇଁ ଜାତି ଅଜାତି ଛୁଆଁ ଅଛୁଆଁ ଭାବ ସବୁ ଭେଳିକି ସଦୃଶ ବୋଧ ହୋଇଛି। ସଂସାର ମିଛମାୟା ଭଳି ଅନୁଭବ ହୋଇଛି। ତାପରେ ସନେଇଁର ଜୀବନରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଛି। ରହିମ, କାଶିବେଜ୍, ଭରତ ସାମଲ, ଜୋହନ କାକା ଆଉ ବାଇଆଣୀ କଇଁ କୁ ନେଇ ଏକ ନୂତନ ସମାଜ ଗଢ଼ିଛି। ଯେଉଁଥିରେ କି ସମସ୍ତଙ୍କର ସମାନ ଅଧିକାର ରହିବ। ସମସ୍ତେ ଖଟିବେ, ଖାଇବେ ଆଉ ସାମ୍ୟବାଦର ବଜାୟ ରହିବ ।

ଏହିସବୁ ଦୃଷ୍ଟିରୁ ଶାସ୍ତି ଉପନ୍ୟାସରେ ଔପନ୍ୟାସିକଙ୍କର ଆଭିମୁଖ୍ୟ ବେଶ୍ ସ୍ପଷ୍ଟ ଭାବରେ ଜଣାପଡ଼େ।

## ଶାସ୍ତି ଉପନ୍ୟାସରେ ବ୍ୟବହୃତ ଭାଷା ଓ ଶୈଳୀ :

ଭାଷା ହେଉଛି ଭାବ ପ୍ରକାଶ କରିବାର ଏକ ପ୍ରଧାନ ମାଧ୍ୟମ। ନିଜ ମନର ଭାବକୁ ଭାଷା ମାଧ୍ୟମରେ ହିଁ ପ୍ରକାଶ କରାଯାଇଥାଏ। ସେଇଥିପାଇଁ ଉପନ୍ୟାସର ଗଠନରେ ଭାଷା ହେଉଛି ଏକ ଅତ୍ୟାବଶ୍ୟକୀୟ ବିଭବ। ଭାଷା ବ୍ୟତିରେକେ ଉପନ୍ୟାସର ସ୍ଥିତି କଳ୍ପନା ମଧ୍ୟ କରାଯଇ ନପାରେ। ଉପନ୍ୟାସ ସର୍ବଜନବୋଧ୍ୟ ହେବା ଉଦ୍ଦେଶ୍ୟରେ ଅନେକ ଔପନ୍ୟାସିକ ସହଜ, ସରଳ ଓ ସାବଲୀଳ ଭାଷାର ବ୍ୟବହାର କରି ଉପନ୍ୟାସ ରଚନା କରନ୍ତି। ଏହାଦ୍ୱାରା ଉପନ୍ୟାସରେ ଥିବା ସବୁ ଚରିତ୍ରର ଭାଷା ସମାନ ହୋଇଥାଏ। ଶିକ୍ଷିତ ଓ ଅଶିକ୍ଷିତ ଚରିତ୍ର ଭିତରେ ପାର୍ଥକ୍ୟ ଜଣାପଡ଼େ ନାହିଁ। ମାତ୍ର ଆଉକିଛି ଔପନ୍ୟାସିକ ପାତ୍ରୋଚିତ ଭାଷାର ବ୍ୟବହାର କରି ଉପନ୍ୟାସକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିଥାଆନ୍ତି। ଫଳରେ ଜଣେ ଶିକ୍ଷିତ ବ୍ୟକ୍ତିର ଭାଷା ମାର୍ଜିତ ଓ ସାଧୁଶବ୍ଦ ସମ୍ବଳିତ ହୋଇଥିବା ବେଳେ, ସାଧାରଣ ବ୍ୟକ୍ତିର ଭାଷା ନିତ୍ୟ ବ୍ୟବହୃତ ଭାଷାର ଅବିକଳ ହୋଇଥାଏ। ଉପନ୍ୟାସର ଭାଷା ସାଧାରଣତଃ ସରଳ, ସର୍ବଜନବୋଧ ଓ ହୃଦୟସ୍ପର୍ଶୀ ହେବା ଉଚିତ।

ଫକୀରମୋହନଙ୍କ ପୂର୍ବରୁ ଓଡ଼ିଆ ଉପନ୍ୟାସର ଭାଷା ଥିଲା ସାଧାରଣତଃ ସଂସ୍କୃତ ଅନୁସାରୀ। ଉମେଶ ଚନ୍ଦ୍ର ସରକାରଙ୍କର 'ପଦ୍ମମାଳୀ' ଉପନ୍ୟାସରେ କିଛି ସଂସ୍କୃତ ଶବ୍ଦର ପ୍ରୟୋଗ ମଧ୍ୟ ଦେଖାଯାଏ। ମାତ୍ର ଫକୀର ମୋହନଙ୍କ ସମୟରୁ ଉପନ୍ୟାସର ଭାଷାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ କରାଯାଏ। ତାଙ୍କ ସୃଷ୍ଟ ଉପନ୍ୟାସଗୁଡ଼ିକ ଏହି ଭାଷା କ୍ଷେତ୍ରରେ ଏକ ଏକ ମାଇଲଖୁଣ୍ଟ। ଫକୀରମୋହନଙ୍କ ପରବର୍ତ୍ତୀ କାଳର ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଦେଖାଦେଇଛି କବି ବା କଳାକାରର ଭାଷା। ଏ ପ୍ରକାରର ଭାଷା ସୃଷ୍ଟିରେ ଶ୍ରୀଯୁକ୍ତ କାହ୍ନୁଚରଣ ମହାନ୍ତି ଜଣେ ଅଦ୍ୱିତୀୟ ସ୍ରଷ୍ଟା। ଭାଷାର ସମତା ରକ୍ଷା କରିବା ତାଙ୍କ ରଚନାର ଏକ ବିଶେଷତ୍ୱ। ଯେଉଁ ଭାଷା କି କେବଳ ଶିକ୍ଷିତ ସମାଜକୁ ଚମତ୍କୃତ କରେ ନାହିଁ ବରଂ ଅଶିକ୍ଷିତ, ନିରକ୍ଷର ଲୋକଙ୍କୁ ମଧ୍ୟ ବିଭୋର କରଦିଏ। ହୁଏତ ତାହା ବାସ୍ତବ ବା ଚରିତ୍ର ଉପଯୋଗୀ ହୋଇନପାରେ, ତଥାପି ଗୋଟିଏ ପ୍ରକାରର ରୀତି ଓ ଭାଷାରେ ସମତା ରଖି ରଚନା କରିବା ଅନ୍ୟ କୌଣସି ଔପନ୍ୟାସିକଙ୍କ ସୃଷ୍ଟିରେ ଦେଖାଯାଏ ନାହିଁ। ଯେପରିକି – "ଖରା ପଡ଼ିଲା। ସନିଆ ପହଞ୍ଚିଲା ଗାଁ ମଝିରେ, କଦମ୍ବ ଗଛ ତଳେ, ଯେଉଁଠି ଗୋପୀନାଥ ମହାପ୍ରଭୁଙ୍କର ଛୋଟ ମନ୍ଦିର। ଆଗରେ ଚାନ୍ଦିନୀ। ଚାନ୍ଦିନୀ କଡ଼କୁ ଗୋପୀ ସାଗର, ବଡ଼ ପୋଖରୀ। ମନ୍ଦିର ଉପରେ ଉଠିଥିବା ଓସ୍ତ ଗଛଟା କେତେ ବଡ଼ ହୋଇଗଲାଣି। ଚେରମାନ ଲମ୍ବି ଆସିଲାଣି ତଳକୁ। ମନ୍ଦିର ଦେହରେ ଅଧ ଆଙ୍ଗୁଳେ ଚଉଡ଼ାରେ ଯେଉଁ ଫାଟଟି ହୋଇଥିଲା, ସେଇଠି ଏବେ ଦୁଇ ଆଙ୍ଗୁଳି ହେଲାଣି। ପୋଖରୀରେ ପଥର ପାହାଚଗୁଡ଼ିକ ପୋଖରୀ ପେଟକୁ ନେସଡ଼ି ପଡ଼ିଲାଣି।" ଏହା ଉପସ୍ଥାପନା ଶୈଳୀର ଭାଷା। ପୁଣି ଚରିତ୍ରୋପଯୋଗୀ ଭାଷା ମଧ୍ୟ ସେପରି ହୋଇପାରିଛି। ଯଥା- "ହରି ମହାନ୍ତି ସନିଆଁକୁ ଲକ୍ଷ୍ୟକରି କହିଲେ, ଆରେ ବୁଝିଲୁ ସନେଇଁ, ଯିଏ ମଲା ସେ ତ ନିଶ୍ଚିନ୍ତ ହେଲା। ଜାତି ଧର୍ମ ତା ପଛରେ ଧାଇଁ ଯାଏ ନାହିଁ। ଯିଏ ବଞ୍ଚେ ତାକୁ ତ ପୁଣି ଜାତିଆଣ କଥା ମାନି ଚଳିବାକୁ ହେବରେ ବାୟା। ଧର୍ମଛଡ଼ା ହୋଇତ ଆଉ ଚଳି ହେବ ନାହିଁ। ମୁଁ କହୁଛି କଣ କି, ପ୍ରହରାଜେ ଯାହା କହିଲେ ସେହି କଥା କର। ତେଣିକି ଆଉ କିଛି ବାଧା ନାହିଁ। ସେତକ ନ ହେବା ଯାଏ କାହାରି ଘରେ ତୁ ଗୋଡ଼ ଦେଇ ପାରିବୁ ନାହିଁ।"

ଧୋବୀ ଓ ସନେଇର କଥୋପକଥନରୁ ଔପନ୍ୟାସିକଙ୍କ ଭାଷାର ପ୍ରୟୋଗ ସୂତ୍ର ବାରି ହୁଏ। "ସନେଇଁ ଭାଇ, ତୋ ପାଖରେ ମୁଁ ଅପରାଧ କରିଛି। ମୋତେ କ୍ଷମା କର। ମୋର ପୋଡ଼ିଲା ଜଳିଲା ଜୀବନରେ ଆଉ ସୁଖ ଆନନ୍ଦ ନାହିଁ। ମୁଁ ବିଧବା। ସମାଜ, ଧର୍ମ, ଜାତିଆଣ, ଦୁନିଆ ଲୋକଙ୍କର ଭଲମନ୍ଦ କଥା, ମୋ ଚାରିପାଖରେ କେତେ ପରସ୍ତ କରି ଜାଲ ବେଢ଼ାଇ ରଖିଛି। ... ତାରି ଭିତରେ ଛଟପଟ ହେଉଥିବି ସନେଇଁ ଭାଇ, ମୋତେ କେହି ଉଦ୍ଧାର କରି ପାରିବେ ନାହିଁ। ... ସନେଇ କହିଲା ତୁ କାନ୍ଦୁଛୁ କାହିଁକି ? ଏଇଆ ଶୁଣିବି ବୋଲି ମୁଁ ପ୍ରସ୍ତୁତ ହୋଇ ଆସିଥିଲି। ତୋରି ମୁହଁରୁ ଶୁଣିଲେ ମୁଁ ନିଶ୍ଚିନ୍ତ ହୋଇ ଫେରିବି। ମୁଁ ଦୁଃଖ କରୁନାହିଁ। ମୁଁ ଆଜିଠାରୁ ସ୍ୱାଧୀନ ହେଲି ଧୋବୀ, ମୋତେ ଆଉ ମୁଖା ପିନ୍ଧି, ପୋଷାକ ପିନ୍ଧି, ଲାଙ୍ଗୁଡ଼ ବାନ୍ଧି ହନୁମାନ ସାଜି ନାଚିବାକୁ ହେବ ନାହିଁ।"

ପୁନି ମୁହଁରେ ଦିଆ ଯାଇଥିବା ଭାଷା ମଧ୍ୟ ପାତ୍ରୋଚିତ ହୋଇଛି। "ତମେ କଣ କହୁଛ ଭାଇ ? ତମର ଭଉଣୀ ପୁନି ଆଜି ଅଜାତି, ଅଛୁଆଁ, ପତିତା। ତମେ ମତେ ମନେ ପକାଇଛ, ଦେଖିବାକୁ ଆସିଛ, ମୋର ପିଲାକୁ କୋଳକୁ ନେଇଛ। ସେତିକି ମୋର ଯଥେଷ୍ଟ। ସରଗର ଚାନ୍ଦ ହାତରେ ପାଇଥିଲେ ମୁଁ ଏତେ ବଡ଼ ଖୁସି ହୋଇନଥାନ୍ତି। କେଉଁ ଜନ୍ମର ପୂଣ୍ୟବଳ ଥିଲା ବୋଲି ମୁଁ ତମର ଭଉଣୀ ହୋଇ ଜନ୍ମ ହୋଇଥିଲି। କେତେ ଜନ୍ମର ପାପର ଫଳରୁ ପୁଣି ମୁଁ ହେଲି ଅଜାତି। ... ଆଖିରୁ ଲୁହ ପୋଛି ପୁନି କହିବାକୁ ଲାଗିଲା, କେତେଥର ଭାବିଲି ଆତ୍ମହତ୍ୟା କରି କଳଙ୍କ ଲୁଚାଇ ଦେବି। ପାରିଲି ନାହିଁ। ଯିଏ ମତେ ମଶାଣି ଭୂଇଁରୁ ଗୋଟାଇ ଆଣିଥିଲା, ମୋ ପାଇଁ ଯିଏ କେତେ ଅତ୍ୟାଚାର ସହିଛି, କେତେ ଦୁଃଖ ଅଙ୍ଗେ ନିଭାଇଛି, ତାରି ମୁହଁକୁ ଚାହିଁଲେ, ତାରି ପିଲା ଏଇ କଳଙ୍କର ବୋଝକୁ ଦେଖିଲେ, ମରିବାକୁ ସାହସ ହୁଏ ନାହିଁ।"

ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ, ଏ ପ୍ରକାରର ଭାଷା ଅନ୍ୟ କୌଣସି ଉପନ୍ୟାସରେ ବିରଳ। ଚରିତ୍ର ମାଧ୍ୟମରେ ତା'ର ମନର ଭାବକୁ ଏତେ ସହଜ, ସରଳ, ସାବଲୀଳ, ହୃଦୟସ୍ପର୍ଶୀ ଭାଷାରେ ପ୍ରକାଶ କରିବାକୁ ଔପନ୍ୟାସିକ କେତେ ଯେ ସକ୍ଷମ ତାହା ଉପରୋକ୍ତ ଉଦାହରଣ ଗୁଡ଼ିକରୁ ସହଜରେ ଅନୁମେୟ। ତାଙ୍କ ଭାଷରେ ଆଉ ଏକ ବଡ଼ ବୈଶିଷ୍ଟ୍ୟ ହେଲା ସରଳତା। କ୍ଷୁଦ୍ର କ୍ଷୁଦ୍ର ବାକ୍ୟରେ ସରଳ ଶବ୍ଦର ପ୍ରୟୋଗରେ ଚରିତ୍ରର ମନୋଭାବ ବ୍ୟକ୍ତ କରିବାରେ ସେ ସିଦ୍ଧହସ୍ତ। ତାଙ୍କ ଭାଷାରେ ବହ୍ୟାଡ଼ମ୍ବର ନାହିଁ କି ବର୍ଣ୍ଣନାର ଚମତ୍କାରିତାରେ ତାହା ଅତି ରଞ୍ଜିତ ନୁହେଁ। ସମସ୍ତଙ୍କର ମନକୁ ଛୁଇଁଲା ପରି ସର୍ବଜନବୋଧଶବ୍ଦର ପ୍ରୟୋଗରେ ତାଙ୍କ ଉପନ୍ୟାସ ଜନାଦୃତ ହୋଇପାରିଛି।

ଭାଷା ଭଳି ଶୈଳୀ ମଧ୍ୟ ଗୋଟିଏ ଉପନ୍ୟାସକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରିଥାଏ। କେହି ଆତ୍ମକଥନ ଶୈଳୀର ବ୍ୟବହାର କରନ୍ତି ତ କେହି ପର କଥନ ଶୈଳୀର ବ୍ୟବହାର କରିଥାନ୍ତି। କେହି କେହି ପତ୍ର ଲିଖନ ଶୈଳୀକୁ ମଧ୍ୟ ଆପଣାଇଥାନ୍ତି। ନିର୍ଭର କରେ ଉପନ୍ୟାସର ବିଷୟବସ୍ତୁ ଓ ଔପନ୍ୟାସିକଙ୍କ ଉପରେ। ଶୈଳୀଟି ଏକାନ୍ତ ଭାବରେ ନିର୍ଭର କରେ ଔପନ୍ୟାସିକଙ୍କର ବ୍ୟକ୍ତିଗତ ଇଚ୍ଛା ଉପରେ। ଆଲୋଚ୍ୟ ଶାସ୍ତି ଉପନ୍ୟାସଟି ନ'ଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀକାଳୀନ କଥାବସ୍ତୁକୁ ନେଇ ରଚନା କରାଯାଇଥିବାରୁ ଏହାକୁ ବର୍ଣ୍ଣନାତ୍ମକ ଶୈଳୀରେ ଲେଖାଯାଇଛି ଏବଂ ଚରିତ୍ରମାନଙ୍କ ମୁଖରେ ପାତ୍ରୋଚିତ ଭାଷା ସଂଳାପର ପ୍ରୟୋଗ କରାଯାଇଛି।

ଉଭୟ ଭାଷା ଓ ଶୈଳୀ ଦୃଷ୍ଟିରୁ ଶାସ୍ତି ଉପନ୍ୟାସଟି ଏକ ସଫଳ ଉପନ୍ୟାସ ଭାବରେ ଆଦୃତି ଲାଭ କରି ପାରିଛି ଏହା ନିଃସନ୍ଦେହ।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଶାସ୍ତି ଉପନ୍ୟାସର ସଂକ୍ଷିପ୍ତ ସାରମର୍ମ ନିଜ ଭାଷାରେ ଲେଖ।

(ଖ) ଶାସ୍ତି ଉପନ୍ୟାସରୁ ସନିଆଁର ଚରିତ୍ର ଚିତ୍ରଣ କର।

(ଗ) ଶାସ୍ତି ଉପନ୍ୟାସରୁ ଧୋବୀର ଚରିତ୍ର ଚିତ୍ରଣ କର।

(ଘ) ଶାସ୍ତି ଉପନ୍ୟାସରୁ ଚିନ୍ତେଇ ସୋଇଁଙ୍କ ଚରିତ୍ର ଚିତ୍ରଣ କର।

(ଙ) ଶାସ୍ତି ଉପନ୍ୟାସରୁ ତତ୍କାଳୀନ ସମାଜ ଜୀବନର ଚିତ୍ର ସଂପର୍କରେ ଆଲୋଚନା କର।

(ଚ) ଶାସ୍ତି ଉପନ୍ୟାସରେ ଲେଖକଙ୍କ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର।

(ଛ) ଶାସ୍ତି ଉପନ୍ୟାସରେ ବ୍ୟବହୃତ ଭାଷା ଓ ଶୈଳୀ ସଂପର୍କରେ ଆଲୋଚନା କର।

## ୩.୬ ସହାୟକ ଗ୍ରନ୍ଥସୂଚୀ


- କାହ୍ନୁଚରଣ ଗ୍ରନ୍ଥାବଳୀ, ପ୍ରଥମ, ଦ୍ୱିତୀୟ,ତୃତୀୟ ଓ ଚତୁର୍ଥ ଖଣ୍ଡ, ଗ୍ରନ୍ଥମନ୍ଦିର, କଟକ-୨: ବ୍ରହ୍ମପୁର, ପ୍ରଥମ ମୁଦ୍ରଣ - ମାର୍ଚ୍ଚ -୧୯୬୬।
- କାହ୍ନୁଚରଣ ପରିକ୍ରମା, ପ୍ରକାଶକ - ଏକାମ୍ର ଥିଏଟର୍ସ, ରାମେଶ୍ୱର ପାଟଣା, ଭୁବନେଶ୍ୱର : ପ୍ରକାଶ କାଳ - ଡିସେମ୍ବର - ୧୯୮୩।
- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଡକ୍ଟର ବାଉରୀବନ୍ଧୁ କର, ପ୍ରକାଶକ - ଆଶା ପୁସ୍ତକାଳୟ, ବାରାକ୍, ବ୍ରହ୍ମପୁର-୧, ନୂତନ ସଂସ୍କରଣ-୧୯୯୭।
- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ପ୍ରଫେସର ବାଉରୀବନ୍ଧୁ କର, ପ୍ରକାଶକ- ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୨୦୧୮।


□□□



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in